بِسۡمِ اللّٰہِ الرَّحۡمٰنِ الرَّحِیۡمِ    نَحۡمَدُہٗ وَنُصَلِّیۡ عَلٰی رَسُوۡلِہِ الۡکَرِیۡمِ    وَعَلٰی عَبۡدِہِ الۡمَسِیۡحِ الۡمَوۡعُوۡدِ

وَلَقَدۡ نَصَرَکُمُ اللّٰہُ بِبَدۡرٍ وَّاَنۡتُمۡ اَذِلَّۃٌ

ଖଣ୍ଡ 4

ସଂଖ୍ୟା 29

ସାପ୍ତାହିକ

# ବଦର

Weekly BADAR Qadian Odia

କାଦିଆନ

ବାର୍ଷିକ ଦେୟ: ୫୦୦/-

ସମ୍ପାଦକ : କମରୁଲ ହକ୍ ଖାନ୍

ସହ-ସମ୍ପାଦକ : ମକସୁଦ୍ ଅଲୀ ଖାନ୍

www.akhbarbadarqadian.in

18 ଜୁଲାଇ 2019    18 ୱଫା 1398 ହି.ଶ    14 ଜୁଲ୍‌କାଦାଃ 1440 ହି.କ

## ଅଲ୍ଲାଃତାଲାଙ୍କ ବାଣୀ

وَاعۡتَصِمُوۡا بِحَبۡلِ اللّٰہِ جَمِیۡعًا وَّلَا تَفَرَّقُوۡا۪ وَاذۡکُرُوۡا نِعۡمَتَ اللّٰہِ عَلَیۡکُمۡ اِذۡ کُنۡتُمۡ اَعۡدَآءً فَاَلَّفَ بَیۡنَ قُلُوۡبِکُمۡ فَاَصۡبَحۡتُمۡ بِنِعۡمَتِہٖۤ اِخۡوَانًا ۚ ○ (آل عمران:104)

ଅନୁବାଦ- ଏବଂ ତୁମେମାନେ ସମସ୍ତେ ଅଲ୍ଲାଃଙ୍କ ରଜ୍ଜୁକୁ ଦୃଢ଼ ଭାବେ ଧାରଣ କର; ଏବଂ (ପରସ୍ପରଠାରୁ) ପୃଥକ ହୁଅ ନାହିଁ; ଏବଂ ତୁମମାନଙ୍କ ପ୍ରତି ଅଲ୍ଲାଃଙ୍କ କୃପାକୁ ସ୍ମରଣ କର, ଯେତେବେଳେ କି ତୁମେମାନେ (ପରସ୍ପରର) ଶତ୍ରୁ ଥିଲ, ସେ ତୁମମାନଙ୍କ ହୃଦୟରେ ପ୍ରେମ ଭାବ ଜାଗ୍ରତ କରାଇଲେ, ଯଦ୍ଦ୍ୱାରା ତୁମେମାନେ ତାହାଙ୍କ କୃପାରୁ ଭାଇଭାଇ ହୋଇଗଲ ।

*(ଆଲେ ଇମରାନ୍: ୧୦୪)*

## ଅହମଦୀୟା ଖବର

ଅଲ୍ଲାଃତାଲାଙ୍କ ଅସୀମ ଦୟା ବଳରୁ ସୟଦନା ହଜରତ ଅମିରୁଲ୍ ମୁମେନିନ୍ ଖଲିଫତୁଲ୍ ମସିହ ପଂଚମ[ଅ.ବ] କୁଶଳ ଓ ମଙ୍ଗଳରେ ଅଛନ୍ତି । **(ଅଲ୍‌ହମ୍‌ଦୋଲିଲ୍ଲାଃ)**

ହୁଜୁର ଅନ୍‌ୱରଙ୍କ[ଅ.ବ] ସୁସ୍ଥ,ସବଳ,ଦୀର୍ଘାୟୁ,ମହାନ ଉଦ୍ଦେଶ୍ୟରେ କୃତକାର୍ଯ୍ୟ ଏବଂ ବିଶେଷ ସୁରକ୍ଷାରେ ରହିବା ନିମନ୍ତେ ସମସ୍ତେ ଦୁଆ କରିଚାଲନ୍ତୁ । ଅଲ୍ଲାଃତାଲା ହୁଜୁରଙ୍କୁ[ଅ.ବ] ପ୍ରତ୍ୟେକ ମୁହୂର୍ତ୍ତରେ ସୁରକ୍ଷା,ସାହାଯ୍ୟ ଓ ସମର୍ଥନ ପ୍ରଦାନ କରନ୍ତୁ ।

॥ ଆମିନ୍ ॥ ॥

**ଅଲ୍ଲାହୁମ୍ମା ଐୟଦ୍ ଇମାମନା ବେରୁହିଲ୍ କୁଦୁସ୍ ୱ ବାରିକ୍‌ଲନା ଫି'ଉମ୍‌ରିହି ୱ ଅମ୍‌ରିହି ॥**

**ଏ ପୃଥିବୀ ଓ ଆକାଶର ସାକ୍ଷ୍ୟ କୌଣସି କୃତ୍ରିମ ଓ ମନଗଢ଼ା ଈଶ୍ୱରଙ୍କ ଅସ୍ତିତ୍ୱର ପ୍ରମାଣ ଦେଉନାହିଁ**

**ବରଂ ସେହି ଖୁଦା ଅହଦୁସ୍ ସମଦୁ ଲମ୍ ୟଲିଦ୍ ୱଲମ୍ ୟୁଲଦ୍ ର ହସ୍ତିକୁ ଦେଖାଉଛି ଯିଏ ହେଉଛନ୍ତି ଜିବନ୍ତ ଓ ପ୍ରତିଷ୍ଠିତ ଈଶ୍ୱର , ଯାହାକୁ ଇସ୍‌ଲାମ୍ ଉପସ୍ଥାପନ କରୁଅଛି**

**ଏ କଥାକୁ ଖୁବ୍ ମନେ ରଖ ଯେ, ଏଲ୍‌ହାମ୍‌ର ଆବଶ୍ୟକତା ହୃଦୟକୁ ସାନ୍ତ୍ୱନା ଦେବାପାଇଁ ଏବଂ ହୃଦୟକୁ ଅଟଳ ରଖିବା ପାଇଁ ଅତ୍ୟନ୍ତ ଜରୁରୀ ଅଟେ**

**ବୃକ୍ଷଲତାର ପତ୍ର ପତ୍ରରେ ଓ ଆକାଶର ନକ୍ଷତ୍ର ପୁଞ୍ଜରେ ତାହାଙ୍କ ନାମ ବଡ଼ ବଡ଼ ସ୍ପଷ୍ଟ ଅକ୍ଷରରେ ଲେଖା ହୋଇଅଛି ।**

**ହଜରତ ମସିହ ମଉଦଙ୍କ[ଆ.ସ] ନୀତି ବାଣୀ**

### ଇସ୍‌ଲାମର ଈଶ୍ୱର

ଇସ୍‌ଲାମ୍‌ର ଖୁଦା ଏପରି ଚକ୍ରବିହ୍ୟୁ ନୁହେଁ ଯେ ତାକୁ ବୁଦ୍ଧି ଉପରେ ପଥର ଲଦି ଜୋର ଜବରଦସ୍ତି ମନାଇବାକୁ ହେବ ଏବଂ ପ୍ରକୃତିର ପୃଷ୍ଠରେ ସେଥିପାଇଁ କୌଣସି ମଧ ପ୍ରମାଣ ନଥିବ ବରଂ ପ୍ରକୃତିର ବିଶାଳ ପୃଷ୍ଠରେ ଏହାର ଏତେମାତ୍ରାରେ ଚିହ୍ନ (ଓ ନିଦର୍ଶନ) ରହିଛି ଯେ ତାହା ସ୍ପଷ୍ଟରୂପେ ବତାଇ ଦେଉଛି କି ସେ (ଅର୍ଥାତ ଈଶ୍ୱର) ଅଛନ୍ତି । ଏହି ମହିମଣ୍ଡଳର ପ୍ରତ୍ୟେକ ବସ୍ତୁ ହେଉଛନ୍ତି ସେହି ଚିହ୍ନ ଓ ଫଳକ ସଦୃଶ ଯାହାକୁ ପ୍ରତ୍ୟେକ ସଡ଼କ ପଥ ବା ଗଳିର ମୁଣ୍ଡରେ ସେହି ସଡ଼କ ବା ସାହି ବା ସହରର ନାମ ଜାଣିବା ପାଇଁ ଲଗାଯାଇ ଥାଏ, ତାହା ଖୁଦାଙ୍କ ପ୍ରତି ମାର୍ଗଦର୍ଶନ କରିଥାଏ ଓ ସେହି ବିଦ୍ୟମାନ ଅସ୍ତିତ୍ୱର ଠିକଣା ହିଁ ନୁହେଁ ବରଂ ସାନ୍ତ୍ୱନା ମୁଳକ ପ୍ରମାଣ ଦେଇଥାଏ । ପୃଥିବୀ ଓ ଆକାଶର ସାକ୍ଷ୍ୟ କୌଣସି କୃତ୍ରିମ ଓ ମନଗଢ଼ା ଖୁଦାଙ୍କ ଅସ୍ତିତ୍ୱର ପ୍ରମାଣ ଦିଏ ନାହିଁ ବରଂ ସେହି **ଅହଦୁସ୍ ସମଦୁ ଲମ୍ ୟଲିଦ୍ ୱଲମ୍ ୟୁଲଦ୍** ଖୁଦାଙ୍କ ଅସ୍ତିତ୍ୱକୁ ଆମକୁ ଦେଖାଇଥାଏ ଯିଏ ହେଉଛନ୍ତି ଜୀବନ୍ତ ଓ ପ୍ରତିଷ୍ଠିତ ଈଶ୍ୱର ଯାହାକୁ ଇସ୍‌ଲାମ୍ ଉପସ୍ଥାପନ କରୁଅଛି । ସୁତରାଂ ପାଦ୍ରୀ ଫଂଣ୍ଡର ଯିଏ ପ୍ରଥମେ ହିନ୍ଦୁସ୍ତାନକୁ ଆସି ଧର୍ମତର୍କରେ ପାଦ ଥାପିଲା ଓ ଇସ୍‌ଲାମ୍ ଉପରେ କୁଟିପ୍ପଣୀ କଲା, ସେ ନିଜର ପୁସ୍ତକ ମିଜାନୁଲ୍ ହକ୍‌ରେ ନିଜେ ହିଁ ପ୍ରଶ୍ନ କରି ଲେଖିଛି ଯେ ଯଦି କୌଣସି ସ୍ଥାନରେ ଏପରି ଦ୍ୱିପ ଥିବ ଓ ସେଠାରେ ତସ୍‌ଲିସ୍ (ଅର୍ଥାତ୍ ତିନଟି ଈଶ୍ୱର)ର ଶିକ୍ଷା ଦିଆ ନ ଯାଇଥିବ ତେବେ କଣ ସେଠାରେ ରହୁଥିବା ଲୋକମାନଙ୍କ ଉପରେ ପରକାଳରେ ତସ୍‌ଲିସ୍ ପ୍ରଥା/ବିଶ୍ୱାସ ଆଧାରରେ ହିସାବ ନିଆଯିବ ? ପୁଣି ନିଜେ ହିଁ ଉତର ଦେଉଛି ଯେ ତାଙ୍କଠାରୁ ତୌହିଦ୍ (ଅର୍ଥାତ୍ ଏକେଶ୍ୱରବାଦ)ର ହିସାବ ନିଆଯିବ । ସୁତରାଂ ବୁଝିନିଅ ଯେ ଯଦି ତୌହିଦ୍‌ର ଛାପ ପ୍ରତ୍ୟେକ ବସ୍ତୁରେ ନଥାନ୍ତା ଓ ତସ୍‌ଲିସ୍ ଏକ ମନଗଢ଼ା ଓ କୃତ୍ରୀମ ବୋଲି ବିବେଚନା ନ ହୋଇଥାନ୍ତା ତେବେ ଏକେଶ୍ୱରବାଦର ବିଶ୍ୱାସ ଆଧାରରେ ହିସାବ କାହିଁକି ହୁଅନ୍ତା ।

### ଏକେଶ୍ୱରବାଦର ଚିହ୍ନ/ଛାପ ପ୍ରତ୍ୟେକ ବସ୍ତୁ ମଧ୍ୟରେ ରାଖାଯାଇଅଛି ।

ଅସଲ କଥା ହେଉଛି ଏହା କି ମନୁଷ୍ୟର ପ୍ରକୃତିରେ ହିଁ/ ସ୍ୱଭାବରେ ହିଁ **ଆ ଲସ୍‌ତୁ ବିରବ୍‌ବିକୁମ୍ କାଲୁ ବଲା** (ଆରାଫ୍: ୧୭୩)ର ଚିତ୍ର ଅଙ୍କିତ କରାଯାଇଅଛି ଓ ତସ୍‌ଲିସ୍‌ର ମନୁଷ୍ୟର ସ୍ୱଭାବ ସହିତ ଓ ସଂସାରର ସମସ୍ତ ବସ୍ତୁ ସହିତ କୌଣସି ସାମଞ୍ଜସ୍ୟ ନାହିଁ । ପାଣିର ଗୋଟିଏ ବୁନ୍ଦାକୁ ଦେଖ ତାହା ମଧ ଗୋଲାକାର, ତ୍ରୀଭୁଜ ଆକରର ନୁହେଁ । ଏଥିରେ ମଧ ସ୍ପଷ୍ଟରୂପେ ଏହା ମିଳୁଛି ଯେ ତୌହିଦ୍‌ର ଚିହ୍ନ/ଛାପ ପ୍ରକୃତିର ପ୍ରତ୍ୟେକ ବସ୍ତୁରେ ରଖାଯାଇଅଛି । ଖୁବ ଧ୍ୟାନ ଦେଇ ଦେଖ ପାଣିର ବୁନ୍ଦା ଗୋଲ୍ ହୋଇଥାଏ ଓ ଗୋଲାକାର ପୃଥିବୀ ରୂପରେ ତୌହିଦ୍ ରହିଥାଏ ସେଥିଯୋଗୁଁ ସେ ଦିଗ ମଧରେ ସୀମାବଦ୍ଧ ନୁହେଁ କିନ୍ତୁ ତ୍ରୀଭୁଜାକାର ବସ୍ତୁ ଦିଗର ଆବଶ୍ୟକ କରିଥାଏ । ତେଣୁ ଅଗ୍ନିକୁ ଦେଖ ତାର ରୂପ ମଧ ଗାଜର ସଦୃଶ ଏବଂ ତାହା ମଧରେ ଗୋଲାକାର ଆକୃତି ନିହିତ ରହିଛି । ସେଥିରୁ ମଧ ତୌହିଦ୍ (ଏକେଶ୍ୱରବାଦର) ଜ୍ୟୋତି ଝଲସୁଥାଏ । ପୃଥିବୀର ଦୃଷ୍ଟାନ୍ତ ନିଅ ଓ ଇଂରେଜ୍‌କୁ ହିଁ ପଚାରି ବୁଝିନିଅ ଯେ ତାହାର ଆକୃତି କି ପ୍ରକାରର ? ସେମାନେ କହିବେ ଗୋଲ୍ । ସୁତରାଂ ଯେତେ ମାତ୍ରାରେ ପୃଥିବୀକୁ ବିଶ୍ଳେଷଣ କରାଯିବ ସେତେ ମାତ୍ରାରେ ତୌହିଦ୍ ହିଁ ତୌହିଦ୍ ପରିପ୍ରକାଶ ହୋଇଚାଲିବ । ଅଲ୍ଲାଃ ତାଲା ଏହି ଆୟତ ଇନ୍ନା ଫି ଖଲ୍‌କିସ୍ ସମାୱାତି ୱଲ୍ ଅରଜ୍.... (ଆଲେ ଇମ୍‌ରାନ୍: ୧୯୧)ରେ ବତାଇଛନ୍ତି ଯେ ଯେଉଁ ଖୁଦାଙ୍କୁ କୁରଆନ୍ ଉପସ୍ଥାପନ କରୁଛି ତାହାଙ୍କ ନିମନ୍ତେ ପୃଥିବୀ ଓ ଆକାଶ ପ୍ରମାଣରେ ଭରି ରହିଛି । ମତେ ଜଣେ ହକିମ୍‌ଙ୍କ ଉକ୍ତି ବହୁତ ପସନ୍ଦ ଲାଗୁଛି ଯେ ଯଦି ସମସ୍ତ ପୁସ୍ତକକୁ ସମୁଦ୍ରରେ ଭସାଇ ଦିଆଯାଏ ତେବେ ପୁଣି ମଧ ଇସ୍‌ଲାମ୍‌ର ଖୁଦା ବାକି ରହିଯିବେ । ଏଥିପାଇଁ କି ସେ ତିନି ନୁହନ୍ତି, କୌଣସି କାହାଣୀ ନୁହନ୍ତି । ଅସଲରେ ଦୃଢ଼ କଥା ହେଉଛି ତାହା ଯାହାର ସତ୍ୟତା କୌଣସି ବିଶେଷ ବସ୍ତୁ ଉପରେ ଆଧାରିତ ଥିବ କି ଯଦି ତାହା ନ ରହିବ ତେବେ ତାର ଠିକଣା ଶୂନ୍ୟ । ଗପ ଓ କାହାଣୀର ଛାପ ନା ତ ହୃଦୟରେ ଥାଏ ନା ପ୍ରକୃତିର ପୃଷ୍ଠରେ ଥାଏ, ଯେ ପର୍ଯ୍ୟନ୍ତ କୌଣସି ପଣ୍ଡିତ, ପଣ୍ଡା ବା ପାଦ୍ରୀ ମନେ ରଖିଲା ସେ ପର୍ଯ୍ୟନ୍ତ ତା'ର ଅସ୍ତିତ୍ୱ ଠିକ ରହିଲା । ତା'ପରେ ଭୁଲ ଅକ୍ଷର ସଦୃଶ ଲିଭିଗଲା ।

### ପବିତ୍ର କୋରାନ୍‌ର ସାକ୍ଷ୍ୟ ପ୍ରକୃତିର ନିୟମର ମୁଖରୁ ପରିପ୍ରକାଶ ହୋଇଥାଏ

ଅଲ୍ଲାଃ ତାଲା କହୁଛନ୍ତି: ଇନ୍ନହୁ ଲକୁର୍‌ଆନୁନ୍ କରିମ୍ । ଫି କିତାବିମ୍ ମକ୍‌ନୁନ୍ । ଲା ୟମୁସ୍‌ସହୁ ଇଲ୍ଲଲ୍ ମୁତହରୁନ୍ (ୱାକେୟା: ୭୮-୮୦) ବରଂ ଏହି ସମଗ୍ର ବସ୍ତୁ ପ୍ରକୃତିର ନିୟମ ରୂପକ ସିନ୍ଦୁକ ଭିତରେ ସୁରକ୍ଷିତ ଅଛନ୍ତି । ଏହି ପବିତ୍ର କୋରାନ ଏକ ଲୁକ୍କାୟିତ ପୁସ୍ତକ ମଧରେ ରହିଛି, ଏହାର କଣ ଅର୍ଥ । ତାହାର ଅସ୍ତିତ୍ୱ କାଗଜ ଭିତରେ ସୀମିତ ନାହିଁ ବରଂ ତାହା ଏକ ଲୁକ୍କାୟିତ ପୁସ୍ତକ ଭିତରେ ବିଦ୍ୟମାନ ଅଛି । ଯାହାକୁ ପ୍ରକୃତିର ପୁସ୍ତକ କୁହାଯାଏ ଅର୍ଥାତ୍ କୋରାନ୍‌ର ସମସ୍ତ ଶିକ୍ଷାର ସାକ୍ଷ୍ୟ ପ୍ରାକୃତିକ କାନୁନର ଅଣୁ ଅଣୁର ମୁହଁରୁ ପ୍ରକାଶ ହେଉଅଛି । ତାହାର ଶିକ୍ଷା ଏବଂ ତା'ର ବୈଭବ କଥା ଓ କାହାଣି ନୁହେଁ ଯେ ଲିଭିଯିବ ।

### ଏଲ୍‌ହାମ୍ (ଅର୍ଥାତ୍ ଐଶିବାଣୀ)ର ଆବଶ୍ୟକତା

ପ୍ରତ୍ୟେକ ବ୍ୟକ୍ତି ଯେହେତୁ ବୁଦ୍ଧିଦ୍ୱାରା ବିଶ୍ୱାସର ସ୍ତର ପର୍ଯ୍ୟନ୍ତ ପହଂଚିପାରେ ନାହିଁ ସେଥିଯୋଗୁଁ ଏଲ୍‌ହାମ୍‌ର ଆବଶ୍ୟକ ହୋଇଥାଏ ଯାହା ଅନ୍ଧକାରରେ ବୁଦ୍ଧି ପାଇଁ ଏକ ଆଲୋକିତ ଦୀପ ସଦୃଶ ହୋଇ ସାହାଯ୍ୟ କରିଥାଏ । ଏହି କାରଣ ଯୋଗୁଁ ବଡ଼ ବଡ଼ ଦାର୍ଶନିକମାନେ ମଧ ବୁଦ୍ଧି ଉପରେ ଭରଷା କରି ପ୍ରକୃତ / ବାସ୍ତବିକ ଖୁଦାକୁ ପାଇପାରିଲେ ନାହିଁ । ସୁତରାଂ ଅଫଲାତୁନ୍ ପରି ଦାର୍ଶନିକ ମଧ ମୃତ୍ୟୁ ସମୟରେ ଏକଥା କହିବାକୁ ଲାଗିଲା ଯେ ମତେ ଭୟ ଲାଗୁଛି ତେଣୁ ଗୋଟିଏ ଠାକୁର ସମ୍ମୁଖରେ ମୋ ପାଇଁ ଏକ ଗଞ୍ଜା ବଳି ଦିଅ । ଏହାଠାରୁ ଅଧିକ ଆଉ କଣ କଥା ହୋଇପାରେ । ଅଫଲାତୁନ୍‌ର ଦର୍ଶନ, ତା'ର ବୁଦ୍ଧି ଏବଂ ଚତୁରାମି ତାକୁ ସେହି ସଚ୍ଚା ଶାନ୍ତି ଓ ତୃପ୍ତି ଦେଇ ପାରିଲା ନାହିଁ ଯାହା ଜଣେ ମୋମିନ୍‌ଙ୍କୁ ପ୍ରାପ୍ତ ହୋଇଥାଏ । ଏକଥା ଖୁବ୍ ମନେରଖ ଯେ ଏଲ୍‌ହାମ୍‌ର ଆବଶ୍ୟକତା ହୃଦୟର ସ୍ଥିରତା ଓ ମନର ଦୃଢ଼ତା ପାଇଁ ବହୁତ ଜରୁରୀ । ମୋ କହିବାର ଅର୍ଥ ହେଉଛି ଏହା କି ସର୍ବ ପ୍ରଥମେ ବୁଦ୍ଧିଦ୍ୱାରା କାମ ନିଅ ଓ ଏକଥା ମନେରଖ ଯେ ଯିଏ ବୁଦ୍ଧିଦ୍ୱାରା କାମ ନେବ ଇସ୍‌ଲାମର ଖୁଦା ତାକୁ ନିଶ୍ଚିତ ରୁପେ ଦେଖାଯିବ । କାରଣ ଗଛର ପତ୍ର ପତ୍ରରେ, ଆକାଶର ନକ୍ଷତ୍ରପୁଞ୍ଜରେ ତାର ନାମ ବଡ଼ ସ୍ପଷ୍ଟ ଅକ୍ଷରରେ ଲେଖାଯାଇଛି । କିନ୍ତୁ ସମ୍ପୂର୍ଣ୍ଣ ରୂପେ ବୁଦ୍ଧିର ଅଧିନସ୍ତ ହୋଇ ନଯାଅ । ଯଦ୍ଦ୍ୱାରା ଅଲ୍ଲାଃଙ୍କ ଏଲ୍‌ହାମ୍‌ର ମହତ୍ୱକୁ ଭୁଲିଯାଅ, ଯାହା ବିନା ନା ପ୍ରକୃତ ସାନ୍ତ୍ୱନା ଏବଂ ନା ଉତମ ଚରିତ୍ର ପ୍ରାପ୍ତ ହୋଇପାରେ । ବ୍ରହ୍ମ (ସମାଜର) ଲୋକମାନେ ମଧ ଶାନ୍ତି ଏବଂ ସଚ୍ଚା ଜ୍ୟୋତି ହାସଲ କରିପାରିବେ ନାହିଁ କାରଣ ସେମାନେ ଏଲ୍‌ହାମ୍‌ର ଆବଶ୍ୟକତାକୁ ମାନୁ ନାହାନ୍ତି । ଏପରି ଲୋକେ ଯେଉଁମାନେ ବୁଦ୍ଧିଆ ଲୋକ ହୋଇ ଏଲ୍‌ହାମ୍‌କୁ ନିରର୍ଥକ ଅଭିହିତ କରିଥାନ୍ତି ମୁଁ ବିଲ୍‌କୁଲ୍ ଠିକ୍ କହୁଛି ଯେ ସେମାନେ ବୁଦ୍ଧିଦ୍ୱାରା ମଧ କାମ ନେଉନାହାନ୍ତି । ଯେଉଁ ଲୋକମାନେ ବୁଦ୍ଧିଦ୍ୱାରା କାମ ନେଇଥାନ୍ତି, ସେମାନଙ୍କୁ ପବିତ୍ର କୋରାନ୍ ଉଲୁଲ୍ ଅଲ୍‌ବାବ୍ ବୋଲି ସମ୍ବୋଧନ କରିଅଛି । ପୁଣି ତା ଆଗକୁ କହୁଛନ୍ତି: ଅଲ୍ଲଜିନା ୟଜ୍‌କୁରୁନଲ୍ଲାହା କିୟାମନ୍ ୱ କୁଉଦୁନ୍ ୱ ଆଲା ଯୁନୁବିହିମ୍.....(ଆଲେ ଇମ୍‌ରାନ୍: ୧୨୯) ଏହି ଆୟତରେ ଅଲ୍ଲାଃ ତାଲା ଦ୍ୱିତୀୟ ପାର୍ଶ୍ୱ ବର୍ଣ୍ଣନା କରିଛନ୍ତି ଯେ ଉଲୁଲ୍ ଅଲ୍‌ବାବ୍ (ଅର୍ଥାତ୍ ଜ୍ଞାନ) ଏବଂ ଉତମ ବୁଦ୍ଧି ସେମାନଙ୍କ ନିକଟରେ ଥାଏ ଯେଉଁମାନେ ମହାମହିମ ଈଶ୍ୱରଙ୍କୁ ପ୍ରତିକ୍ଷଣ ମନେ ରଖିଥାନ୍ତି ଏକଥା ଭାବିବା ଉଚିତ ନୁହେଁ ଯେ ବୁଦ୍ଧି ଓ ଜ୍ଞାନ ଏପରି ବସ୍ତୁ ଅଟନ୍ତି ଯାହା ସହଜରେ ହାସଲ ହୋଇପାରେ, ନୁହେଁ ।

(ମଲ୍‌ଫୁଜାତ୍, ଖଣ୍ଡ,-୧, ପୃ ୫୩-୫୬ ମୁଦ୍ରଣ ୨୦୧୮ କାଦିୟାନ୍)

ପ୍ରିନ୍‌ଟର ଓ ପବ୍ଲିସର: ଜମିଲ୍ ଅହମଦ ନାସିର,ଫଜଲେ ଉମର ପ୍ରିନ୍‌ଟିଙ୍ଗ୍ ପ୍ରେସ୍ ,କାଦିଆନରେ ମୁଦ୍ରଣ କରି ବଦର କାର୍ଯ୍ୟାଳୟ କାଦିଆନ୍ ଦ୍ୱାରା ପ୍ରକାଶିତ କରାଗଲା । ପ୍ରୋପ୍ରାଇଟର ,ତତ୍ତ୍ୱାବଧାରକ ବଦର ବୋର୍ଡ଼ କାଦିଆନ୍

**ମୁଁ ଆପଣମାନଙ୍କ ଧ୍ୟାନ ଆକର୍ଷଣ କରାଉଛି ଯେ ମୋ ଖୁତ୍‌ବା ଯୁମା ଗୁଡ଼ିକୁ ବହୁତ ଧ୍ୟାନ ଦେଇ ଶୁଣନ୍ତୁ ଏବଂ ବୁଝିବାକୁ ଚେଷ୍ଟା କରନ୍ତୁ ଏବଂ ମୋ ଦ୍ୱାରା ବର୍ଣ୍ଣିତ ଉପଦେଶ ଓ ମାର୍ଗଦର୍ଶନର ଅନୁସରଣ କରନ୍ତୁ । ଏହା ଆପଣଙ୍କ ଇମାନ୍ ଏବଂ ନିଜାମେ ଖିଲାଫତ (ଅର୍ଥାତ୍ ଖିଲାଫତ୍ ବ୍ୟବସ୍ଥା) ସହିତ ସମ୍ପର୍କକୁ ସୁଦୃଢ଼ କରିବାର କାରଣ ହେବ ।**

**ଆପଣ ସର୍ବଦା ଖିଲାଫତ୍‌ର ବୈଭବର ସମ୍ମାନ କରନ୍ତୁ ଏବଂ ନିଶ୍ଚିତ କରନ୍ତୁ ଯେ ଆପଣମାନେ ଏବଂ ଆପଣଙ୍କ ଆସନ୍ତା ପିଢ଼ି/ବଂଶଧର ସର୍ବଦା ଖିଲାଫତର ବାବର୍‌କତ୍ ମାର୍ଗଦର୍ଶନ ଆଶିର୍ବାଦ ଓ ଦୂର୍ଗ ଭିତରେ ରହନ୍ତୁ ।**

**ମୁଁ ଆପଣମାନଙ୍କ ଧ୍ୟାନ ଆର୍କଷଣ କରାଉଛି ଯେ ବାରମ୍ବାର ନିଜର ଅନୁଧ୍ୟାନ କରି ନିଜର ଅନ୍ତଃ ଅବସ୍ଥାକୁ ଉତମ କରନ୍ତୁ । ପୂଣ୍ୟ ଓ ଧର୍ମ ପରାୟଣତାରେ ସର୍ବଦା ଆଗକୁ ବଢ଼ିଚାଲନ୍ତୁ । ନିଜର ପ୍ରତ୍ୟେକ କାର୍ଯ୍ୟ ଓ ଅମଲରେ ଉତମ ବ୍ୟବହାର ଏବଂ ଉତମ କାର୍ଯ୍ୟଶୈଳୀ ଆପଣାନ୍ତୁ । ମାନବ ସମାଜ ପ୍ରତି ଦୟା ଓ ଅନୁଗ୍ରହ ଦେଖାନ୍ତୁ । ଏବଂ ସର୍ବଦା ଉଦାହରଣୀୟ ଅହେମଦୀ ମୁସଲ୍‌ମାନ ହୁଅନ୍ତୁ ।**

## ଜଲ୍‌ସା ସାଲାନା ଯମାତ ଅହେମଦୀୟା ମାଲ୍‌ଟା (ୟୁରୋପ) ୨୦୧୮ ଅନୁଷ୍ଠିତ ହେବା ଅବସରରେ ସୟଦନା ହଜ୍‌ରତ୍ ଅମୀରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶେଷ ବାର୍ତା

ଯମାତ୍ ଅହେମଦୀୟା ମାଲ୍‌ଟା (ୟୁରୋପ) ୦୨ ଡ଼ିସେମ୍ବର ୨୦୧୮ ରବିବାର ଦିନ ନିଜର ଦ୍ୱିତୀୟ ଜଲ୍‌ସା ସାଲାନା ଅନୁଷ୍ଠିତ କଲା । ଜଲ୍‌ସା ସାଲାନାର କାର୍ଯ୍ୟକ୍ରମ ଗୋଟିଏ ଚର୍ଚ୍ଚର ଅଟ୍ଟାଳିକା Centru Famil Ja Mqadds ର ଗୋଟିଏ ହଲ୍‌ରେ ଅନୁଷ୍ଠିତ ହେଲା । ମୁକରମ୍ ମୌଲାନା ହୈଦର୍ ଅଲୀ ଜଫର୍ ସାହେବ ମୁବ୍‌ଲିଗ୍ ଏବଂ ନାଏବ ଅମୀର ଜର୍ମାନୀଙ୍କ ସଭାପତିତ୍ୱରେ ପ୍ରଥମ ଇଜ୍‌ଲାସ୍ ଅନୁଷ୍ଠିତ ହେଲା । ପବିତ୍ର କୋରାନ୍‌ର ଆବୃତି ଏବଂ ନଜମ୍ ପାଠପରେ ସୟଦନା ହଜରତ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅଙ୍କ ବିଶେଷ ବାର୍ତାକୁ ପଢ଼ି ତାକୁ ଶୁଣାଇଦିଆଗଲା ଯାହାକୁ ହଜୁର ଅନଓ୍ୱର ଏହି ଜଲ୍‌ସା ନିମନ୍ତେ ବହୁତ ସ୍ନେହର ସହିତ ପଠାଇଥିଲେ । ଏହାପରେ ଉର୍ଦ୍ଦୁ ଏବଂ ଇଂରାଜୀ ଭାଷାରେ ତକ୍‌ରିର୍ ହେଲା । ଏହି ଇଜ୍‌ଲାସ୍‌ର ଉଦଯାପନୀ ଭାଷଣ ମୁକ୍‌ରମ୍ ମୌଲାନା ହୈଦର ଅଲୀ ଜଫର ସାହେବ କଲେ । ଦ୍ୱିତୀୟ ଇଜ୍‌ଲାସ୍‌ରେ Interfaith Session ଅନୁଷ୍ଠିତ ହେଲା ଏହାର ବିଷୟବସ୍ତୁ ''ମୁହବତ୍ ସବ୍ କେ ଲିଏ ନଫରତ୍ କିସି ସେ ନେହିଁ'' ଅର୍ଥାତ୍ ପ୍ରେମ ସଭିଙ୍କ ପାଇଁ ଘୃଣା କାହାରିକୁ ନାହିଁ ରଖାଯାଇଥିଲା । ପବିତ୍ର କୋରାନ୍ ଆବୃତି କରିବା ପରେ ମୁକରମ୍ ମୌଲାନା ହାଇଦର ଅଲୀ ସାହେବ ହଜରତ ମସିହ ମଉଦ ଆ:ସଙ୍କ ଲେଖନୀର ଆଲୋକରେ ଉପସ୍ଥିତ ଲୋକମାନଙ୍କୁ ଜଲ୍‌ସା ସାଲାନା ଅନୁଷ୍ଠିତ ହେବାର ଉଦ୍ଦେଶ୍ୟ ବର୍ଣ୍ଣନା କଲେ । ଏହାପରେ ମାଲ୍‌ଟା ର ରାଷ୍ଟ୍ରପତିଙ୍କ ବାର୍ତା ପଢ଼ି ଶୁଣାଇ ଦିଆଗଲା । ଏହାପରେ ତିନିଜଣ ଅତିଥି ନିଜ ନିଜର ଅନୁଭବ ବର୍ଣନା କଲେ । ଇଜ୍‌ଲାସର ସମାପ୍ତିରେ ମୁକ୍‌ରମ୍ ଲୈକ ଅହମଦ୍ ଆତିଫ୍ ସାହେବ ମୁବ୍‌ଲିଗ୍ ଏବଂ ସଦର ଯମାତ୍ ମାଲ୍‌ଟା Inter religios Peace ବିଷୟବସ୍ତୁ ଉପରେ ଭାଷଣ ଉପସ୍ଥାପନ କଲେ । ଦୁଆ ପରେ ଜଲ୍‌ସାର ପରିସମାପ୍ତି ଘଟିଲା । ଜଲ୍‌ସାରେ ଯୋଗ ଦେଇଥିବା ଲୋକମାନଙ୍କର ଉପସ୍ଥାନ ୭୫ ଥିଲା । ୩୭ଜଣ ଅହେମଦୀ, ୨ଜଣ ଅଣଯମାତ୍ ମୁସଲ୍‌ମାନ ଏବଂ ୩୬ ଜଣ ଇସାଇ ବନ୍ଧୁ ଯୋଗଦେଇଥିଲେ । ସୟଦନା ହଜୁର ଅନଓ୍ୱର ଅ:ବ:ଅଙ୍କ ବିଶେଷ ବାର୍ତା ବଦର୍‌ର ପାଠକମାନଙ୍କ ନିମନ୍ତେ ଅଖ୍‌ବାର ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ୧୦ ମଇ ୨୦୧୯ଙ୍କୁ ଧନ୍ୟବାଦ ପ୍ରଦାନ କରି ପ୍ରକାଶ କରୁଅଛୁ । (କାର୍ଯ୍ୟାଳୟ)

***ଯମାତ ଅହେମଦୀୟା ମାଲ୍‌ଟାର ପ୍ରୀୟ ସଦସ୍ୟବୃନ୍ଦ***

***ଅସ୍‌ସଲାମୋ ଆଲୈକୁମ୍ ଓ୍ୱ ରହମତୁଲ୍ଲାହି ଓ୍ୱ ବର୍‌କାତୁହୁ***

ମୁଁ ବହୁତ ଆନନ୍ଦିତ ଯେ ଆପଣମାନେ ଦୁଇ ଡ଼ିସେମ୍ବର ଦିନ ନିଜର ଜଲ୍‌ସା ସାଲାନା ଅନୁଷ୍ଠିତ କରୁଛନ୍ତି । ମୋର ଏ ପ୍ରାର୍ଥନା ଯେ ଅଲ୍ଲାଃ ତାଲା ଆପଣଙ୍କ ଜଲ୍‌ସାକୁ ମହାନ ସଫଳତା ପ୍ରଦନା କରନ୍ତୁ ଓ ଏହି ଜଲ୍‌ସାରେ ସାମିଲ୍ ହୋଇଥିବା ଲୋକମାନଙ୍କୁ ଏହି ସ୍ୱତନ୍ତ୍ର ଧାର୍ମିକ ସମ୍ମିଳନୀରୁ ଭରପୁର ଆଧ୍ୟାତ୍ମିକ ଲାଭ ଉଠାଇବା ସଙ୍ଗେ ସଙ୍ଗେ ଅଗଣତି ବର୍‌କାତ୍ ହାସଲ କରିବା ପାଇଁ ଶକ୍ତି ପ୍ରଦାନ କରନ୍ତୁ ।

ମୁଁ ମୋ ଖୁତ୍‌ବା ଗୁଡ଼ିକରେ ଏ କଥା ଉପରେ ଗୁରୁତ୍ୱ ଦେଇଛି ଯେ ଆମକୁ ବାସ୍ତବିକ ଅହେମଦୀ ମୁସଲମାନ ହେବା ନିମନ୍ତେ ଅହରହ ଚେଷ୍ଟା ଚଳାଇବା ଉଚିତ ଏବଂ ବୟତ୍‌ର ସର୍ତାବଳୀ ଅନୁସାରେ ଯଥା ସମ୍ଭବ ପରିଚାଳିତ ହେବାପାଇଁ ଚେଷ୍ଟା କରିବା ଉଚିତ, ଯାହାର ଶପଥ ଆମେ ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସହିତ କରିଅଛେ, ଯାହାଙ୍କ ନିମନ୍ତେ ଆଁ ହଜରତ ସ:ଆ:ସ ''ଆମ ମେହେଦୀ'' ବୋଲି ସମ୍ମାନର ସହିତ ସମ୍ବୋଧନ କରିଛନ୍ତି ।

ଏ ସମ୍ବନ୍ଧରେ ହଜରତ ଅକ୍‌ଦସ୍ ମସିହ ମଉଦ ଆ:ସ କହୁଛନ୍ତି: ''ଯେଉଁମାନେ ଏହି ସିଲ୍‌ସିଲାରେ ପ୍ରବେଶ ହୋଇ ମୋ ସହିତ ନିଷ୍ଠାଭାବ ରଖିଛନ୍ତି ଓ ମତେ ବିଶ୍ୱାସ କରି ମୋର ଶିଷ୍ୟତ୍ୱ ଗ୍ରହଣ କରିଛନ୍ତି, ଏହାର ଉଦ୍ଦେଶ୍ୟ ହେଉଛି ଏହା କି ସେମାନେ ସତ୍‌କର୍ମୀ, ସଦାଚାରୀ ଓ ଧର୍ମପରାୟଣତାର ଉଚ୍ଚତମ ସ୍ତରକୁ ପହଂଚନ୍ତୁ । କୌଣସି ବିଭ୍ରାଟ, ଦୁଷ୍ଟାମି ଓ କୁକର୍ମ ସେମାନଙ୍କ ନିକଟକୁ ନ ଆସିପାରୁ । ସେମାନେ ପାଚଂବେଳା ନମାଜକୁ ବାଯମାତ୍ (ଅର୍ଥାତ୍ ସାମୁହିକଭାବେ) ନିୟମିତ ପାଠ କରନ୍ତୁ । ସେମାନେ ମିଛ ନ କୁହନ୍ତୁ । ସେମାନେ କାହାକୁ ନିଜ ଜିହ୍ୱା ଦ୍ୱାରା ଦୁଃଖ ନ ଦିଅନ୍ତୁ । ସେମାନେ କୌଣସି ପ୍ରକାରର ଦୁଷ୍କର୍ମ ନ କରନ୍ତୁ । କୌଣସି ଦୁଷ୍ଟାମି ଜୁଲମ ଓ ବିଭ୍ରାଟ ସୃଷ୍ଟି କରିବାର ଭାବନା ମଧ୍ୟ ମନ ଭିତରେ ନ ଆଣନ୍ତୁ । ସୁତରାଂ ପ୍ରତ୍ୟେକ ପ୍ରକାରର ପାପ, ଅପରାଧ, ଅପକର୍ମ, କୁଭାଷା ଓ ସବୁ ପ୍ରକାରର ମନର ବିକାର ଓ ନିରର୍ଥକ କାର୍ଯ୍ୟ କରିବାରୁ ନୁବୃତ ହୁଅନ୍ତୁ ଏବଂ ଖୁଦାଙ୍କ ପବିତ୍ର ହୃଦୟ, ନିର୍ଦ୍ଦ୍ୱନ୍ଦ ଓ ଦରିଦ୍ର ସ୍ୱଭାବ ସମ୍ପନ୍ନ ଭକ୍ତ ହୋଇଯାଆନ୍ତୁ ଓ କୌଣସି ପ୍ରକାରର ବିଷପୂର୍ଣ୍ଣ ତତ୍ୱ ତାଙ୍କ ଅସ୍ତିତ୍ୱରେ ନ ରହୁ ।''

*(ମଜ୍‌ମୁଆ ଇଶ୍‌ତେହାରାତ, ଖଣ୍ଡ-୩, ପୃ-୪୫-୪୭)*

ସୁତରାଂ କେବଳ ବିଶ୍ୱାସରେ ପରିବର୍ତନ ଆଣିବା ଯଥେଷ୍ଟ ନୁହେଁ ବରଂ ଜଣେ ଉତମ ଓ ନିଷ୍ଠାବାନ ଅହେମଦୀ ମୁସଲ୍‌ମାନ୍ ହେବା ପାଇଁ ନିଜର ସମସ୍ତ ଶକ୍ତି ଓ ସାମର୍ଥ୍ୟକୁ କାର୍ଯ୍ୟରେ ଲଗାଇ ବୟତ୍‌ର ସର୍ତାବଳୀ ମୁତାବକ ପରିଚାଳିତ ହେବା ଜରୁରୀ ଅଟେ । ବୟତର ଅର୍ଥ ହେଉଛି ନିଜକୁ ଖୁଦାତାଲାଙ୍କ ଖାତିର୍ ବିକ୍ରୀ କରିଦେବା । ଯିଏ ବୟତ କରିବାର ଶପଥ ନେଇଥାଏ. ତାକୁ ବିନ୍ରମତା ଆଚରଣ କରିବାକୁ ହେବ ଓ ନିଜକୁ ଗର୍ବ ଓ ଅହଂଙ୍କାରରୁ ସମ୍ପୂର୍ଣ୍ଣ ରୂପେ ଅଲଗା ରଖିବାକୁ ହେବ । ବୟତର ଅର୍ଥ ହେଉଛି ଈଶ୍ୱରଙ୍କ ନିର୍ଦ୍ଦେଶାବଳୀଗୁଡ଼ିକୁ ସମ୍ପୂର୍ଣ୍ଣ ରୂପେ ପାଳନ କରିବା । ଯଦି କିଏ ବାସ୍ତବିକ ଏପରି କରୁଥାଏ ତେବେ ଅଲ୍ଲାଃ ତାଲା ଏପରି ବ୍ୟକ୍ତିଙ୍କୁ ନଷ୍ଟ କରନ୍ତି ନାହିଁ ଓ ପ୍ରତିକ୍ଷେତ୍ରରେ ତାର ସୁରକ୍ଷା କରିଥାନ୍ତି ।

ମୁଁ ଆପଣମାନଙ୍କ ଧ୍ୟାନ ଆର୍କଷଣ କରାଉଛି ଯେ ବାରମ୍ବାର ନିଜର ଅନୁଧ୍ୟାନ କରି ନିଜର ଅନ୍ତଃ ଅବସ୍ଥାକୁ ଉତମ କରନ୍ତୁ । ପୂଣ୍ୟ ଓ ଧର୍ମ ପରାୟଣତାରେ ସର୍ବଦା ଆଗକୁ ବଢ଼ିଚାଲନ୍ତୁ । ନିଜର ପ୍ରତ୍ୟେକ କାର୍ଯ୍ୟ ଓ ଅମଲରେ ଉତମ ବ୍ୟବହାର ଏବଂ ଉତମ କାର୍ଯ୍ୟଶୈଳୀ ଆପଣାନ୍ତୁ । ମାନବ ସମାଜ ପ୍ରତି ଦୟା ଓ ଅନୁଗ୍ରହ ଦେଖାନ୍ତୁ । ଏବଂ ସର୍ବଦା ଉଦାହରଣୀୟ ଅହେମଦୀ ମୁସଲ୍‌ମାନ ହୁଅନ୍ତୁ ।

ମୁଁ ଆପଣମାନଙ୍କ ଧ୍ୟାନ ଆକର୍ଷଣ କରାଉଛି ଯେ ମୋ ଖୁତ୍‌ବା ଯୁମା ଗୁଡ଼ିକୁ ବହୁତ ଧ୍ୟାନ ଦେଇ ଶୁଣନ୍ତୁ ଏବଂ ବୁଝିବାକୁ ଚେଷ୍ଟା କରନ୍ତୁ ଏବଂ ମୋ ଦ୍ୱାରା ବର୍ଣ୍ଣିତ ଉପଦେଶ ଓ ମାର୍ଗଦର୍ଶନର ଅନୁସରଣ କରନ୍ତୁ । ଏହା ଆପଣଙ୍କ ଇମାନ୍ ଏବଂ ନିଜାମେ ଖିଲାଫତ (ଅର୍ଥାତ୍ ଖିଲାଫତ୍ ବ୍ୟବସ୍ଥା) ସହିତ ସମ୍ପର୍କକୁ ସୁଦୃଢ଼ କରିବାର କାରଣ ହେବ । ଏ ଯୁଗରେ ଇସ୍‌ଲାମ୍‌ର ଦ୍ୱିତୀୟ ପାଳିର କାର୍ଯ୍ୟ ଓ ବିଶ୍ୱଶାନ୍ତି ହାସଲ କରିବା କେବଳ ନେଜାମେ ଖିଲାଫତ୍ ସହିତ ସଂଶ୍ଲିଷ୍ଟ ରହି ହିଁ ପ୍ରାପ୍ତ କରାଯାଇପାରେ । ସୁତରାଂ ଆପଣମାନେ ସର୍ବଦା ଖିଲାଫତ୍‌ର ମହାନ୍ ବୈଭବକୁ ସମ୍ମାନ କରନ୍ତୁ ଏବଂ ଏହା ସୁନିଶ୍ଚିତ କରାନ୍ତୁ ଯେ ଆପଣମାନେ ଓ ଆପଣମାନଙ୍କ ଆସନ୍ତା ବଂଶଧର ସର୍ବଦା ଖିଲାଫତ୍‌ର ବାବାର୍‌କତ୍ ମାର୍ଗଦର୍ଶନ, ଆଶିର୍ବାଦ ଓ ଦୁର୍ଗ ଭିତରେ ରହନ୍ତୁ ।

ଅଲ୍ଲାଃ ତାଲା ଆପଣଙ୍କ ଜଲ୍‌ସାକୁ ମହାନ ସଫଳତା ପ୍ରଦାନ କରନ୍ତୁ ଏବଂ ଆପଣମାନଙ୍କୁ ବୟତର ସମସ୍ତ ସର୍ତାବଳୀ ମୁତାବକ ପରିଚାଳିତ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଅଲ୍ଲାଃ ତାଲା ଆପଣମାନଙ୍କୁ ତକଓ୍ୱା ଏବଂ ଆଧ୍ୟାତ୍ମିକତାରେ ଅନବରତ ଉନ୍ନତି କରିବାପାଇଁ ଶକ୍ତି ଦିଅନ୍ତୁ । ଅଲ୍ଲାଃ ତାଲା ଆପଣଙ୍କ ଜୀବନର ଏକ ବାସ୍ତବିକ ପରିବର୍ତନ ଆଣିଦିଅନ୍ତୁ ଫଳତଃ ଆପଣମାନେ ପବିତ୍ରତା ,ପୂଣ୍ୟକର୍ମ, ଇସ୍‌ଲାମର ସେବା ଏବଂ ମାନବ ସେବା କାର୍ଯ୍ୟରେ ଉନ୍ନତି କରି ଚାଲିବେ । ଅଲ୍ଲାଃ ତାଲା ଆପଣ ସମସ୍ତଙ୍କ ଉପରେ ବହୁତ ବହୁତ କୃପା କରନ୍ତୁ ।

**ଓ୍ୱସ୍ ସଲାମ୍**

**ମିର୍ଜା ମସ୍‌ରୁର୍ ଅହେମଦ୍**

**ଖଲିଫତୁଲ୍ ମସିହିଲ୍ ଖାମିସ୍**

## ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍

ସୟଦ୍‌ନା ହଜ୍‌ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ୧୨୫ ତମ ଜଲ୍‌ସା ସାଲାନା କାଦିଆନ୍ ନିମନ୍ତେ ୨୦୧୯ ମସିହା ଡିସେମ୍ବର୍ ତା-୨୭,୨୮,୨୯ ରିଖ (ଶୁକ୍ରବାର, ଶନିବାର, ରବିବାର) ଦିନ ଗୁଡିକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ଜମାତ୍‌ର ଲୋକମାନେ ବର୍ତମାନଠାରୁ ଦୁଆ ସହିତ ଏହି ମୋବାରକ୍ ଜଲ୍‌ସାରେ ସାମିଲ୍ ହେବା ପାଇଁ ନିୟତ କରି ପ୍ରସ୍ତୁତି ଆରମ୍ଭ କରି ଦିଅନ୍ତୁ । ଅଲ୍ଲାଃତାଲା ଆମ ସମସ୍ତଙ୍କୁ ଏହି ଲିଲାଃହି ଜଲ୍‌ସାରୁ ଲାଭବାନ୍ ହେବାପାଇଁ ଶକ୍ତି ପ୍ରଦାନ କରନ୍ତୁ । ଏହି ଜଲ୍‌ସା ସାଲାନା ପ୍ରତ୍ୟେକ କ୍ଷେତ୍ରରୁ ସଫଳ ଏବଂ ବାବର୍‌କତ୍ ହେବାପାଇଁ ତତ୍ ସହିତ ସୌଭାଗ୍ୟଶାଳୀ ଆତ୍ମାଗୁଡିକୁ ହିଦାୟତ୍ ମିଳିବା ପାଇଁ ଦୁଆ ଜାରି ରଖନ୍ତୁ । ଜଜାକମୁଲ୍ଲାଃ **(ନାଜର୍ ଇସ୍‌ଲାହ ଓ୍ୱ ଇର୍‌ଶାଦ୍ ମର୍କଜିଆ କାଦିଆନ୍)**

# : ଖୁତ୍‌ବା ଜୁମା :

**ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ, ''ସେହି (ୟୁନୁସ୍ ବିନ୍ ମତା) ମୋର ଭାଇ ଥିଲେ କାରଣ ସେ ମଧ୍ୟ ଅଲ୍ଲାଃଙ୍କର ନବୀ ଥିଲେ ଓ ମୁଁ ମଧ୍ୟ ଅଲ୍ଲାଃଙ୍କର ନବୀ ଅଟେ''**

**ଯେଉଁ ମହିଳାମାନଙ୍କର ମଧ୍ୟ ବଦରୀ ସାହାବା ର:ଅଙ୍କ ସହିତ ସମ୍ପର୍କ ଅଛି ସେହି ମହିଳାମାନଙ୍କର ଚର୍ଚ୍ଚା ମଧ୍ୟ କିଛି ସାହାବାମାନଙ୍କ ଜୀବନ ଚରିତ ଚର୍ଚ୍ଚା କରିବା ସମୟରେ ଆସିଯାଇଥାଏ ଯଦ୍ଦ୍ୱାରା ଉକ୍ତ ମହିଳାମାନଙ୍କ ଉଚ୍ଚ ପଦମର୍ଯ୍ୟାଦା ସମ୍ବନ୍ଧରେ ଆମେ ଅବଗତ ହୋଇପାରିବା ସେଥିପାଇଁ ସେମାନଙ୍କର ଚର୍ଚ୍ଚା ଏଠାରେ ମୁଁ କରିଥାଏ**

**ନବୀ ଅକ୍‌ରମ୍ ସ:ଆ:ସଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ଗୁଲାମ୍, ନିଷ୍ଠା ଓ ଭକ୍ତି ଭାବରେ ପରିପୂର୍ଣ୍ଣ ରସୁଲୁଲ୍ଲାଃ ସା:ଆ:ସଙ୍କ ବଦ୍ରୀ ସାହାବୀ ହଜରତ ଜୟଦ ବୀନ୍ ହାର୍‌ସା ଏବଂ ତାଙ୍କର ପତ୍ନୀ ହଜରତ୍ ଉମ୍ମେ ଅଏମନ୍ ରଜିଅଲ୍ଲାଃହୁ ଅନ୍‌ହୁମାଙ୍କ ପବିତ୍ର ଜୀବନ ଚରିତର ହୃଦୟସ୍ପର୍ଶୀ ଚର୍ଚ୍ଚା**

**ଉମ୍ମୁଲ୍ ମୁମିନିନ୍ ହଜରତ ଜଏନବ୍ ବିନ୍ତ ଯହଶ ରଜିଅଲ୍ଲାଃହୁ ଅନ୍‌ହାଙ୍କ ନିକାହ୍ ସମ୍ବନ୍ଧିତ ବିବରଣୀ ।**

**ଖୁତ୍‌ବା ଜୁମା: ସୟଦନା ଅମିରୁଲ ମୁମେନିନ ଖଲିଫତୁଲ ମସିହ ଖାମିସ୍[ଅ.ବ]**
**(ପ୍ରଦତ୍ତ: ୧୪ ଜୁନ୍ ୨୦୧୯ ଅନୁଯାୟୀ ୧୪ ଏହ୍‌ସାନ୍ ୧୩୯୮ ହିଜ୍‌ରି ଶମ୍‌ସି)**

**ଖୁତ୍‌ବା ଜୁମାର ଏହି ଆଲେ୍ଲଖ୍ୟଟି ବଦର୍ କାର୍ଯ୍ୟାଳୟ ଅଲ୍‌ଫଜଲ୍ ଇଂଟରନ୍ୟାସନାଲ ଲଣ୍ଡନର କାର୍ଯ୍ୟାଳୟକୁ ଧନ୍ୟବାଦ ଜଣାଇ ପ୍ରକାଶ କରୁଅଛୁ ।**

اَشْهَدُ اَنْ لَّآ اِلٰهَ اِلَّا اللّٰهُ وَحْدَهٗ لَا شَرِيْكَ لَهٗ وَاَشْهَدُ اَنَّ مُحَمَّدًا عَبْدُهٗ وَرَسُوْلُهٗ
اَمَّا بَعْدُ فَاَعُوْذُ بِاللّٰهِ مِنَ الشَّيْطٰنِ الرَّجِيْمِ- بِسْمِ اللّٰهِ الرَّحْمٰنِ الرَّحِيْمِ-
اَلْحَمْدُ لِلّٰهِ رَبِّ الْعٰلَمِيْنَ- الرَّحْمٰنِ الرَّحِيْمِ- مٰلِكِ يَوْمِ الدِّيْنِ- اِيَّاكَ نَعْبُدُ وَاِيَّاكَ نَسْتَعِيْنُ-
اِهْدِنَا الصِّرَاطَ الْمُسْتَقِيْمَ- صِرَاطَ الَّذِيْنَ اَنْعَمْتَ عَلَيْهِمْ ۙ غَيْرِ الْمَغْضُوْبِ عَلَيْهِمْ وَلَا الضَّآلِّيْنَ-
يٰٓاَيُّهَا الَّذِيْنَ اٰمَنُوْٓا اِذَا نُوْدِيَ لِلصَّلٰوةِ مِنْ يَّوْمِ الْجُمُعَةِ فَاسْعَوْا اِلٰى ذِكْرِ اللّٰهِ وَذَرُوا الْبَيْعَ ؕ
ذٰلِكُمْ خَيْرٌ لَّكُمْ اِنْ كُنْتُمْ تَعْلَمُوْنَ○ فَاِذَا قُضِيَتِ الصَّلٰوةُ فَانْتَشِرُوْا فِي الْاَرْضِ وَابْتَغُوْا مِنْ
فَضْلِ اللّٰهِ وَاذْكُرُوا اللّٰهَ كَثِيْرًا لَّعَلَّكُمْ تُفْلِحُوْنَ○ وَاِذَا رَاَوْا تِجَارَةً اَوْ لَهْوَا انْفَضُّوْٓا اِلَيْهَا وَتَرَكُوْكَ
قَآئِمًا ؕ قُلْ مَا عِنْدَ اللّٰهِ خَيْرٌ مِّنَ اللَّهْوِ وَمِنَ التِّجَارَةِ ؕ وَاللّٰهُ خَيْرُ الرّٰزِقِيْنَ○ (الجمعة 10 تا 12)

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ- ଗତ ଖୁତବାରେ ମୁଁ ହଜରତ ଜୈଦ୍ ବିନ୍ ହାରସା ର.ଅଙ୍କ ତାଇଫ୍‌ର ଯାତ୍ରା ସମ୍ବନ୍ଧରେ ଚର୍ଚ୍ଚା କରୁଥିଲି । ସେ ମଧ୍ୟ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ଉକ୍ତ ଯାତ୍ରାରେ ଯୋଗ ଦେଇଥିଲେ । ସେଥିସମ୍ବନ୍ଧରେ ଆଉ କିଛି ବ୍ୟାଖ୍ୟା ଯାହାକି ସିରତ୍ ଖାତମୁନ୍ ନବୀଇନ୍‌ରେ ହଜରତ ମିର୍ଜା ବଶିର ଅହମଦ ସାହେବ ଉଲ୍ଲେଖ କରିଛନ୍ତି ବର୍ଣ୍ଣନା କରିଦେଉଛି ।

ଶୋବେ ଅବି ତାଲିବ୍‌ରୁ ବାହାରିବା ପରେ ଆଁ ହଜ୍‌ରତ୍ ସ:ଆ:ସ ତାଏଫ୍ ଆଡକୁ ଯାତ୍ରା କରିଥିଲେ । ଯେତେବେଳେ ଏହି ବନ୍ଧନ ଶେଷ ହୋଇଗଲା ଓ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଚଳବିଚଳ କରିବାରେ କିଛିଟା ସ୍ୱାଧିନତା ମିଳିଲା ସେତେବେଳେ ଆପଣ ସ:ଆ:ସ ମନସ୍ଥ କଲେ କି ତାଏଫ୍‌ରେ ଯାଇ ସେଠିକାର ଲୋକମାନଙ୍କୁ ଇସ୍‌ଲାମ୍ ପ୍ରତି ନିମନ୍ତ୍ରଣ ଦେବି । ତାଇଫ୍ ଏକ ସୁପ୍ରସିଦ୍ଧ ସ୍ଥାନ ଯାହାକି ମକ୍କା ଠାରୁ ଦକ୍ଷିଣ ପୂର୍ବ ଦିଗରେ ୪୦ମିଲ ଦୂରରେ ଅବସ୍ଥିତ । ସେତେବେଳେ ସେଠାରେ ବନୁ ସକିଫ୍ ସମ୍ପ୍ରଦାୟର ଲୋକମାନେ ବସବାସ କରୁଥିଲେ । ଯଦି କାବାର ଗୁରୁତ୍ୱକୁ ଅଲଗା ରଖି ତୁଳନା କରାଯାଏ ତେବେ ତାଇଫ୍ ଓ ମକ୍କା ପରସ୍ପର ସମତୁଲ୍ୟ ସହର ହିଁ ଥିଲା । ସେଠାରେ ବଡ଼ ବଡ଼ ମାନ୍ୟଗଣ୍ୟ ଓ ଧନିକ ଶ୍ରେଣୀର ଲୋକମାନେ ବାସ କରୁଥିଲେ । ତାଇଫ୍‌ର ଏହି ବିଶେଷତ୍ୱ ମକ୍କାବାସୀ ମଧ୍ୟ ସ୍ୱୀକାର କରୁଥିଲେ । ବସ୍ତୁତଃ ଏହା ମକ୍କା ବାସୀଙ୍କର ହିଁ କଥନ ଯାହାକି ଅଲ୍ଲାଃତାଲା କୁରଆନ କରିମରେ ଦରଜ କରିଛନ୍ତି **ଲୌଲା ନୁଜ୍ଜିଲା ହାଜଲ୍ କୁରଆନୁ ଅଲା ରଜୁଲିମ୍ ମିନଲ୍ କର୍‌ୟାତୈନି ଅଜିମ୍** (ଯୁଖରୁଫ୍- ୩୨) ଅର୍ଥାତ ଏହି କୁରଆନ ଈଶ୍ୱରଙ୍କ ନିକଟରୁ ମକ୍କା ଅବା ଅଲଗା ସାକ୍ଷାତ କରି ଇସଲାମର ବାର୍ତା ପହଂଚାଇଲେ କିନ୍ତୁ ସେହି ସହରର ଦୁର୍ଭାଗ୍ୟ ମକ୍କା ପରି ସେହି ସମୟରେ ଇସଲାମ ସ୍ୱୀକାର କରିବା ତାହାର ଭାଗ୍ୟରେ ନଥିଲା । ଅତଏବ ସେଠାରେ ସମସ୍ତେ (ଇସଲାମର) ଅସ୍ୱୀକାର କଲେ ବରଂ ଥଟ୍ଟା ପରିହାସ କଲେ । ଶେଷରେ ହଜୁର ସ.ଅ ତାଇଫ୍‌ର ଖ୍ୟାତି ସମ୍ପର୍ଣ୍ଣ ବ୍ୟକ୍ତିତ୍ୱ ଅବଦ୍ ୟାଲୈଲଙ୍କ ନିକଟକୁ ଯାଇ ଇସଲାମ ସ୍ୱୀକାର କରିବାର ପ୍ରସ୍ତାବ ଦେଲେ କିନ୍ତୁ ସେ ମଧ୍ୟ ସ୍ୱଷ୍ଟ ଶବ୍ଦରେ ପ୍ରତ୍ୟାଖାନ କରିଦେଲା ବରଂ ହଜୁର ସ.ଅଙ୍କର ପରିହାସ କରି କହିଲା ଯେ ଯଦି ଆପଣ ସତ୍ୟବାଦୀ ତେବେ ମୋତେ ଆପଣଙ୍କ ସହିତ ବାର୍ତାଳାପ କରିବାର ସାହସ ନାହିଁ ଓ ଯଦି ଆପଣ ମିଥ୍ୟାବାଦୀ ତେବେ ପୁଣି କଥାବାର୍ତା କରିବା ନିରର୍ଥକ ଏବଂ ପୁଣି ସେ ଏକଥା ଭାବିଲା ଯେ କାଳେ ଆପଣ ସ:ଆ:ସଙ୍କ କଥାର ପ୍ରଭାବ ଏହି ସହରର ଯୁବକମାନଙ୍କ ଉପରେ ନପଡିଯାଉ ତେଣୁ ସେ ଆପଣ ସ:ଆ:ସଙ୍କୁ କହିଲା ଯେ ଭଲ ହେବ ଆପଣ ଏଠାରୁ ଚାଲିଯାଆନ୍ତୁ । କାରଣ ଏଠାରେ କୌଣସି ବ୍ୟକ୍ତି ଆପଣଙ୍କ କଥା ଶୁଣିବାକୁ ପ୍ରସ୍ତୁତ ନାହାଁନ୍ତି । ଏଥିଅନ୍ତେ ସେ ଖଳ ପ୍ରକୃତିର ଲୋକମାନଙ୍କୁ ଓ ଦୁର୍ବୃତମାନଙ୍କୁ ଆପଣଙ୍କ ପଛରେ ଲଗାଇ ଦେଇଥିଲେ । ହଜରତ ମହମ୍ମଦ ସ.ଅ ସହରରୁ ବାହାରିବା ମାତ୍ରେ ସେମାନେ ଚିତ୍କାର କରିବା ସହ ଆପଣଙ୍କ ପଛରେ ଲାଗିଗଲେ ଏବଂ ଆପଣଙ୍କ ଉପରେ ଟେକା ପଥର ବର୍ଷଣ କରିବା ଆରମ୍ଭ କରିଦେଲେ । ଯଦ୍ଦ୍ୱାରା ଆପଣଙ୍କ ସାରା ଶରୀର ରକ୍ତାକ୍ତ ହୋଇଗଲା । ଏବଂ ଯେଉଁ ପ୍ରଥମ ରିଓ୍ୱାୟତରେ ବର୍ଣ୍ଣିତ ଥିଲା କି ହଜ୍‌ରତ୍ ଜଏଦ୍ ବିନ୍ ହାର୍‌ସା ଆପଣ ସ:ଆ:ସଙ୍କ ସାଥିରେ ଥିଲେ । ହଜରତ ଜୈଦ୍ ବିନ୍ ହାରସାଙ୍କ ମସ୍ତକରେ ମଧ୍ୟ ଆଘାତ ଲାଗିଥିଲା କାରଣ ସେ ହଜୁର ସ.ଅଙ୍କ ଶରୀରରେ ପଥର ନଲାଗିବା ପାଇଁ ପ୍ରାଣପଣେ ଉଦ୍ୟମ କରୁଥିଲେ । ବରାବର ୩ମିଲ୍ ପର୍ଯ୍ୟନ୍ତ ସେମାନେ ଆପଣଙ୍କ ପଛରେ ଗାଳିଗୁଲଜ କରିବା ସହିତ ପଥର ବର୍ଷଣ କରିଚାଲିଥିଲେ ।

ତାଇଫ୍‌ରୁ ତିନି ମିଲ୍ ଦୂରରେ ମକ୍କାର ମୁଖୀଆ ଉତବା ବିନ୍ ରବିୟାଙ୍କର ଏକ ବଗିଚା ଥିଲା । ହଜୁର ସ.ଅ ଆସି ସେଠାରେ ଶରଣ ନେଲେ ଏବଂ ଅତ୍ୟାଚାରୀମାନେ ଥକିହାରୀ ଫେରିଗଲେ । ସେଠାରେ ଆପଣ ଏକ ବୃକ୍ଷ ଛାଇ ତଳେ ଛିଡ଼ା ହୋଇ ଅଲ୍ଲାଃଙ୍କ ଛାମୁରେ ପ୍ରାର୍ଥନା କଲେ କି- **ଅଲ୍ଲାଃହୁମ୍ମା ଇଲୈକା ଅଶ୍‌କୁ ଜୁଫା କୁଓ୍ୱତି ଓ୍ୱକିଲ୍ଲତା ହିଲତି ଓ୍ୱ ହଓ୍ୱାନୀ ଅଲନ୍‌ନାସୀ ଅଲ୍ଲାହୁମା ୟା ଅର୍‌ହମର୍ ରାହିମିନା ଅନ୍‌ତା ରବ୍‌ବୁଲ୍ ମୁସ୍‌ତଜ୍‌ଅଫିନା ଓ୍ୱ ଅନ୍‌ତା ରବ୍‌ବି** ଅର୍ଥାତ୍ - ହେ ପ୍ରଭୁ ! ନିଜର ଦୁର୍ବଳ ସାମର୍ଥ୍ୟ ଓ ସୀମିତ ଯୋଜନା ତଥା ଲୋକମାନଙ୍କ ମୁକାବିଲାରେ ନିଜ ଅସହାୟତାର ଅଭିଯୋଗ ତୁମ୍ଭ ନିକଟରେ ହିଁ କରୁଅଛି । **ହେ ପ୍ରଭୁ ! ତୁମ୍ଭେ ଅଶେଷ ଦୟାବାନ, ଦୁର୍ବଳ ଓ ନିରାଶ୍ରୟମାନଙ୍କର ତୁମ୍ଭେ ହିଁ ସାହା ଭରଷା । ତୁମ୍ଭେ ହିଁ ମୋର ପାଳନକର୍ତା, ମୁଁ ତୁମ ମୁଖର ପ୍ରକାଶର ଛାୟା ଲୋଡୁଅଛି କାରଣ ତୁମ୍ଭେ ହିଁ ଅନ୍ଧକାରକୁ ଦୂର କରି ମଣିଷକୁ ଇହ ଓ ପରକାଳର ସମୃଦ୍ଧିର ଉତରାଧିକାରୀ କରିଥାଅ ।**

ଉତବା ଓ ଶୈବା ସେତେବେଳେ ସେହି ବଗିଚାରେ ଉପସ୍ଥିତ ଥିଲେ । ଯେତେବେଳେ ସେମାନେ ହଜୁର ସ.ଅଙ୍କର ଏପରି ଅବସ୍ଥା ଦେଖିଲେ ସେତେବେଳେ ନିକଟ ସମ୍ପର୍କୀୟ ହୁଅନ୍ତୁ ବା ଜାତୀୟ ଭାବନା ହେଉ ବା ଅନ୍ୟ କୌଣସି କାରଣ ହେଉ ସେ ନିଜର ଖ୍ରୀଷ୍ଟିଆନ୍ ସେବକ ଅଦାସଙ୍କ ହସ୍ତରେ ଏକ ପାତ୍ରରେ କିଛି ଖଜୁରୁ ପଠାଇଲେ । ଆପଣ ତାହା ଗ୍ରହଣ କଲେ ଏବଂ ହଜୁର ଅଦାସଙ୍କୁ କହିଲେ ତୁମେ କେଉଁ ଅଂଚଳର ବାସିନ୍ଦା ? ଏବଂ କେଉଁ ଧର୍ମାବଲମ୍ବୀ

ଅଟ? ସେ କହିଲେ ମୁଁ ନୈନଓ୍ୱାର ବାସୀନ୍ଦା ଏବଂ ଖ୍ରୀଷ୍ଟ ଧର୍ମାବଲମ୍ବୀ ଅଟେ । ହଜୁର ସ.ଅ କହିଲେ କ'ଣ ସେହି ନୈନଓ୍ୱାର ଯାହାକି ଈଶ୍ୱରଙ୍କ ପୁଣ୍ୟବନ୍ତ ଭକ୍ତ ୟୁନୁସ୍ ବିନ୍ ମତାଙ୍କର ବାସସ୍ଥାଳି ଥିଲା? ଅଦାସ କହିଲେ ହଁ! କିନ୍ତୁ ଆପଣ ୟୁନୁସ ଅ.ସଙ୍କୁ କେମିତି ଜାଣନ୍ତି? ହଜୁର କହିଲେ ସେ ମୋର ଭାଇ ଥିଲେ କାରଣ ସେ ଅଲ୍ଲାଃଙ୍କ ନବୀ ଥିଲେ ଓ ମୁଁ ମଧ୍ୟ ଅଲ୍ଲାଃଙ୍କ ନବୀ ଅଟେ । ତା'ପରେ ହଜୁର ତାଙ୍କୁ ଇସଲାମର ସନ୍ଦେସ ଦେଲେ । ଯାହା ତାଙ୍କୁ ପ୍ରଭାବିତ କରିଥିଲା, ସେ ଆଗକୁ ବଢି ନୈଷ୍ଠିକ ବିଶ୍ୱାସୀଙ୍କ ପରି ଆପଣଙ୍କ ହସ୍ତ ଚୁମ୍ବନ କଲେ । ଏହି ଦୃଶ୍ୟ ଦୂରରେ ଥାଇ ଉତବା ଓ ଶୈବା ମଧ୍ୟ ଦେଖୁଥିଲେ । ଅତଏବ ଯେତେବେଳେ ଅଦାସ ସେମାନଙ୍କ ନିକଟକୁ ଫେରି ଆସିଲେ ସେତେବେଳେ ସେମାନେ କହିଲେ ଅଦାସ ତୁମକୁ କ'ଣ ହୋଇଗଲା ତୁମେ ସେହି ବ୍ୟକ୍ତିର ହାତ କାହିଁକି ଚୁମ୍ବନ କଲ । ସେ ତ ତୁମ ଧର୍ମକୁ ନଷ୍ଟ କରିଦେବ ଯେବେ କି ତୁମ ଧର୍ମ ହେଉଛି ତାଙ୍କ ଧର୍ମ ଠାରୁ ଶ୍ରେୟସ୍କର ।

ଏହାପରେ ପୁଣି ଆଁ ହଜ୍‌ରତ୍ ସ:ଆ:ସ କିଛି କ୍ଷଣ ଉକ୍ତ ବଗିଚ଼ରେ ବିଶ୍ରାମ ନେଲେ । ପୁଣି ସେଠାରୁ ବାହାରି ନଖଲାଠାରେ ପହଂଚିଲେ ଯାହା ମକ୍କାଠାରୁ ଏକ ମଞ୍ଜିଲ ଦୂରତାରେ ଅବସ୍ଥିତ । ସେଠାରେ ମଧ୍ୟ କିଛି ଦିନ ଆପଣ ସ:ଆ:ସ ରହିଲେ । ସେଠାରୁ ପୁଣି ଆପଣ ସ:ଆ:ସ ବାହାରି ହିରା ପାହାଡ ଠାରେ ପହଂଚିଲେ । ଯେହେତୁ ତାଏଫ୍‌ର ଯାତ୍ରା ପ୍ରକାଶ୍ୟରେ ଅସଫଳ ହୋଇଥିଲା ତେଣୁ ମକ୍କାର ଲୋକମାନେ ଆହୁରି ଅଧିକା ଦୁଷ୍ଟାମୀ କରିବାର ଭୟ ଥିଲା, ତେଣୁ ହିରା ପାହାଡଠାରୁ ଆପଣ ସ:ଆ:ସ ମୁତ୍‌ଇମ୍ ବିନ୍ ଅଦିଙ୍କୁ ଖବର ପଠାଇଲେ ଯେ ମୁଁ ମକ୍କାରେ ପ୍ରବେଶ କରିବାକୁ ଚାହୁଁଛି । ତେଣୁ ତୁମେ ମୋତେ ଏ କାର୍ଯ୍ୟରେ ସାହାଯ୍ୟ କରିପାରିବ କି? ମୁତ୍‌ଇମ୍ ଜଣେ ପକ୍କା କାଫିର ଥିଲା । କିନ୍ତୁ ଏହା ସତ୍ୱେ ମଧ୍ୟ ତାର ସ୍ୱଭାବ ଭଦ୍ର ସ୍ୱଭାବ ଥିଲା । ତେଣୁ ଏପରି ପରିସ୍ଥିତିରେ ଏକଥାକୁ ଅସ୍ୱୀକାର କରିବା ଆରବର ଭଦ୍ର ଲୋକମାନଙ୍କ ଚରିତ୍ରର ଖିଲାଫ୍ ଥିଲା ଯେ ଯଦି କେହି ଶରଣ ମାଗେ ତାକୁ ଶରଣ ନ ଦିଆଯାଉ । ସେ ଯାହାହେଉ ଆରବୀୟ ଲୋକମାନଙ୍କ ମଧ୍ୟରେ ଏହି ଗୁଣ ଜାହିଲିୟତ୍ ଯୁଗରେ ମଧ୍ୟ ବିଶେଷ ରୂପେ ଥିଲା । ସେଥିଯୋଗୁ ଯେ ନିଜ ପୁଅମାନଙ୍କୁ ଓ ନିକଟ ସମ୍ପର୍କୀୟଙ୍କୁ ସାଥିରେ ନେଇ ଏବଂ ସମସ୍ତେ ଅସ୍ତ୍ରଶସ୍ତ୍ର ଧରି କାବା ନିକଟରେ ଛିଡା ହୋଇଗଲେ ଓ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଖବର ଦେଲେ ଯେ ଆପଣ ଆସନ୍ତୁ ଆମେ ଆପଣଙ୍କୁ ଶରଣ ଦେଉଅଛୁ । ଆପଣ ସ:ଆ:ସ ଆସିଲେ ଓ କାବାର ତଓ୍ୱାଫ୍ ଅର୍ଥାତ୍ ପରିକ୍ରମା କଲେ । ଓ ସେଠାରୁ ମୁତ୍‌ଇମ୍ ଏବଂ ତାଙ୍କ ପୁତ୍ରମାନଙ୍କ ସହିତ ତରବାରିର ଛାଇତଳେ ରହି ନିଜ ଘରେ ପ୍ରବେଶ କଲେ । ରାସ୍ତାରେ ଯେତେବେଳେ ଅବୁ ଜହଲ୍ ମୁତ୍‌ଇମ୍‌ଙ୍କୁ ଏପରି ଅବସ୍ଥାରେ ଦେଖିଲା, ଆଶ୍ଚର୍ଯ୍ୟ ହୋଇ କହିଲା ଯେ କଣ ତୁମେ ମୁହମ୍ମଦ୍ ସ:ଆ:ସଙ୍କୁ କେବଳ ଶରଣ ଦେଇଛ ବା ତାଙ୍କ ଅନ୍ତର୍ଗତ ହୋଇଯାଇଛି? ମୁତ୍‌ଇମ୍ କହିଲା ମୁଁ କେବଳ ଶରଣ ଦେବାବାଲା, ତାଙ୍କ ଅନ୍ତର୍ଗତ ରହିବା ବାଲା ନୁହେଁ । ଏହା ଶୁଣି ଅବୁଜହଲ୍ କହିଲା ତେବେ କୌଣସି ଅସୁବିଧା ନାହିଁ । ସେ ଯାହାହେଉ ମୁତ୍‌ଇମ୍ କୁଫ୍‌ରୁ (ଅମାନ୍ୟକାରୀ) ଅବସ୍ଥାରେ ହିଁ ପ୍ରାଣତ୍ୟାଗ କଲା । (ସିରତ୍ ଖାତମୁନ୍ ନବୀଇନ୍ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୧୮୧-୧୮୩)

ସେ ଯାହା ହେଉ ମୁତ୍‌ଇମ୍‌ଙ୍କର ଏହା ଏକ ପୂଣ୍ୟକାର୍ଯ୍ୟ ଥିଲା । ହଜରତ ଜୈଦ ଯେତେବେଳେ ହିଜ୍‌ରତ୍ ଅର୍ଥାତ୍ ପ୍ରବାସ କରି ମଦିନା ପହଂଚିଲେ, ସେତେବେଳେ ସେ ହଜ୍‌ରତ୍ କୁଲ୍‌ସୁମ୍ ବିନ୍ ହିଜମ୍‌ଙ୍କ ଘରେ ରହିଲେ । ଯେବେ କି ଆଉ କେତେକଙ୍କ କଥା ମୁତାବକ ସେ ହଜ୍‌ରତ୍ ସାଆଦ୍ ବିନ୍ ଖୈସମାଙ୍କ ନିକଟରେ ରହିଲେ । ହଜରତ ମହମ୍ମଦ ସ.ଅ ଆପଣଙ୍କ ମୁଆଖାତ୍ ଅର୍ଥାତ୍ ଭାତୃ ସମ୍ପର୍କ ହଜରତ ଉସେଦ ବିନ୍ ହଜିରଙ୍କ ସହିତ କରାଇଥିଲେ । କେତେକ ଉଲ୍ଲେଖ କରିଛନ୍ତି ଯେ ହଜରତ ମହମ୍ମଦ ସ.ଅ ଆପଣଙ୍କ ଭାତୃ ସମ୍ପର୍କ ହଜରତ ହମଯାଃଙ୍କ ସହିତ ସ୍ଥାପନ କରିଥିଲେ । ଅର୍ଥାତ ହଜରତ ହମଜାଃଙ୍କୁ ଆପଣଙ୍କ ଭାଇ କରିଥିଲେ । ଏହି କାରଣରୁ ଓ୍ୱହଦ ଯୁଦ୍ଧ ଦିନ ହଜରତ ହମଜାଃ ଯୁଦ୍ଧ ସମୟରେ ହଜରତ ଜୈଦଙ୍କୁ ନିଜର ଉତରାଧିକାରୀ କରିଥିଲେ । (ତବକାତୁଲ୍ କୁବ୍‌ରା, ଖଣ୍ଡ - ୩, ପୃଷ୍ଠା-୩୨ ଜଏଦ୍ ବିନ୍ ହାର୍‌ସା, ମୁଦ୍ରଣ ଦାରୁଲ କୁତୁବୁଲ୍ ଇଲ୍‌ମିୟା ବେରୁତ) (ତବକାତୁଲ୍ କୁବ୍‌ରା, ଖଣ୍ଡ-୩, ପୃଷ୍ଠା-୬, ହମ୍‌ଜାଃ ବିନ୍ ଅବ୍‌ଦୁଲ୍ ମୁତଲିବ୍ ର:ଅ, ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା, ବେରୁତ)

ଏଥିସମ୍ବନ୍ଧରେ ହଜରତ ମିର୍ଜା ବଶିର ଅହମଦ ସାହେବ ସିରତ୍ ଖାତମୁନ୍ ନବୀଇନ୍‌ରେ ଅଧିକ ବ୍ୟାଖ୍ୟା କରି ଉଲ୍ଲେଖ କରିଛନ୍ତି ଯେ -

ମଦିନା ପହଂଚିବାର କିଛି ଦିନର ଅନ୍ତରରେ ହଜରତ ମହମ୍ମଦ ସ.ଅ ହଜରତ ଜୈଦ ବିନ ହାରସାଙ୍କୁ କିଛି ଅର୍ଥ ପ୍ରଦାନ କରି ମକ୍କା ପ୍ରେରଣ କରିଥିଲେ, ସେ କିଛି ଦିନ ମଧ୍ୟରେ ହଜୁର ସ.ଅଙ୍କ ପରିବାରର ସଦସ୍ୟବୃନ୍ଦଙ୍କୁ ସୁରକ୍ଷିତ ସାଥିରେ ନେଇ ମଦିନା ଫେରି ଆସିଥିଲେ । ତାଙ୍କ ସହିତ ଅବ୍‌ଦୁଲ୍ଲାଃ ବିନ୍ ଅବି ବକର୍, ହଜ୍‌ରତ୍ ଅବୁ ବକର୍ ର:ଅଙ୍କ ଘର ଲୋକମାନଙ୍କୁ ମଧ୍ୟ ସେ ସାଥିରେ ନେଇ ମଦିନା ପହଂଚିଥିଲେ । (ସିରତ୍ ଖାତମୁନ୍ ନବିଇନ୍, ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ଏମ୍.ଏ, ପୃଷ୍ଠା-୨୬୯)

ହଜ୍‌ରତ୍ ବରାଅ ର:ଅଙ୍କଠାରୁ ବର୍ଣ୍ଣିତ ଅଛି ଯେ ଯେତେବେଳେ ନବୀ କରିମ୍ ସ:ଆ:ସ ଜି କାଦାରେ ଉମ୍‌ରାଃ କରିବା ପାଇଁ ମନସ୍ଥ କଲେ ସେତେବେଳେ ମକ୍କାର ଅଧିବାସୀମାନେ ଆପଣ ସ:ଆ:ସଙ୍କୁ ମକ୍କାରେ ପ୍ରବେଶ କରିବା ପାଇଁ ରାଜି ହେଲେ ନାହିଁ । ପରିଶେଷରେ ଆପଣ ସ:ଆ:ସ ସେମାନଙ୍କ ସହିତ ଏହି ସର୍ତାବଳୀ ଉପରେ ସୁଲାହ୍ କଲେ ଯେ ଆପଣ ସ:ଆ:ସ ଆସନ୍ତା ବର୍ଷ ଉମ୍‌ରାଃ କରିବା ପାଇଁ ଆସିବେ ଓ ଏଠି ମକ୍କାରେ ତିନିଦିନ ପର୍ଯ୍ୟନ୍ତ ରହିବେ । ଯେତେବେଳେ ସୁଲାହ୍‌ନାମା (ଅର୍ଥାତ୍ ନିଷ୍ପତି ପତ୍ର) ଲେଖିବାକୁ ଲାଗିଲେ, ଲେଖିଲେ ଯେ ଏହା ହେଉଛି ସେହି ସର୍ତାବଳୀ ଯାହା ଉପରେ ମୁହମ୍ମଦ୍ ରସୁଲୁଲ୍ଲାଃ ସ:ଆ:ସ ସୁଲାହ୍ କରିଛନ୍ତି । ଏଥିରେ ମକାର ଅଧିବାସୀମାନେ କହିଲେ ଯେ ଆମେ ଏକଥାକୁ ମାନିବୁ ନାହିଁ । ଯଦି ଆମେ ଏକଥା ଜାଣିଥାଆନ୍ତୁ କି ଆପଣ ହେଉଛନ୍ତି ଅଲ୍ଲାଃଙ୍କ ରସୁଲ୍ ତେବେ ଆପଣଙ୍କୁ କଦାପି ରୋକି ନଥାନ୍ତୁ । ପୁଣି ସେମାନେ କହିଲେ ଯେ ଆମ ନିକଟରେ ଆପଣଙ୍କର ପରିଚୟ ହେଉଛି ମୁହମ୍ମଦ୍ ବିନ୍ ଅବ୍‌ଦୁଲ୍ଲାଃ (ଅର୍ଥାତ୍ ଅବ୍‌ଦୁଲ୍ଲାଃଙ୍କ ପୁତ୍ର ମୁହମ୍ମଦ୍) ଏହା ଶୁଣି ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ମୁଁ ମଧ୍ୟ ଅଲ୍ଲାଃଙ୍କର ରସୁଲ୍ ଅଟେ ଏବଂ ମୁହମ୍ମଦ୍ ବିନ୍ ଅବ୍‌ଦୁଲ୍ଲାଃ ମଧ୍ୟ ଅଟେ । ଆପଣ ସ:ଆ:ସ ହଜ୍‌ରତ୍ ଅଲୀଙ୍କୁ କହିଲେ ଯେ ଏହି ପତ୍ରରୁ ରସୁଲୁଲ୍ଲାଃର ଶବ୍ଦଟିକୁ କାଟିଦିଅ । ହଜ୍‌ରତ୍ ଅଲି ର:ଅ କହିଲେ କଦାପି ନୁହେଁ । ଅଲ୍ଲାଃଙ୍କ ରାଣ! ମୁଁ ଆପଣ ସ:ଆ:ସଙ୍କ ପଦବୀକୁ କଦାପି କାଟିବି ନାହିଁ ଅର୍ଥାତ୍ "ଅଲ୍ଲାଃଙ୍କ ରସୁଲ୍" ଶବ୍ଦଟିକୁ । ଅଲ୍ଲାଃତାଲା ଆପଣ ସ:ଆ:ସଙ୍କୁ ଯେଉଁ ପଦବୀ ପ୍ରଦାନ କରିଛନ୍ତି ତାହାକୁ ମୁଁ କାଟିପାରିବି ନାହିଁ । ରସୁଲୁଲ୍ଲାଃ ସ:ଆ:ସ ତାଙ୍କଠାରୁ ଲେଖାଯାଇଥିବା କାଗଜଟିକୁ ନେଇନେଲେ । ଆପଣ ସ:ଆ:ସ ଭଲଭାବେ ଲେଖିବା ଜାଣିନଥିଲେ । ତେଣୁ ଆପଣ ସ:ଆ:ସ ଏପରି ଲେଖିଦେଲେ ଯେ ଏହା ହେଉଛି ସେହି ସର୍ତାବଳୀ ଯାହାକୁ ମୁହମ୍ମଦ୍ ବିନ୍ ଅବ୍‌ଦୁଲ୍ଲାଃଙ୍କ ତରଫରୁ ଧାର୍ଯ୍ୟ ହୋଇଛି । ମକ୍କାକୁ କୌଣସି ଅସ୍ତ୍ର ଶସ୍ତ୍ର ଅଣାଯିବ ନାହିଁ, କେବଳ ତରବାରି ଯାହା ନିୟାମ (ଅର୍ଥାତ୍ ତରବାରିଟି ବନ୍ଦ ହୋଇ ରହୁଥିବା ଖୋଳ) ଭିତରେ ଥିବ ଏବଂ ମକ୍କାର ଅଧିବାସୀମାନଙ୍କ ମଧ୍ୟରୁ କାହାକୁ ମଧ୍ୟ ସାଥିରେ ନିଆଯିବ ନାହିଁ । ଯଦିଚ ସେ ତାଙ୍କ ସହିତ ଯିବାକୁ ଚାହୁଁଥିବା ମଧ୍ୟ । ସେହିପରି ନିଜ ସାଥିମାନଙ୍କ ମଧ୍ୟରୁ କାହାକୁ ମଧ୍ୟ ରୋକାଯିବ ନାହିଁ ଯଦିଚ ଯେ ମକ୍କାରେ ରହିବାକୁ ଚାହୁଁଥିବ । ସେ ଯାହାହେଉ ଉକ୍ତ ଚୁକ୍ତି ମୁତାବକ ଆଁ ହଜ୍‌ରତ୍ ସ:ଆ:ସ ଆସନ୍ତା ବର୍ଷ ମକ୍କାରେ ପ୍ରବେଶ ହେଲେ । ଯେତେବେଳେ ତିନିଦିନର ଅବଧି ଶେଷ ହୋଇଗଲା ସେତେବେଳେ କୁରୈଶ ହଜ୍‌ରତ୍ ଅଲୀ ର:ଅଙ୍କ ନିକଟକୁ ଆସି କହିଲେ ଯେ ମୁହମ୍ମଦ୍ ସ:ଆ:ସଙ୍କୁ ଯାଇ କୁହ କି ବର୍ତମାନ ସେ ଏଠାରୁ ଚାଲିଯାଆନ୍ତୁ । କାରଣ ଧାର୍ଯ୍ୟ ହୋଇଥିବା ସମୟ ଚାଲିଗଲାଣି । ତିନିଦିନ ରହିବା ପାଇଁ ସର୍ତ ରଖାଯାଇଥିଲା । ଏହି ତିନିଦିନ ବିତିଗଲାଣି । ସୁତରାଂ ନବୀ କରିମ୍ ସ:ଆ:ସ ସେଠାରୁ ଚାଲିଗଲେ । ହଜ୍‌ରତ୍ ହମ୍‌ଜାଃ ର:ଅଙ୍କ ସୁପୁତ୍ରୀ ଉମ୍ମାରାଃ, ଆଉ ଗୋଟିଏ ରିଓ୍ୱାୟତ୍ ଅନୁସାରେ ତାଙ୍କ ନାମ ଉମାମା ଓ ଅମତୁଲ୍ଲାଃ ମଧ୍ୟ ଉଲ୍ଲେଖ ରହିଛି । ସେ ଆଁ ହଜ୍‌ରତ୍ ସ:ଆ:ସଙ୍କ ପଛରେ ପଛରେ ଏକଥା କହି ଗୋଡାଉଥିଲେ ଯେ ହେ ଚାଚା! ହେ ଚାଚା! ହଜ୍‌ରତ୍ ଅଲୀ ର:ଅ ତାକୁ ଯେ ଧରିନେଲେ । ସେହି ପିଲାଟିର ହାତକୁ ଧରି ହଜ୍‌ରତ୍ ଫାତିମା ଆ:ସଙ୍କୁ କହିଲେ ଯେ ଆପଣ ନିଜ ଚାଚାଙ୍କ ଝିଅଙ୍କୁ ଧରି ନିଅ । ସେ ତାକୁ ସବାରୀରେ ଆରୋହଣ କରାଇନେଲେ । ହଜ୍‌ରତ୍ ଅଲୀ ର:ଅ, ହଜ୍‌ରତ୍ ଜଏଦ୍ ର:ଅ ଏବଂ ହଜ୍‌ରତ୍ ଜାଫର୍ ର:ଅ ହଜ୍‌ରତ୍ ହମ୍‌ଜାଃ ର:ଅଙ୍କ ଝିଅଙ୍କ ସମ୍ବନ୍ଧରେ ତର୍କ କରିବାକୁ ଲାଗିଲେ । ହଜ୍‌ରତ୍ ଅଲୀ ର:ଅ କହିଲେ ଯେ ମୁ ତ ତାଙ୍କୁ ନେଇ ଆସିଛି ଓ ସେ ମୋ ଚାଚାଙ୍କ ଝିଅ । ପୁଣି ହଜ୍‌ରତ୍ ଜାଫର୍ କହିଲେ ଯେ ସେ ମୋର ମଧ୍ୟ ଚାଚାଙ୍କ ଝିଅ ଅଟନ୍ତି ଓ ତାଙ୍କ ଖାଲା ଆସ୍‌ମା ହେଉଛନ୍ତି ମୋ ସ୍ତ୍ରୀ । ହଜ୍‌ରତ୍ ଜଏଦ୍ ର:ଅ କହିଲେ ଯେ ସେ ହେଉଛନ୍ତି ମୋ ଭାଇଙ୍କ ଝିଅ, ଯେପରିକି ଆଁ ହଜ୍‌ରତ୍ ସ:ଆ:ସ ମୁଆଖାତ୍ ପ୍ରତିଷ୍ଠା କରିଥିଲେ । ପୁଣି ନବୀ କରିମ୍ ସ:ଆ:ସ ଏକଥାର ନିଷ୍ପତି ଦେଲେ ଯେ ସେ ତାଙ୍କ ଖାଲାଙ୍କ ନିକଟରେ ରୁହନ୍ତୁ ଅର୍ଥାତ୍ ହଜ୍‌ରତ୍ ଜାଫରଙ୍କ ନିକଟରେ । ପୁଣି ଆପଣ ସ:ଆ:ସ କହିଲେ ଯେ ଖାଲା (ଅର୍ଥାତ୍ ମାଉସୀ) ହେଉଛନ୍ତି ମାଆଙ୍କ ସଦୃଶ । ହଜ୍‌ରତ୍ ଅଲୀ ର:ଅଙ୍କୁ କହିଲେ ତୁମେ ହେଉଛ ମୋ ନିଜର ଏବଂ ମୁଁ ତୁମର । ହଜ୍‌ରତ୍ ଜାଫର୍‌ଙ୍କୁ କହିଲେ ତୁମର ଚେହେରା ଓ ତୁମର ଚରିତ୍ର ମୋ ସହିତ ମେଳ ଖାଉଛି । ସେହିପରି ହଜ୍‌ରତ୍ ଜଏଦ୍‌ଙ୍କୁ କହିଲେ ଯେ ତୁମେ ହେଉଛ ଆମ ଭାଇ ଓ ବନ୍ଧୁ । ହଜ୍‌ରତ୍ ଅଲୀ କହିଲେ ଯେ ଆପଣ ହମ୍‌ଜାଃଙ୍କ ଝିଅଙ୍କୁ ବିବାହ କାହିଁକି କରି ନଉନାହାଁନ୍ତି? ଏଥିରେ ଆଁ ହଜ୍‌ରତ୍ ସ:ଆ:ସ କହିଲେ ଯେ ସେ ହେଉଛନ୍ତି ମୋର ରଜାଇ ଭାଇଙ୍କ ଝିଅ ଅର୍ଥାତ୍ ତାଙ୍କ ବାପା ଓ ମୁଁ ଜଣଙ୍କ ଠାରୁ କ୍ଷୀର ପିଇଛୁ ଓ ମୁଁ ଏହି ଝିଅର ଚାଚା ହେବି । ଏହି ରିଓ୍ୱାୟତ୍ ବୁଖାରୀରେ ଅଛି ଓ ସିରତୁଲ୍ ହଲ୍‌ବିୟାରେ ମଧ୍ୟ ରହିଛି । (ସହି ବୁଖାରୀ କିତାବୁଲ୍ ମଗାଜୀ.....ହଦିସ୍ ୪୨୫୧) (ସିରତୁଲ୍ ହଲ୍‌ବିୟା, ଖଣ୍ଡ-୩, ପୃଷ୍ଠା-୯୫....ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୨)

ହଜରତ ଜୈଦ ବିନ୍ ହାରସା ହଜରତ ଉମ୍ମେ ଅଏମନ୍‌ଙ୍କ ସହ ବିବାହ କରିଥିଲେ । ହଜ୍‌ରତ୍ ଉମ୍ମେ ଅଏମନ୍ ର:ଅଙ୍କ ନାମ ବର୍‌କାଃ ଥିଲା । ସେ ନିଜ ପୁତ୍ର ଅଏମନ୍‌ଙ୍କ ଯୋଗୁଁ ଉମ୍ମେ ଅଏମନ୍ ନାମରେ ସୁପ୍ରସିଦ୍ଧ ଥିଲେ । ସେ ହବଶାର ବାସୀନ୍ଦା ଥିଲେ ଏବଂ ହଜୁର ସ.ଅଙ୍କ ପିତା ହଜରତ ଅବଦୁଲ୍ଲାଃଙ୍କର ଦାସୀ ଥିଲେ । ତାଙ୍କ ଦେହାନ୍ତ ପରେ ସେ ହଜରତ ଆମିନାଙ୍କ

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ସଂସାର ପ୍ରାପ୍ତ କରିବାର ଅସଲ ଉଦ୍ଦେଶ୍ୟ ଦୀନ୍ (ଅର୍ଥାତ୍ ଧର୍ମ) ହେଉ ଓ ଏଭଳି ଭାବେ ସଂସାରକୁ ପ୍ରାପ୍ତ କରାଯାଉ ଯେ ତାହା ଦୀନ୍‌ର ଖାଦିମ୍ ଅର୍ଥାତ୍ ସେବକ ହେଉ ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୫ ମଇ ୨୦୧୭)*

ତାଲିବେ ଦୁଆ: *Siddique Ahmed & Family, Jamat Ahmadiyya, Kerang (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଯେ ପର୍ଯ୍ୟନ୍ତ ମୁସଲମାନ ପବିତ୍ର କୋରାନ୍‌କୁ ସମ୍ପୂର୍ଣ୍ଣରୂପେ ଅନୁସରଣ କରି ତ'ଉପରେ ପରିଚାଳିତ ନ ହୋଇଛନ୍ତି (ସେ ପର୍ଯ୍ୟନ୍ତ) ସେମାନେ କୌଣସି ପ୍ରକାରର ଉନ୍ନତି କରିପାରିବେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୭୯)*

ତାଲିବେ ଦୁଆ: *Abdur Rahman Khan & Family, Jamat Ahmadiyya, Pankal (Odisha)*

ସହିତ ରହୁଥିଲେ । ଯେତେବେଳେ ହଜୁର ସ.ଅଙ୍କର ବୟସ ୬ବର୍ଷ ଥିଲା ସେତେବେଳେ ଆପଣଙ୍କ ପୂଜ୍ୟ ମାତା ଆପଣଙ୍କୁ ସାଥିରେ ନେଇ ନିଜ ବାପଘର ଅର୍ଥାତ ମଦିନା ଯାଇଥିଲେ, ସେତେବେଳେ ମଧ୍ୟ ଉମ୍ମେ ଅଏମନ୍ ଆପଣଙ୍କ ସାଥିରେ ଥିଲେ ଏବଂ ତାଙ୍କର ବୟସ ସେତେବେଳେ କମ୍ ଥିଲା । ମଦିନାରୁ ଫେରିବା ସମୟରେ ଯେତେବେଳେ ଅବ୍ୱାଆ ସ୍ଥାନରେ ପହଂଚିଲେ ଯାହା ମସ୍‌ଜିଦ୍ ନବୱିଠାରୁ ୫ ମାଇଲ୍ ଦୂରତାରେ ଅବସ୍ଥିତ ସେତେବେଳେ ସେଠାରେ ହଜରତ ଆମିନାଙ୍କର କାଳ ହେଲା, ହଜରତ ଉମ୍ମେ ଅଏମନ୍ ହଜୁର ସ.ଅଙ୍କୁ ସେହି ଦୁଇ ଓଟରେ ମକ୍କା ଫେରାଇ ଆଣିଥିଲେ ଯେଉଁଥିରେ ସେମାନେ ମଦିନା ଅଭିମୁଖେ ଯାତ୍ରା କରିଥିଲେ । ହଜରତ ମହମ୍ମଦ ସ.ଅଙ୍କ ନବୀ ହେବାର ଘୋଷଣା କରିବା ପୂର୍ବରୁ ମକ୍କାରେ ହଜରତ ଉମ୍ମେ ଅଏମନ୍‌ଙ୍କ ବିବାହ ଉବୈଦ୍ ବିନ୍ ଜୈଦଙ୍କ ସହ ହୋଇଥିଲା, ଯେ ସ୍ୱୟଂ ଜଣେ ହବ୍‌ଶି ଗୁଲାମ (ଦାସ) ଥିଲେ । ତାଙ୍କ ଔରସରୁ ଅଏମନ୍ ଜନ୍ମ ଗ୍ରହଣ କରିଥିଲା । ହଜରତ ଅଏମନ୍ ହୁନେନ୍ ଯୁଦ୍ଧରେ ଶହିଦ ହେବାର ସୌଭାଗ୍ୟ ଅର୍ଜନ କରିଥିଲେ । ଯେତେବେଳେ ହଜରତ ଉମ୍ମେ ଅଏମନ୍‌ଙ୍କ ସ୍ୱାମୀଙ୍କ କାଳ ହେଲା ସେତେବେଳେ ଆପଣଙ୍କ ବିବାହ ହଜରତ ଜୈଦଙ୍କ ସହ ହୋଇଗଲା । ଆଉ ଏକ ରେୱାୟତ୍ ମୁତାବକ ହଜରତ ଉମ୍ମେ ଅଏମନ୍ ହଜୁର ସ.ଅଙ୍କ ସହ ଅତ୍ୟନ୍ତ ମମତାମୟୀ ଆଚରଣ ପ୍ରଦର୍ଶନ କରିବା ସହିତ ଆପଣ ସ:ଆ:ସଙ୍କର ବେଶ୍ ଯତ୍ନ ନିଅନ୍ତି । ହଜରତ ମହମ୍ମଦ ସ.ଅ କହିଲେ- **ଯେ ବୈକୁଣ୍ଠବାସୀ ମହିଳାଙ୍କ ସହ ବିବାହ କରି ଆନନ୍ଦିତ ହେବାକୁ ଇଚ୍ଛା କରୁଛନ୍ତି ତେବେ ସେ ଉମ୍ମେ ଅଏମନ୍‌ଙ୍କ ସହ ବିବାହ କରିବା ଆବଶ୍ୟକ ।** ଅତଏବ ହଜରତ ଜୈଦ ବିନ୍ ହାରସା ତାଙ୍କ ସହ ବିବାହ କରିନେଲେ ଯାହାଙ୍କ ଔରଷରୁ ହଜରତ ଉସାମା ବିନ୍ ଜୈଦ ଜନ୍ମ ଗ୍ରହଣ କରିଥିଲେ । ହଜରତ ଉମ୍ମେ ଅଏମନ୍ ମୁସଲମାନମାନଙ୍କ ସହିତ ହବଶା ହିଜ୍‌ରତ୍ କରିଥିଲେ । ସେଠାରୁ ସେ ମଦିନା ଫେରିଥିଲେ ଏବଂ ଓ୍ୱହଦ୍ ଯୁଦ୍ଧରେ ସାମିଲ ହୋଇ ମୁସଲମାନମାନଙ୍କୁ ପାଣି ପିଆଇବା ଓ କ୍ଷତବିକ୍ଷତ ଲୋକମାନଙ୍କର ଉପଚାର କରିବା ଆଦି କାର୍ଯ୍ୟ ସମ୍ପାଦନ କରିଥିଲେ । ତାଙ୍କୁ ଖୈବର ଯୁଦ୍ଧରେ ମଧ୍ୟ ଯୋଗଦେବାର ସୌଭାଗ୍ୟ ପ୍ରାପ୍ତି ହୋଇଥିଲା । ୨୩ ହିଜରୀରେ ଯେତେବେଳେ ହଜରତ ଉମର ଶହିଦ୍ ହେଲେ ସେତେବେଳେ ହଜରତ ଉମ୍ମେ ଅଏମନ୍ ଖୁବ୍ କାନ୍ଦିଥିଲେ । ଲୋକମାନେ ତାଙ୍କୁ ପଚାରିଲେ ତୁମେ କାହିଁକି କାନ୍ଦୁଛ ? ସେ ଉତର ଦେଲେ ହଜରତ ଉମରଙ୍କ ଶହୀଦ ହେବା ଫଳରେ ଇସଲାମ ଦୁର୍ବଳ ହୋଇଯାଇଛି । ହଜରତ ଉମ୍ମେ ଅଏମନ୍‌ଙ୍କ ଦେହାନ୍ତ ହଜରତ ଉସମାନ ର.ଅଙ୍କ ଖିଲାଫତ୍‌ର ପ୍ରାରମ୍ଭିକ କାଳରେ ଘଟିଥିଲା । (ତବକାତୁଲ୍ କୁବ୍‌ରାଃ ଖଣ୍ଡ-୮, ପୃଷ୍ଠା- ୧୭୯ ରୁ ୧୮୧ ଉମ୍ମେ ଅଇମନ୍, ଖଣ୍ଡ-୧, ପୃଷ୍ଠା-୯୩-୯୪... ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ ବେରୁତ ୧୯୯୦) (ସିରତୁଲ୍ ହଲ୍‌ବିୟା, ଖଣ୍ଡ୧, ପୃଷ୍ଠା୭୭.... ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ ବେରୁତ ୨୦୦୨) (ଉସଦୁଲ୍ ଗାବା, ଖଣ୍ଡ-୭, ପୃଷ୍ଠା-୨୯୧) "ଉମ୍ମେ ଅଇମନ୍" ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ ବେରୁତ ୨୦୦) (ମୁଅଜମୁଲ୍ ଗୁଲ୍‌ଦାନ, ଖଣ୍ଡ- ୧, ପୃଷ୍ଠା-୧୦୨) "ଅବ୍ୱାଆ ମୁଦ୍ରଣ ଦାରୁଲ୍ କୁତୁବୁଲ୍ ଇଲ୍‌ମିଆ ବେରୁତ)

ହଜ୍‌ରତ୍ ଜଏଦ୍ ର:ଅ ଏବଂ ଅଏମନ୍ ର:ଅଙ୍କ ବିବାହ ବିବାହ ସସମ୍ବନ୍ଧରେ ବିଭିନ୍ନ ହୱାଲାରୁ ସଂକଳନ କରି ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହବ୍ ଯାହାକିଛି ଲେଖିଛନ୍ତି ତାର ସାରାଂଶ ହେଉଛି ଅର୍ଥାତ୍ ଉମ୍ମେ ଅଇମନ୍ ର:ଅ ହେଉଛନ୍ତି ସେହି ବ୍ୟକ୍ତି ଯିଏ ଆପଣ ସ:ଆ:ସଙ୍କ ବାପାଙ୍କ ଦେହାନ୍ତ ପରେ ଜଣେ କ୍ରୀତାଦାସୀ ରୂପେ ଆପଣ ସ:ଆ:ସଙ୍କୁ ଉତରାଧିକାରୀ ସ୍ୱରୂପ ମିଳିଥିଲେ । ବଡ ହୋଇ ଆପଣ ସ:ଆ:ସ ତାଙ୍କୁ ସ୍ୱାଧୀନ କରିଦେଇଥିଲେ ଓ ତାଙ୍କ ସହିତ ଅତ୍ୟନ୍ତ ଦୟା ଆଚରଣ କରୁଥିଲେ । ପରେ ଉମ୍ମେ ଅଇମନ୍‌ଙ୍କ ବିବାହ ଆପଣ ସ:ଆ:ସଙ୍କ ଦ୍ୱାରା ସ୍ୱାଧୀନ ହୋଇଥିବା ଗୁଲାମ୍ ଜଏଦ୍ ବିନ୍ ହାର୍‌ସା ର:ଅଙ୍କ ସହିତ ହେଲା ଓ ତାଙ୍କ ଔରସରୁ ଉସାମା ବିନ୍ ଜଏଦ୍ ଜନ୍ମ ହେଲେ । (ସିରତ୍ ଖାତମୁନ୍ ନବିଇନ୍, ଲେଖକ ମିର୍ଜା ବଶିର୍ ଅହେମଦ୍ ସାହେବ୍ ଏମ୍.ଏ, ପୃଷ୍ଠା-୯୯) ଯାହାଙ୍କୁ ଅଲ୍‌ହିବ୍‌ବୁ ଇବ୍‌ନୁଲ୍ ହିବ୍ ଅର୍ଥାତ୍ ପ୍ରିୟତମ ପୁତ୍ର କୁହାଯାଉଥିଲା । (ଇସ୍‌ତିଆବ୍ ଫିମାରେଫତୁଲ୍ ଅସ୍‌ହାବ୍, ଖଣ୍ଡ-୧, ପୃଷ୍ଠା-୭୫ "ଉସାମା ବିନ୍ ଜଏଦ୍" ମୁଦ୍ରଣ ଦାରୁଲ୍ ଜଏଲ୍ ବେରୁତ ୧୯୯୨)

ରସୁଲୁଲ୍ଲାଃ ସ:ଆ:ସ ହଜ୍‌ରତ୍ ଅଇମନ୍ ର:ଅଙ୍କୁ ଦେଖି ଏପରି ସମ୍ବୋଧନ କରୁଥିଲେ କି ୟା ଉମ୍ମାଃ ଅର୍ଥାତ୍ ହେ ମୋର ମାଆ । ଯେତେବେଳେ ଆପଣ ସ:ଆ:ସ ହଜ୍‌ରତ୍ ଉମ୍ମେ ଅଇମନ୍‌ଙ୍କୁ ଦେଖନ୍ତି ସେତେବେଳେ ଏକଥା ମଧ୍ୟ କୁହନ୍ତି ହାଜିହି ବକିୟତୁ ଅହ୍‌ଲି ବଇତି ଅର୍ଥାତ୍ ଇଏ ମୋ ଅହ୍‌ଲେ ବୟତ୍ ମଧ୍ୟରୁ ବାକି ରହିଥିବା ବ୍ୟକ୍ତି ଅଟନ୍ତି । ଆଉଗୋଟିଏ ରିୱାୟତ୍ ମୁତାବକ ଆଁ ହଜ୍‌ରତ୍ ସ:ଆ:ସ ଏପରି ମଧ୍ୟ ସମ୍ବୋଧନ କରୁଥିଲେ କି ଉମ୍ମେ ଅଇମନ୍ ଉମ୍ମି ବାଦା ଉମ୍ମି ଅର୍ଥାତ୍ ଉମ୍ମେ ଅଇମନ୍ ର:ଅ ମୋ ପ୍ରକୃତ ମାଆଙ୍କ ପରେ ମୋ ମାଆ ଅଟନ୍ତି । ଆଁ ହଜ୍‌ରତ୍ ସ:ଆ:ସ ତାଙ୍କ ସହିତ ସାକ୍ଷାତ୍ କରିବା ପାଇଁ ତାଙ୍କ ଘରକୁ ମଧ୍ୟ ଯାଉଥିଲେ । (ତାରିଖେ ତିବ୍‌ରି, ଖଣ୍ଡ-୧୩, ପୃଷ୍ଠା-୩୭୫.... ଦାରୁଲ୍ ଫିକର୍ ବେରୁତ ୨୦୦୨) (ଉସଦୁଲ୍ ଗାବା ଖଣ୍ଡ-୭, ପୃଷ୍ଠା-୨୯୧.... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୮)

ହଜରତ ଅନସ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି- ଯେତେବେଳେ ମୁହାଜରିନ୍ (ପ୍ରବାସକାରୀ) ମକ୍କାରୁ ମଦିନା ଆସିଲେ ଏବଂ ସେମାନେ ଶୂନ୍ୟହସ୍ତ ଅର୍ଥାତ୍ ନିର୍ଦ୍ଧନ ହୋଇଯାଇଥିଲେ, ଯେବେ କି ଅନସାରମାନେ ଜମିଜୁମା ଓ ଧନ ସମ୍ପତିର ମାଲିକ ଥିଲେ । **ସେତେବେଳେ ଅନସାର୍‌ମାନେ ପ୍ରତିଜ୍ଞା କରିଥିଲେ କି ଆମେ ପ୍ରତ୍ୟେକ ବର୍ଷ ନିଜ ବଗିଚାର ଫଳ ମୁହାଜରିନ୍‌ଙ୍କୁ ପ୍ରଦାନ କରିବୁ । କିନ୍ତୁ ବଗିଚାରେ କାମଧନ୍ଦା ଆମେ ସ୍ୱୟଂ କରିବୁ ।** ବଗିଚାର ଫଳଦେବୁ, ଆମଦାନୀ ଦେବୁ କିନ୍ତୁ ବଗିଚାରେ ଯେଉଁ ପରିଶ୍ରମ କରିବାକୁ ଅଛି ତାହାକୁ ଆମେ ନିଜେ ହିଁ କରିବୁ । ମୁହାଜିର୍‌ମାନଙ୍କୁ ଏକାର୍ଯ୍ୟ କରିବାକୁ ଦେବୁନାହିଁ । ହଜ୍‌ରତ୍ ଅନସ୍ ର:ଅଙ୍କ ମାଆଙ୍କ ନାମ ହଜ୍‌ରତ୍ ଉମ୍ମେ ସୁଲୈମ୍ ଥିଲା ଯିଏ ହଜ୍‌ରତ୍ ଅବ୍‌ଦୁଲ୍ଲାଃ ବିନ୍ ତଲ୍‌ହା ର:ଅଙ୍କ ମାଆ ମଧ୍ୟ ଥିଲେ । ହଜରତ ଅନସ୍‌ଙ୍କ ମାତା ହଜରତ ଉମ୍ମେ ସଲିମ୍ ହଜୁର ସ.ଅଙ୍କୁ କିଛି ଖଜୁରୀ ଗଛ ଉପହାର ସ୍ୱରୂପ ପ୍ରଦାନ କରିଦେଇଥିଲେ । ହଜୁର ସ.ଅ ଉକ୍ତ ଗଛଗୁଡ଼ିକୁ ହଜରତ ଉମ୍ମେ ଅଏମନ୍‌ଙ୍କୁ ପ୍ରଦାନ କରିଦେଇଥିଲେ ଯିଏ ହଜ୍‌ରତ୍ ଉସାମା ବିନ୍ ଜଏଦ୍ ର:ଅଙ୍କ ମାଆ ଥିଲେ । ଇବ୍‌ନେ ଶିହାବ୍ କହୁଥିଲେ ଯେ ମୋତେ ହଜ୍‌ରତ୍ ଅନସ୍ ବିନ୍ ମାଲିକ୍ ର:ଅ ବତାଇଛନ୍ତି ଯେ ଯେତେବେଳେ ହଜୁର ସ.ଅ ଖୈବର ଯୁଦ୍ଧରୁ ମଦିନା ଫେରିଲେ ସେତେବେଳେ ମୁହାଜରିନ୍ ଅନସାରମାନଙ୍କୁ ସେମାନଙ୍କ ଉପହାର ଫେରସ୍ତ କରିଦେଇଥିଲେ । ହଜୁର ସ.ଅ ମଧ୍ୟ ହଜରତ ଅନସ୍‌ଙ୍କ ମାଆଙ୍କୁ ଖଜୁରୀ ଗଛ ଫେରାଇ ଦେଇଥିଲେ ଏବଂ ତାଙ୍କ ସ୍ଥାନରେ ହଜରତ ଉମ୍ମେ ଅଏମନ୍‌ଙ୍କୁ ନିଜ ବଗିଚାରୁ କିଛି ଗଛ ପ୍ରଦାନ କରିଥିଲେ । (ସହି ବୁଖାରୀ କିତାବୁଲ୍ ହିବା....ହଦିସ୍ ୨୬୩୦)

ବୁଖାରୀର ଅନ୍ୟ ଗୋଟିଏ ରିୱାୟତ୍ ମଧ୍ୟ ଅଛି ସେଥିରେ ଏକଥା ଉଲ୍ଲେଖ ଅଛି ଯେ ହଜ୍‌ରତ୍ ଅନସ୍ ର:ଅଙ୍କଠାରୁ ବର୍ଣ୍ଣିତ ଅଛି କି କୌଣସି ଜଣେ ସାହାବୀ ନବୀ କରିମ୍ ସ:ଆ:ସଙ୍କ ନିମନ୍ତେ ବିଶେଷ ରୂପେ କିଛି ଖଜୁରୀ ଗଛ ପଠାଉଥିଲେ । ଯେତେବେଳେ ଆଁ ହଜ୍‌ରତ୍ ସ:ଆ:ସ କୁରୈଜାଃ ଓ ନଜିର ଉପରେ ବିଜୟପ୍ରାପ୍ତ କଲେ ସେତେବେଳେ ଆପଣ ସ:ଆ:ସଙ୍କୁ ସେ ସବୁର ଆବଶ୍ୟକ ରହିଲା ନାହିଁ । ତେବେ ସେ କହୁଛନ୍ତି କି ମୋର ଘରର ଲୋକମାନେ ମୋତେ କହିଲେ ଯେ ମୁଁ ନବୀ କରିମ୍ ସ:ଆ:ସଙ୍କ ନିକଟକୁ ଯିବି ଓ ଆପଣ ସ:ଆ:ସଙ୍କ ଠାରୁ ଉକ୍ତ ବୃକ୍ଷ ଯାହାକୁ ସେ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ଦେଉଥିଲେ, ସେଥି ମଧ୍ୟରୁ କିଛି ବୃକ୍ଷକୁ ଫେରାଇ ଦେବାପାଇଁ କହିବି କାରଣ ବର୍ତମାନ ଆପଣ ସ:ଆ:ସଙ୍କୁ ସେଗୁଡିକର କିଛି ଆବଶ୍ୟକତା ନାହିଁ । ହଜ୍‌ରତ୍ ଅନସ୍ ର:ଅଙ୍କଠାରୁ ଏକଥା ବର୍ଣ୍ଣିତ ଅଛି । ସେ କହୁଛନ୍ତି କି ନବୀ କରିମ୍ ସ:ଆ:ସ ଯେହେତୁ ହଜ୍‌ରତ୍ ଉମ୍ମେ ଅଇମନଙ୍କୁ ଦେଇଦେଇଥିଲେ ତେଣୁ ଏହା ଶୁଣି ହଜ୍‌ରତ୍ ଉମ୍ମେ ଅଇମନ୍ ଆସି ମୋ ବେକରେ ଲୁଗା ପକାଇ ଦେଇ କହିଲେ ଯେ ମୁଁ ଏହାକୁ କଦାପି ଦେବିନାହିଁ । ମୁଁ ତା ରାଣ ଖାଉଛି ଯାହା ବ୍ୟତୀତ ଆଉ କେହି ପୂଜା ଉପଯୁକ୍ତ ନୁହଁନ୍ତି ! କି ଏହି ବୃକ୍ଷଟି ତୁମକୁ କଦାପି ମିଳିବ ନାହିଁ । କାରଣ ଆଁ ହଜ୍‌ରତ୍ ସ:ଆ:ସ ମୋତେ ଦେଇସାରିଛନ୍ତି ବା ଏହିପରି କିଛି କଥା କହିଲେ । ନବୀ କରିମ୍ ସ:ଆ:ସ ହଜ୍‌ରତ୍ ଉମ୍ମେ ଅଇମନ୍‌ଙ୍କୁ ନିର୍ଦ୍ଦେଶ ଦେଲେ ଯେ କୌଣସି ଅସୁବିଧା ନାହିଁ, ଏହାକୁ ଫେରାଇ ଦିଅ । ଏହାର ପ୍ରତିବଦଳରେ ମୁଁ ତୁମକୁ ଆହୁରି ସେତିକି ଦେବି । ତୁମକୁ ଯେତେ ଗଛ ଦେଇଛି ସେତିକି ଗଛ ମୁଁ ତୁମକୁ ଦେଇଦେବି । କିନ୍ତୁ ସେ କହୁଥିଲେ ଯେ ଇଶ୍ୱରଙ୍କ ରାଣ ! କଦାପି ନୁହେଁ । ହଜ୍‌ରତ୍ ଅନସ୍ କହୁଛନ୍ତି ଯେ ମୋର ଧାରଣା ଏହା କି ଶେଷରେ ଆପଣ ସ:ଆ:ସ ତାଙ୍କୁ, ହଜ୍‌ରତ୍ ଉମ୍ମେ ଅଇମନ୍‌ଙ୍କୁ ତାଠାରୁ ଦଶଗୁଣା ଅଧିକ ଦେଲେ ବା ଏହିପରି କିଛି ଶବ୍ଦ ଉଲ୍ଲେଖ ରହିଛି । (ସହି ବୁଖାରୀ, କିତାବୁଲ୍ ମଗାଜି.... ହଦିସ୍ ନଂ-୪୧୨୦) ଅର୍ଥାତ୍ ମୁଁ ତୁମକୁ ଦଶଗୁଣା ଦେଇଦେବି । ଏକଥା ଶୁଣିବା ପରେ ଏହି ବୃକ୍ଷ ଗୁଡିକୁ ଫେରାଇ ଦିଆଗଲା ।

ଆଉ ଏକ ବର୍ଣ୍ଣନା ମିଳୁଅଛି ଯେ ହଜରତ ଉମ୍ମେ ଅଏମନ୍ ମଦିନା ଅଭିମୁଖେ ପଦଯାତ୍ରା କରିବା ସମୟରେ ତାଙ୍କୁ ଖୁବ୍ ଜୋରରେ ଶୋଷ ଲାଗିଥିଲା ଏବଂ ସେତେବେଳେ ସେ ବାର୍ଦ୍ଧକ୍ୟ ଅବସ୍ଥାରେ ମଧ୍ୟ ପ୍ରର୍ଦାପଣ କରିସାରିଥିଲେ । ଅଲ୍ଲାଃଙ୍କ ସହ ତାଙ୍କର ଏକ ବିଶେଷ ସମ୍ପର୍କ ଥିଲା । ସେତେବେଳେ ଆପଣଙ୍କ ନିକଟରେ ଜଳ ମଧ୍ୟ ନଥିଲା ଏବଂ ଗ୍ରୀଷ୍ମତାପ ପ୍ରଖର ଥିଲା । ସେ ନିଜ ମୁଣ୍ଡ ଉପରେ କୌଣସି ବସ୍ତୁର ଧ୍ୱନି ଶୁଣିବାକୁ ପାଇଲେ, ସେହିଆଡ଼କୁ ଚାହିଁବାରୁ ଦେଖିଲେ ଯେ ଆକାଶ ମାର୍ଗରୁ ଏକ ପାତ୍ର ପରି ବସ୍ତୁ ଅବତୀର୍ଣ୍ଣ ହେଉଅଛି ଯେଉଁଥିରୁ ଜଳ ପରି ଧବଳ ତରଳବୁନ୍ଦା ପଡୁଅଛି । ସେ ତାହା ପାନ କରି ନିଜ ତୃଷ୍ଣା ନିବାରଣ କଲେ ଏବଂ ତୃପ୍ତ ହୋଇଗଲେ । **ସେ କୁହନ୍ତି ସେବେଠାରୁ ମୋତେ କଦାପି ତୃଷ୍ଣା ଅନୁଭବ ହୋଇ ନାହିଁ । କଦାଚିତ ଉପବାସରେ ତୃଷ୍ଣା ଅନୁଭବ ହେଲେ ମଧ୍ୟ ମୁଁ ଶୋଷିଲା ରହିନଥିଲି** । ହଜରତ ଉମ୍ମେ ଅଏମନ୍‌ଙ୍କ କହିବାରେ କିଛି ଅଂଶ ଖନେଇବାପଣ (ଅସ୍ୱଷ୍ଟ ଉଚ୍ଚାରଣ) ରହିଥିଲା ଯେତେବେଳେ ସେ କାହାରି ନିକଟକୁ ଯାନ୍ତି ଏବଂ ଅସ୍ୱଷ୍ଟ ଉଚ୍ଚରାଣ ଯୋଗୁଁ **ସଲାମୁଲ୍ଲାଃ ଆଲୈକୁମ୍** କହୁଥିଲେ । ହଜୁର ସ.ଅ ତାଙ୍କୁ ସଲାମୁଲ୍ଲାଃ ଆଲୈକୁମ୍ କହିବା ପରିବର୍ତେ **ସଲାମୁନ୍ ଅଲୈକୁମ୍** କହିବାର ଅନୁମତି ପ୍ରଦାନ କରିଥିଲେ ଏବଂ ବର୍ତମାନ ସୁଧା ତାହା ପ୍ରଚଳିତ ରହିଛି ।

ହଜ୍‌ରତ୍ ଆଇସା ର:ଅ କହୁଛନ୍ତି ଯେ ଦିନେ ରସୁଲୁଲ୍ଲାଃ ସ:ଆ:ସ ଯେତେବେଳେ ପାଣି ପିଉଥିଲେ ସେ ସମୟରେ ହଜ୍‌ରତ୍ ଉମ୍ମେ ଅଇମନ୍ ଆପଣ ସ:ଆ:ସଙ୍କ ନିକଟରେ ଥିଲେ ।

**ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ**

''ଯଦି ତୁମେ ଚାହୁଁ ଅଛ କି ତୁମକୁ ଇହକାଳ ଓ ପରକାଳରେ ସଫଳତା ହାସଲ ହେଉ ଓ ଲୋକଙ୍କ ମନ ଉପରେ ବିଜୟ ପ୍ରାପ୍ତ ହେଉ ତେବେ ପବିତ୍ରତା ଅବଲମ୍ବନ କର । ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜର ସୁଚରିତ୍ରର ନମୁନା ଦେଖାଓ ତେବେ ନିଶ୍ଚିତ ରୂପେ ସଫଳ ହେବ''

*(ଖୁତ୍‌ବା ଯୁମାଃ: ପ୍ରଦତ ୦୧ ଜାନୁୟାରୀ ୨୦୧୬)*

ତାଲିବେ ଦୁଆ: *Sharafat Khan & Family,*
*Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ଇସ୍‌ଲାମ୍ ହକିକି ମାରେଫତ (ଅର୍ଥାତ୍ ଅଲ୍ଲାଃଙ୍କୁ ଚିହ୍ନିବାର ପ୍ରକୃତ ଜ୍ଞାନ) ପ୍ରଦାନ କରିଥାଏ ଯଦ୍ୱାରା ମନୁଷ୍ୟର ପାପପୂର୍ଣ୍ଣ ଜୀବନର ମୃତ୍ୟୁ ଘଟିଥାଏ''

*(ମଲ୍‌ଫୁଜାତ୍, ଖଣ୍ଡ-୪, ପୃ-୩୪୪)*

ତାଲିବେ ଦୁଆ: *Muhmmad Naimul Haque & Family,*
*Jamat Ahmadiyya, Pankal (Odisha)*

ସେ କହିଲେ ହେ ଅଲ୍ଲାଃଙ୍କ ରସୁଲ୍ ! ମୋତେ ମଧ୍ୟ ପାଣି ପିଆଓ । ହଜ୍‌ରତ୍ ଆଇସା ର:ଅ କହୁଛନ୍ତି- ଏହା ଶୁଣି ମୁଁ ତାଙ୍କୁ କହିଲି ତୁମେ ରସୁଲୁଲ୍ଲାଃ ସ:ଆ:ସଙ୍କୁ ଏକଥା କିପରି କହୁଛ ଯେ ସେ ତୁମକୁ ପାଣି ପିଆଇବେ ? ଏଥିରେ ସେ କହିଲେ- କଣ ମୁଁ ରସୁଲୁଲ୍ଲାଃ ସ:ଆ:ସଙ୍କର ଅଧିକା ସେବା କରିନାହିଁ । ଏହା ଶୁଣି ନବୀ କରିମ୍ ସ:ଆ:ସ କହିଲେ- ତୁମେ ସତ କହିଛ । ପୁଣି ଆପଣ ସ:ଆ:ସ ତାଙ୍କୁ ପାଣି ପିଆଇଲେ । (ସିରତୁନ୍ ହଲ୍‌ବିୟା, ଖଣ୍ଡ-୧, ପୃଷ୍ଠା-୭୭-୭୮....... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ୍ ୨୦୦୨)

ହଜ୍‌ରତ୍ ଅନସ୍ ର:ଅ ବର୍ଣ୍ଣନା କରୁଛନ୍ତି ଯେ ଯେତେବେଳେ ରସୁଲୁଲ୍ଲାଃ ସ:ଆ:ସଙ୍କ ଦେହାନ୍ତ ହୋଇଗଲା ସେତେବେଳେ ହଜ୍‌ରତ୍ ଉମ୍ମେ ଅଇମନ୍ ବହୁତ କାନ୍ଦିଲେ ତାଙ୍କୁ ପଚରାଗଲା ଯେ ରସୁଲୁଲ୍ଲାଃ ସ:ଆ:ସଙ୍କ ପାଇଁ ଆପଣ କାହିଁକି କାନ୍ଦୁଛନ୍ତି ? ଏଥିରେ ସେ କହିଲେ ଯେ ମୁଁ ଏକଥା ତ ଜାଣିଥିଲି କି ରସୁଲୁଲ୍ଲାଃ ସ:ଆ:ସ ମଧ୍ୟ ନିଶ୍ଚିତ ମୃତ୍ୟୁବରଣ କରିବେ କିନ୍ତୁ ମୁଁ ଏଥିପାଇଁ କାନ୍ଦୁଛି ଯେ ୱହି (ଅର୍ଥାତ୍ ଐଶିବାଣୀ) ଆମଠାରୁ ଉଠାଇ ନିଆଯାଇଛି । (ଅସଦୁଲ୍ ଗାବା, ଖଣ୍ଡ-୭, ପୃଷ୍ଠ-୨୯୧.... ଦାରୁଲ୍ କୁତୁବୁଲ୍ ଇଲ୍‌ମିୟା ବେରୁତ ୨୦୦୮)

ଅର୍ଥାତ୍ ଆପଣ ସ:ଆ:ସଙ୍କ ଦେହାନ୍ତ ଯୋଗୁଁ ଯେଉଁ ଦୁଃଖ ଲାଗୁଛି ତାହା ତ ଗୋଟିଏ କଥା କିନ୍ତୁ ତତ୍ ସହିତ ଅଲ୍ଲାଃତାଲାଙ୍କର ଯେଉଁ ତାଜା ତାଜା ବାଣୀ ଅବତୀର୍ଣ୍ଣ ହେଉଥିଲା, ଐଶୀବାଣୀ ହେଉଥିଲା ସେ ଧାରା ଏବେ ବନ୍ଦ୍ ହୋଇଯାଇଛି । ତେଣୁ ମୋତେ କାନ୍ଦ ମାଡୁଛି ।

ହଜରତ ଅନସ ବିନ୍ ମାଲିକ୍ ର.ଅ ବର୍ଣ୍ଣନା କରନ୍ତି- ଏକଦା ହଜୁର ସ.ଅଙ୍କ ଦେହାନ୍ତ ପରେ ହଜରତ ଅବୁବକର ହଜରତ ଉମର ର.ଅଙ୍କୁ କହିଲେ ଆମ ସହିତ ହଜରତ ଉମ୍ମେ ଅଏମନ୍‌ଙ୍କ ଘରକୁ ଚାଲ, ତାଙ୍କୁ ସାକ୍ଷାତ କରିବା ଯେପରି ହଜୁର ସ.ଅ ତାଙ୍କ ଘରକୁ ଯାଇ ସାକ୍ଷାତ କରୁଥିଲେ । ଯେତେବେଳେ ଆମେ ଯାଇ ତାଙ୍କ ଘରେ ପହଂଚିଲୁ, ସେ ଆମକୁ ଦେଖି କାନ୍ଦି ଉଠିଲେ । ଏଥିରେ ଉକ୍ତ ସାହାବା ଦ୍ୱୟ କହିଲେ ଆପଣ କାହିଁକି କାନ୍ଦୁଛନ୍ତି, ଯାହା କିଛି ଅଲ୍ଲାଃଙ୍କ ନିକଟରେ ଅଛି ତାହା ତାଙ୍କ ରସୁଲଙ୍କ ପାଇଁ ଉତ୍କୃଷ୍ଟତର । ହଜରତ ଉମ୍ମେ ଅଏମନ୍ କହିଲେ ମୁଁ ଏଥିପାଇଁ କାନ୍ଦୁଛି ଯେ ବର୍ତମାନ ଈଶ୍ୱରଙ୍କ ନିକଟରୁ ଐଶୀବାଣୀ ଅବତୀର୍ଣ୍ଣ ହେବା ବନ୍ଦ ହୋଇଯାଇଛି । ଏପରି ସେ ଉକ୍ତ ସାହାବା ଦ୍ୱୟଙ୍କୁ ମଧ୍ୟ କନ୍ଦେଇ ଦେଲେ ଏବଂ ସେମାନେ କ୍ରନ୍ଦନ କରିବାକୁ ଲାଗିଲେ । (ସହି ମୁସ୍‌ଲିମ୍ କିତାବୁ ଫଜାଇଲୁସ୍ ସାହାବା..... ହଦିସତ ୨୪୫୪)

ହଜ୍‌ରତ୍ ଉସାମା ର:ଅ ଏବଂ ହଜ୍‌ରତ୍ ଜଏଦ୍ ର:ଅଙ୍କ ଦେହର ରଙ୍ଗ ବହୁତ ଫରକ ଥିଲା । ଯେହେତୁ ଉସାମାଙ୍କ ମାଆ ହବ୍‌ଶା ଦେଶରେ ଥିଲେ, ଆଫ୍ରିକାନ୍ ଥିଲେ ଓ ଜଏଦ୍ ଅନ୍ୟ ସ୍ଥାନର ନିବାସୀ ଥିଲେ । ସେଥିପାଇଁ ବାପା ଓ ପୁତ୍ର ମଧ୍ୟରେ ରଙ୍ଗର ଫରକ ଥିଲା । ତାଙ୍କର ରଙ୍ଗ ମାଆଙ୍କ ରଙ୍ଗ ପରି ଥିଲା । ତେଣୁ କିଛି ଲୋକେ ହଜ୍‌ରତ୍ ଉସାମା ର:ଅଙ୍କ ନସଲ (ବଂଶ) ଉପରେ ଆରୋପ ଲଗାଉଥିଲେ । ସେମାନେ ଏକଥା କହୁଥିଲେ ଯେ ହଜ୍‌ରତ୍ ଜଏଦ୍ ର:ଅଙ୍କର ସେ ପୁତ୍ର ନୁହଁନ୍ତି । ଏହି ଆରୋପ କେବଳ ଆରୋପ ଲଗାଇବାପାଇଁ ଲଗାଯାଉଥିଲା । ମୁନାଫିକ୍‌ମାନେ ମଧ୍ୟ ଏହି ଆରୋପ ଲଗାଉଥିଲେ । ହଜ୍‌ରତ୍ ଆଇସା ର:ଅ ବର୍ଣ୍ଣନା କରୁଛନ୍ତି ଯେ ରସୁଲୁଲ୍ଲାଃ ସ:ଆ:ସ ଦିନେ ମୋ ନିକଟକୁ ଆସିଲେ ଓ ବହୁତ ଖୁସି ଜଣାପଡୁଥିଲେ । ପୁଣି ଆପଣ ସ:ଆ:ସ କହିଲେ ଯେ ହେ ଆଇସା ! ଏବେ ଏବେ ମୁଜ୍‌ଜାଜ୍ ମୁଜ୍‌ଲଜି ମୋ ନିକଟକୁ ଆସିଥିଲେ ସେ ଉସାମା ବିନ୍ ଜଏଦ୍ ଏବଂ ଜଏଦ୍ ବିନ୍ ହାର୍‌ସା ର:ଅଙ୍କ ଏପରି ଅବସ୍ଥାରେ ଦେଖିବାକୁ ପାଇଲା ଯେ ସେମାନଙ୍କ ଉପରେ ଗୋଟିଏ ଚାଦର ଘୋଡା ହୋଇଥିଲା । ଗରମ ଯୋଗୁ ବା ବର୍ଷା ଯୋଗୁ ସେ ଯାହା ହେଉ କୌଣସି କାରଣ ଯୋଗୁ ଗୋଟିଏ ଚଦରକୁ ଦୁଇଜଣ ଘୋଡି ହୋଇଥିଲେ ।  ଫଳତଃ ସେମାନଙ୍କର ମୁହଁ ଲୁଚି ଯାଇଥିଲା । କିନ୍ତୁ ସେ ଦୁଇଜଣଙ୍କର ଗୋଡ ବାହାରକୁ ବାହାରିଥିଲା । ସେ କହିଲେ ଯେ ନିଶ୍ଚିତ ରୂପେ ଏହି ଦୁଇଜଣଙ୍କର ଗୋଡ ଏକାପରି ଅଟେ । ଅର୍ଥାତ୍ ଦୁଇଜଣଯାକଙ୍କର ଗୋଡ ମଧ୍ୟରେ ବହୁତ ସମତା ଥିଲା । ଏହା ଶୁଣି ଆପଣ ସ:ଆ:ସ ବହୁତ ଆନନ୍ଦିତ ହୋଇଯାଇଥିଲେ ଯେ ଉସାମାଙ୍କ ଉପରେ ଯେଉଁ ଆରୋପ ଲଗାଯାଉଥିଲା ଆଜି ସେହି ଆରୋପ ଦୂର ହୋଇଯାଇଛି । କାରଣ ସେ ଜଣେ ଆନୁମାନ ଲଗାଉଥିବା ପ୍ରବୀଣ ବ୍ୟକ୍ତି ଅଟନ୍ତି । ଯେଉଁ ସାଂସାରିକ ବ୍ୟକ୍ତିମାନେ ଅଛନ୍ତି ସେମାନଙ୍କର ମଧ୍ୟ ଏହି ସାକ୍ଷୀ ରହିଛି । (ସହି ବୁଖାରୀ,  କିତାବୁଲ୍ ଫରାଇଜ୍....ହଦିସ୍ ୬୭୭୧) (ଫତହୁଲ୍ ବାରି ଶରହ୍ ସହି ବୁଖାରୀ, ହଦିସ ୬୭୭୧, ଖଣ୍ଡ-୧୨, ପୃଷ୍ଠା-୫୮, ମୁଦ୍ରଣ-ଦାରୁଲ୍ ରିଆନ୍ ଲିତ୍‌ତୁରାସ୍ କାହେରା ୧୯୮୭)

ଆରବ ଇଲାକାରେ ଏହା ଏକ ସର୍ବସମ୍ମତ କଥା ଥିଲା । ଏହାଦ୍ୱାରା ଏ ସାଂସାରିକ ଲୋକମାନଙ୍କ ମୁହଁ ବନ୍ଦ୍ କରିବା ପାଇଁ, ମୁନାଫିକ୍‌ମାନଙ୍କ ମୁହଁ ବନ୍ଦ୍ କରିବା ପାଇଁ ଏଭଳି ଏକ ପ୍ରମାଣ ମିଳିଗଲା ଯାହାକୁ ଦେଖି ଆଁ ହଜ୍‌ରତ୍ ସ:ଆ:ସ ଅତ୍ୟନ୍ତ ଆନନ୍ଦିତ ଥିଲେ ।

ହଜୁର ଅନୱର ଅ.ବ କହିଲେ- ହଜରତ ଜୈଦ ହଜୁର ସ.ଅଙ୍କ ସ୍ୱାଧୀନ ଦାସ ଓ ପାଳିତ ପୁତ୍ର ଥିଲେ । ଆପଣ ହଜରତ ଜୈଦଙ୍କ ଦ୍ୱିତୀୟ ବିବାହ ହଜରତ ଜୈନବ୍ ବିନତ୍ ଜହଶ୍‌ଙ୍କ ସହ କରିଥିଲେ କିନ୍ତୁ ଏହି ବିବାହ ଅଧିକ ସମୟ ପ୍ରର୍ଯ୍ୟନ୍ତ ତିଷ୍ଠି ରହିପାରି ନଥିଲା । ହଜରତ ଜୈଦ ହଜରତ ଜୈନବ୍‌ଙ୍କୁ ତଲାକ ଦେଇଥିଲେ । ଉକ୍ତ ବିବାହ ବନ୍ଧନ ଏକ ବର୍ଷ ଅବା ତାଠାରୁ କିଛି ଅଧିକ ସମୟ ରହିଥିଲା । ତା'ପରେ ହଜୁର ସ.ଅ ସ୍ୱୟଂ ହଜରତ ଜୈନବ୍‌ଙ୍କ ସହ ବିବାହ କରିଥିଲେ । (ସିରତୁଲ୍ ନବୱିୟା.... ପୃଷ୍ଠା-୬୨୮-୬୨୯, ପ୍ରଥମ ଯୁକ୍ତି..... ବେରୁତ ୨୦୦୭)

ବିଭିନ୍ନ ପ୍ରକାର ହାୱାଲା ଗୁଡିକୁ ଏକତ୍ରିତ କରି ପୁସ୍ତକ ସିରତ୍ ଖାତମୁନ୍ ନବିଇନ୍‌ରେ ହଜ୍‌ରତ୍ ମିର୍ଜା ବଶିର୍ ଅହେମଦ୍ ସାହେବ୍ ର:ଅ ଯେଉଁକଥା ଲେଖିଛନ୍ତି ସେଗୁଡିକର ବିବରଣୀ ହେଉଛି ଏପରିକି ହିଜ୍‌ରତ୍ କରିବାର ପଂଚମ ବର୍ଷରେ ବନି ମୁସ୍‌ତଲିକ୍ ଯୁଦ୍ଧର କିଛି ସମୟ ପୂର୍ବରୁ ଶୌବାନ୍ ୫ ହିଜ୍‌ରିରେ ଏ ଘଟଣା ଅନୁଷ୍ଠିତ ହେଲା । ଆଁ ହଜ୍‌ରତ୍ ସ:ଆ:ସ ଜୈନବ୍ ବିନ୍‌ତ୍ ଜହସ୍ ର:ଅଙ୍କୁ ବିବାହ କଲେ । ହଜୁର ଅନୱର ଅ.ବ ସିରତ୍ ଖାତମୁନ୍ ନବୀୟିନ୍‌ରୁ ଉକ୍ତ ଘଟଣାର ବିସ୍ତାର ବିବରଣୀ ବର୍ଣ୍ଣନା କରି କହିଲେ- ହଜରତ ଜୈନବ୍ ହଜୁର ସ.ଅଙ୍କ ଫୁପୁ ହଜରତ ଅମିମା ବିନତ୍ ଅବଦୁଲ୍ ମୁତଲିବ୍‌ଙ୍କ କନ୍ୟା ଥିଲେ ଏବଂ ଅତ୍ୟନ୍ତ ଉଚ୍ଚ ସ୍ତରର ପୁଣ୍ୟବନ୍ତ ଓ ଧର୍ମନିଷ୍ଠ ହେବା ସତ୍ୱେ ତାଙ୍କ ଭିତରେ ନିଜ ଉଚ୍ଚ ଆଭିଜାତ୍ୟର ଅହଂକାର ମଧ୍ୟ କିଛି ମାତ୍ରାରେ ରହିଥିଲା । ଏହାର ମୁକାବିଲାରେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସ୍ୱଭାବ ଏପରି ଭାବନାରୁ ସମ୍ପୂର୍ଣ୍ଣ ରୂପେ ପବିତ୍ର ଥିଲା ଓ ଯଦିଚ ଆପଣ ସ:ଆ:ସ ବଂଶଗତ ଅବସ୍ଥାକୁ ସାଂସ୍କୃତିକ ଦୃଷ୍ଟିକୋଣରୁ ଉପଯୁକ୍ତ ମଣୁଥିଲେ କିନ୍ତୁ ଆପଣ ସ:ଆ:ସଙ୍କ ନିକଟରେ ଜଣେ ଉଚ୍ଚକୋଟିର ବ୍ୟକ୍ତି ହେବାପାଇଁ ତାର ନିଜସ୍ୱ ସତ୍‌ଗୁଣ, ନିଜସ୍ୱ ଧର୍ମପରାୟଣତା ଏବଂ ପବିତ୍ରତା ରହିବା କଥା । ଯେପରିକି ପବିତ୍ର କୋରାନ୍‌ରେ ନିର୍ଦ୍ଦେଶ ଅଛି କି *ଇନ୍ନା ଅକ୍‌ରମକୁମ୍ ଇନ୍‌ଦଲ୍ଲାହି ଅତ୍‌କାକୁମ୍ (ହୁଜୁରାତ୍: ୧୪)* ଅର୍ଥାତ୍ ହେ ଲୋକମାନେ ! ତୁମମାନଙ୍କ ମଧ୍ୟରୁ ବଡ ହେଉଛି ସେହି ବ୍ୟକ୍ତି ଯିଏ ଧର୍ମପରାୟଣତାରେ ସମସ୍ତଙ୍କଠାରୁ ଅଧିକା । ସୁତରାଂ ହଜୁର ସ.ଅ ନିଜର ଏହି ପ୍ରିୟ ଭଉଣୀଙ୍କର ବିବାହ ନିଜ ସ୍ୱାଧୀନ ଦାସ ହଜରତ ଜୈଦ ବିନ୍ ହାରସାଙ୍କ ସହ କରିବାର ନିଷ୍ପତି କରିଥିଲେ । ପ୍ରଥମେ ତ ହଜରତ ଜୈନବ୍ ନିଜ ଉଚ୍ଚ ଆଭିଜାତ୍ୟ ଯୋଗୁଁ ଉକ୍ତ ପ୍ରସ୍ତାବକୁ ପସନ୍ଦ କରିନଥିଲେ କିନ୍ତୁ ଶେଷରେ ହଜୁର ସ.ଅଙ୍କ ଏହି ସମ୍ପର୍କ ବାନ୍ଧିବାର ପ୍ରବଳ ଆଗ୍ରହ ଦେଖି ସେ ନିଜର ସହମତି ପ୍ରକାଶ କରିଥିଲେ । ସେ ଯାହା ହେଉ ହଜୁର ସ.ଅଙ୍କ ସ୍ୱୀକୃତି ଓ ଇଚ୍ଛା ଅନୁଯାୟୀ ଜୈନବ୍ ଓ ଜୈଦଙ୍କର ବିବାହ ସମ୍ପନ୍ନ ହୋଇଥିଲା ଏବଂ ହଜରତ ଜୈନବ୍ ଉକ୍ତ ସମ୍ପର୍କକୁ ମଧ୍ୟ ସମସ୍ତ ଦିଗରୁ ପବିତ୍ର ମନରେ ସମ୍ପାଦନ କରିବାକୁ ଚେଷ୍ଟା କରିଥିଲେ । କିନ୍ତୁ ତାଙ୍କ ହୃଦୟରେ ଏହି ଅଭିଳାଷା ମଧ୍ୟ ବାକି ରହିଯାଇଥିଲା କି ମୁଁ ଏକ ସମ୍ମାନସ୍ପଦ ପରିବାରର ଏବଂ ଅପରପକ୍ଷେ ହଜରତ ଜୈଦ ମଧ୍ୟ ଜୈନବଙ୍କ ତୁଳନାରେ ନିଜକୁ ନିମ୍ନ ବର୍ଗର ହେବାର କଥା ଘାରୁ ଥିଲା । ଏହି ଚିନ୍ତାଧାରା ଧିରେ ଧିରେ ବଳଶାଳୀ ହୋଇ ସେମାନଙ୍କ ବୈବାହିକ ଜୀବନକୁ ସ୍ୱାଦହୀନ ଓ ବେରଙ୍ଗ କରିଦେଲା ଏବଂ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହୋଇଚାଲିଲା । ଯେତେବେଳେ ଏହି ମନମାଳିନ୍ୟତା ବଢିଚାଲିଲା ସେତେବେଳେ ହଜରତ ଜୈଦ ହଜୁର ସ.ଅଙ୍କ ନିକଟରେ ଉପସ୍ଥିତ ହୋଇ ଅଭିଯୋଗ କଲେ କି ଜୈନବ୍ ତାଙ୍କ ସହ କଠୋର ଭାଷାରେ ଆଚରଣ କରୁଛନ୍ତି । ତେଣୁ ମୁଁ ତାଙ୍କୁ ତଲାକ ଦେବାକୁ ଚାହେଁ । ଆଁ ହଜ୍‌ରତ୍ ସ:ଆ:ସ ଏକଥାକୁ ଜାଣି ବହୁତ ଦୁଃଖୀତ ହେଲେ କିନ୍ତୁ ଆପଣ ସ:ଆ:ସ ଜଏଦ୍ ର:ଅଙ୍କୁ ତଲାକ୍ ଦେବାପାଇଁ ମନାକଲେ ଓ ବୋଧହୁଏ ଏକଥାକୁ ଅନୁଭବ କଲେ ଯେ କାଳେ ଜଏଦ୍‌ଙ୍କ ତରଫରୁ ଏ ବନ୍ଧନକୁ ନିର୍ବାହ କରିବା ପାଇଁ ଚେଷ୍ଟା କରିବାରେ କିଛି କମ୍ ଥିବ । ତେଣୁ ଆପଣ ସ:ଆ:ସ ହଜ୍‌ରତ୍ ଜଏଦ୍‌ଙ୍କୁ ଉପଦେଶ ଦେଲେ ଅଲ୍ଲାଃଙ୍କ ତକ୍‌ୱା ଗ୍ରହଣ କର ଓ ପାରୁପର୍ଯ୍ୟନ୍ତ ଏହାକୁ ନିର୍ବାହ କରିବା ପାଇଁ ଚେଷ୍ଟା କର । ସୁତରାଂ ପବିତ୍ର କୋରାନ୍‌ରେ ମଧ୍ୟ ଆପଣଙ୍କ ଏହି କଥାକୁ ନୋଟ୍ କରାଯାଇଛି ଯେ *ଅମ୍‌ସିକ୍ ଆଲୈକା ଜଉଜକା ୱତ୍‌ତକିଲ୍ଲାହା* (ଅହ୍‌ଜାବ୍:୩୮) ଅର୍ଥାତ୍ ହେ ଜଏଦ୍ ! ନିଜ ସ୍ତ୍ରୀ କୁ ତଲାକ ଦିଅନାହିଁ ଓ ଈଶ୍ୱରଙ୍କୁ ଭୟକର । ଆପଣ ସ:ଆ:ସଙ୍କ ଏହି ଉପଦେଶ ଦବାର କାରଣ ଏହା ଥିଲା କି ପ୍ରଥମତଃ ଆଁ ହଜ୍‌ରତ୍ ସ:ଆ:ସ ତଲାକ୍ ଦେବାକୁ ପସନ୍ଦ କରୁନଥିଲେ । ସୁତରାଂ ଗୋଟିଏ ଅବସରରେ ଆପଣ ସ:ଆ:ସ ଏକଥା କହିଛନ୍ତି କି *ଅବ୍‌ଗଜୁଲ୍ ହଲାଲି ଇଲଲ୍ଲାହି ତଲାକ୍* ଅର୍ଥାତ୍ ସମସ୍ତ ବୈଧ ବସ୍ତୁମାନଙ୍କ ମଧ୍ୟରୁ ତଲାକ୍ ହେଉଛି ଖୁଦାତାଲାଙ୍କୁ ସବୁଠାରୁ ଅଧିକ ଅପସନ୍ଦ । ତେଣୁ ଇସ୍‌ଲାମ୍ ଧର୍ମରେ କେବଳ ଉପଚାର ଦୃଷ୍ଟିକୋଣରୁ ଏ ଅନୁମତି ଦିଆଯାଇଛି । ହଜ୍‌ରତ୍ ଇମାମ୍ ହୁସେନ୍ ର:ଅଙ୍କ ସୁପୁତ୍ର ହଜ୍‌ରତ୍ ଇମାମ୍ ଜଏନୁଲ୍ ଆବେଦିନ୍ ଅଲିବିନ୍ ହୁସୈନ୍‌ଙ୍କ ଗୋଟିଏ ରିୱାୟତ୍ ଅଛି ଓ ଇମାମ୍ ଜୋହ୍‌ରି ଏହି ରିୱାୟତ୍‌କୁ ମଜ୍‌ବୁତ୍ ଅଭିହିତ କରିଛନ୍ତି । ଯେହେତୁ ଆଁ ହଜ୍‌ରତ୍ ସ:ଆ:ସଙ୍କୁ ପୂର୍ବରୁ ଏ ଐଶିବାଣୀ ହୋଇସାରିଥିଲା ଯେ ଜଏଦ୍ ବିନ୍ ହାର୍‌ସା ର:ଅ ପରିଶେଷରେ ଜଏନବ୍‌ଙ୍କୁ ତଲାକ୍ ଦେଇଦେବେ ଓ ତା ପରେ ପୁଣି ଜଏନବ୍ ଆପଣ ସ:ଆ:ସଙ୍କ ନିକାହ୍ (ବିବାହ ବନ୍ଧନ) ରେ ଆସିବେ । ତେଣୁ ଆପଣ ସ:ଆ:ସ ଏ ମାମଲାକୁ ନିଜର ନିଜସ୍ୱ ମାମଲା ଜାଣି ସମ୍ପୂର୍ଣ୍ଣ ରୂପେ ନିରପେକ୍ଷତା ଅବଲମ୍ବନ କରିବାକୁ ଚାହୁଁଥିବେ ଓ ନିଜ ତରଫରୁ ଏ କଥା ସମ୍ପୂର୍ଣ୍ଣ ରୂପେ ସମ୍ପାଦନ କରିବା ପାଇଁ ଚେଷ୍ଟା କରୁଥିଲେ ଯେ ଜଏଦ୍ ଏବଂ ଜଏନବ୍ ସମ୍ବନ୍ଧ ଭଙ୍ଗହେବାରେ ଆପଣ ସ:ଆ:ସଙ୍କର କୌଣସି ହାତ ନରହୁ ଓ ଯେପର୍ଯ୍ୟନ୍ତ ନିର୍ବାହ ହୋଇପାରୁଛି ସେପର୍ଯ୍ୟନ୍ତ ନର୍ବାହ ହୋଇଚାଲୁ ଓ ସେମାନଙ୍କର ସମ୍ପର୍କ କାଏମ୍ ରହୁ । ଏ ଧାରଣ ଅନ୍ତର୍ଗତ ଆପଣ ସ:ଆ:ସ ବହୁତ ବାଧ୍ୟ କରି ଜୈଦଙ୍କୁ ତଲାକ ଦେବାକୁ ବାରଣ କଲେ ଏବଂ ଉପଦେଶ ଦେଲେ କି ଅଲ୍ଲାଃଙ୍କୁ ଭୟ କର ଏବଂ ଯଥା ସମ୍ଭବ

**ଅଲ୍ଲା ତାଲାଙ୍କ ବାଣୀ**

''ମା ଲକୁମ୍ ମିନ୍ ଦୁନିଲ୍ଲାହି ମିଉଁ ୱଲିଇଉଁ ୱଲା ନସିର୍ ଅର୍ଥାତ୍; ଅଲ୍ଲାଃଙ୍କ ବ୍ୟତୀତ ତୁମମାନଙ୍କର କୌଣସି ମିତ୍ର ବା ସାହାଯ୍ୟକାରୀ ନାହାନ୍ତି''

*(ସୁରଃ ବକ୍‌ରାଃ: ୧୦୮)*

ତାଲିବେ ଦୁଆ: *Farzan Ali Khan & Family, Jamat Ahmadiyya, Pankal (Odisha)*

**କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)**

''ତୁମେ ଆପୋଷରେ ଖୁବ୍ ଶିଘ୍ର ସୁଲାହ୍ କର ଓ ନିଜ ଭାଇମାନଙ୍କ ଦୋଷ କ୍ଷମାକର କାରଣ ସେ ବ୍ୟକ୍ତି ହେଉଛି ଦୁଷ୍ଟ ଯିଏ ନିଜ ଭାଇଙ୍କ ସହିତ ସୁଲାହ୍ କରିବାକୁ ରାଜି ହୁଏ ନାହିଁ ।''

*(କଶ୍‌ତି ନୁହ୍, ରୁହାନି ଖଜାଇନ୍ ଖଣ୍ଡ-୧୯, ପୃ-୧୨)*

ତାଲିବେ ଦୁଆ: *Abdul Chand & Family, Jamat Ahmadiyya, Kerang (Odisha)*

ଉକ୍ତ ସମ୍ପର୍କକୁ ବଜାୟ ରଖ । ଆପଣ ସ:ଆ:ସଙ୍କୁ ଏ ଶଙ୍କା ମଧ ଥିଲା ଯେ ଯଦି ଜଏଦ୍‌ଙ୍କ ତଲାକ୍ ଦେବା ପରେ ଜୈନବ୍ ର:ଅ ଆପଣ ସ:ଆ:ସଙ୍କ ନିକାହ୍‌ରେ ଆସନ୍ତି ତେବେ ଲୋକମାନଙ୍କ ମଧରେ ସେଥିଯୋଗୁ ଏ ଆରୋପ ଲଗାଯିବ ଯେ ଆପଣ ସ:ଆ:ସ ନିଜର ମୁତବନ୍ନା (ଅର୍ଥାତ୍ ପାଳିତ ପୁତ୍ର)ଙ୍କ ଦ୍ୱାରା ତଲାକ୍ ଦିଆଯାଇଥିବା ମହିଳାଙ୍କୁ ବିବାହ କରିଛନ୍ତି ଏବଂ ବିନା କାରଣରେ ଅସୁବିଧା ସୃଷ୍ଟି ହେବ । ସୁତରାଂ ପବିତ୍ର କୋରାନ୍‌ରେ ଅଲ୍ଲାଃତାଲା କହୁଛନ୍ତି ଯେ ***ୱ ତୁଖ୍ଫି ପିନଫ୍‌ସିକା ମଲ୍ଲାହୁ ମୁବ୍‌ଦିହି ୱ ନଖ୍‌ଶନ୍ ନ ୱଲ୍ଲାହୁ ଅହକ୍‌କୁ ଅଇଁ ତଖ୍‌ଶାହୁ (ଅହ୍‌ଜାବ:୩୮)*** ଅର୍ଥାତ୍ ହେ ନବୀ ! ତୁ ନିଜ ମନ ଭିତରେ ଯେଉଁ କଥାକୁ ଲୁଚାଇ ରଖିଥିଲୁ ତାହାକୁ ଖୁଦାତାଲା ପରିଶେଷରେ ପ୍ରକାଶ କରିଦେଲେ । ***ୱ ତୁଖୁଫି ପିନଫ୍‌ସିକା ମଲ୍ଲାହୁ*** ଯାହାକୁ ଖୁଦା ପରିଶେଷରେ ପ୍ରକାଶ କରିଦେଇଥିଲେ । ତୁ ଲୋକମାନଙ୍କ ଯୋଗୁ ଡରୁଥିଲୁ କିନ୍ତୁ ନିଶ୍ଚିତ ରୂପେ ଖୁଦା ଏକଥାର ଅଧିକାର ରଖିଛି କି ତାହାଙ୍କୁ ହିଁ ଭୟ କରାଯାଉ ।

ସେ ଯାହାହେଉ ଆଁ ହଜ୍‌ରତ୍ ସ:ଆ ଜଏଦ୍ ର:ଅଙ୍କୁ ଅଲ୍ଲାଃଙ୍କ ତକ୍‌ୱା ଗ୍ରହଣ କରି ତଲାକ୍ ନ ଦେବାପାଇଁ ଉପଦେଶ ଦେଇଥିଲେ । ହଜରତ ମହମ୍ମଦ ସ.ଅଙ୍କର ଏହି ଉପଦେଶ ନିକଟରେ ଜୈଦ ମୁଣ୍ଡ ନୁଆଇ ନିରବତାର ସହ ଫେରିଆସିଥିଲେ । କିନ୍ତୁ ଆଉ ଉଭୟଙ୍କ ସ୍ୱଭାବ ମିଶିବା କଷ୍ଟସାଧ ଥିଲା । ଉଭୟଙ୍କ ମଧରେ ସୁଦୃଢ ଓ ଉଚ୍ଚ ପାଚେରୀ ଛିଡ଼ା ହୋଇ ସାରିଥିଲା ଏବଂ ଯେଉଁ ମନ ମିଶିବାର ନଥିଲା ତାହା ଆଉ ମିଶି ପାରିଲା ନାହିଁ । ବସ୍ତୁତଃ କିଛିଦିନ ପରେ ଜୈଦ ତାଙ୍କୁ ତଲାକ ଦେଇଦେଲେ । ଯେତେବେଳେ ଜୈନବ୍‌ଙ୍କର ଇଦତ୍ (ଧାର୍ଯ୍ୟ ଅବଧି) ଶେଷ ହୋଇଗଲା ସେତେବେଳେ ତାଙ୍କ ବିବାହ ସମ୍ବନ୍ଧରେ ହଜୁର ସ.ଅଙ୍କ ଉପରେ ଦୈବୀବାଣୀ ଅବତୀର୍ଣ୍ଣ ହେଲା କି ଆପଣ ତାଙ୍କ ସହ ବିବାହ କରିନିଅନ୍ତୁ । ଏହି ଐଶୀ ନିର୍ଦ୍ଦେଶରେ କେବଳ ଏହି ରହସ୍ୟ ଅନ୍ତର୍ନିହିତ ନଥିଲା କି ଏତତ୍ ଦ୍ୱାରା ହଜରତ ଜୈନବ୍‌ଙ୍କୁ ତାଲକ ଯୋଗୁଁ ଯେଉଁ ପୀଡ଼ା ପହଂଚିଥିଲା ସେଥିରୁ ସେ ଓହରି ପାରିବେ ଏବଂ ମୁସଲମାନମାନେ ତଲାକ ପ୍ରାପ୍ତ ମହିଳାଙ୍କୁ ପୁନଃ ବିବାହ କରିବାକୁ କୌଣସି କଳୁଷିତ କାର୍ଯ୍ୟ ମଣିବେ ନାହିଁ ବରଂ ମୂଖ୍ୟ ଉଦ୍ଦେଶ୍ୟ ଏହା ଥିଲା କି ଯେହେତୁ ହଜରତ ଜୈଦ୍ ହଜୁର ସ.ଅଙ୍କର ପାଳିତ ପୁତ୍ର ଥିଲେ ତେଣୁ ଯେତେବେଳେ ସ୍ୱୟଂ ଆପଣ ତାଙ୍କର ତଲାକ ଦେଇଥିବା ମହିଳାଙ୍କୁ ବିବାହ କରିନିଅନ୍ତି ତେବେ ଏହା ମୁସଲମାନମାନଙ୍କ ଉପରେ ବିଶେଷ ପ୍ରଭାବ ପକାଇବ ଯେ ପାଳିତ ପୁତ୍ର ରକ୍ତ ସମ୍ପର୍କିତ ପୁତ୍ର ସମତୁଲ୍ୟ ନୁହଁ ଏବଂ ନା ସେ ନିଜ ଔରସରୁ ଜନ୍ମିତ ପୁତ୍ର ପରି ତାହାଙ୍କ (ସମ୍ପତିର) ଉତରାଧିକାରୀ ହୋଇଥାଏ ତଥା ଆରବମାନଙ୍କ ମଧରେ ଯେଉଁ ମନ୍ଦ ପ୍ରଥା ପ୍ରଚଳିତ ହୋଇଆସୁଥିଲା ଆସନ୍ତାକୁ ତାହାର ମୂଳୋତ୍ପାଟନ ହୋଇଯିବ । ସୁତରାଂ ଏ ସମ୍ବନ୍ଧରେ ପବିତ୍ର କୋରାନ୍ ଯାହା ଇସ୍‌ଲାମୀୟ ଇତିହାସର ସବୁଠାରୁ ଅଧିକା ସଠିକ୍ ରେକର୍ଡ୍ ଅଟେ, ଏପରି ବର୍ଣ୍ଣନା କରୁଛି କି ***ଫଲ୍ଲମା କଜା ଜଏଦୁନ୍.....ଅମ୍‌ରୁଲ୍ଲାହି ମଫ୍‌ଉଲା*** (ଅହ୍‌ଜାବ୍:୩୮) ଅର୍ଥାତ୍ ଯେତେବେଳେ ଜଏଦ୍ ଜଏନବ୍‌ଙ୍କ ସହିତ ସମ୍ପର୍କ ତୁଟାଇଦେଲେ ସେତେବେଳେ ଆମେ ଜଏନବ୍‌ଙ୍କ ବିବାହ ତୁମ ସହିତ କରିଦେଲୁ । ଯଦ୍ୱାରା ମୋମିନ୍‌ମାନଙ୍କ ନିମନ୍ତେ ନିଜ ଧରମ ପୁତ୍ରଙ୍କ ଦ୍ୱାରା ତଲାକ୍ ପାଇଥିବା ମହିଳାମାନଙ୍କ ସହିତ ବିବାହ କରିବାରେ କୌଣସି ପ୍ରତିବନ୍ଧକ ନରହୁ । କିନ୍ତୁ ଏହା ସେତେବେଳେ ହୋଇପାରିବ ଯେତେବେଳେ ଧରମ ପୁଅ ତା ସ୍ତ୍ରୀ ଠାରୁ ସମ୍ପର୍କ ତୁଟାଇ ନେବ । ଖୁଦାଙ୍କର ଏହି ନିର୍ଦ୍ଦେଶ ଏପରି ପୁରଣ ହେବାର ଥିଲା ।

ସୁତରାଂ ଅଲ୍ଲାଃତାଲାଙ୍କର ଏହି ଐଶିବାଣୀ ଅବତୀର୍ଣ୍ଣ ହେବା ପରେ, ଯେଉଁଥିରେ ଆଁ ହଜ୍‌ରତ୍ ସ:ଆ:ସଙ୍କର ନିଜର କୌଣସି ନିଜସ୍ୱ ଭାବନା ବା ଇଛା ନଥିଲା । ବସ୍ତୁତଃ ଆପଣ ହଜରତ ଜୈନବ୍‌ଙ୍କ ସହ ବିବାହ କରିବାର ନିଷ୍ପତି ନେଲେ ଏବଂ ହଜରତ ଜୈଦଙ୍କ ହାତରେ ଏହି ପ୍ରସ୍ତାବ ହଜରତ ଜୈନବ୍‌ଙ୍କ ନିକଟକୁ ପଠାଇଲେ । ହଜରତ ଜୈନବ୍‌ଙ୍କ ନିକଟରୁ ସହମତି ପାଇବା ପରେ ତାଙ୍କ ଭାଇ ଅବୁ ଅହମଦ ବିନ୍ ଜହଶ୍‌ଙ୍କୁ ଓଲି କରାଇ ୪୦୦ଦିରହମ୍‌ରେ ହଜୁର ହଜରତ ଜୈନବ୍‌ଙ୍କ ସହିତ ବିବାହ କରିନେଲେ । ଏପରି ସେହି ପ୍ରାଚିନ ପ୍ରଥା ଯାହାକି ଆରବର ଧରା ପୃଷ୍ଟରେ ପ୍ରଚଳିତ ଥିଲା ହଜୁର ସ.ଅଙ୍କ ନିଜସ୍ୱ ନମୁନା ଦ୍ୱାରା, ଇସଲାମ ତାହାର ମୂଳୋତ୍ପାଟନ କରିଦେଲା ।

ଏହି ସ୍ଥାନରେ ଏହି ଚର୍ଚ୍ଚା ମଧ ଜରୁରୀ କି ସାଧାରଣ ଔପନ୍ୟାସିକ ଓ ଐତିହାସିକଙ୍କ ମତରେ ଯେହେତୁ ହଜରତ ଜେନବ୍‌ଙ୍କ ବିବାହ ମାମଲାରେ ଐଶ୍ୱୀବାଣୀ ଅବତୀର୍ଣ୍ଣ ହୋଇଥିଲା ଏବଂ ଅଲ୍ଲାଃଙ୍କ ବିଶେଷ ନିର୍ଦ୍ଦେଶ କ୍ରମେ ଏହି ବିବାହ ସମ୍ପର୍ଣ୍ଣ ହୋଇଥିଲା । ତେଣୁ ପ୍ରତ୍ୟକ୍ଷ ଭାବରେ ଉକ୍ତ ବିବାହ କର୍ମ (ପାରମ୍ପରିକ ରୀତିରେ) ସମ୍ପର୍ଣ୍ଣ ହୋଇନଥିଲା । କିନ୍ତୁ ଏହି ଧାରଣା ଠିକ୍ ନୁହେଁ ଅବଶ୍ୟ ଏହି ବିବାହ ଖୁଦାଙ୍କ ନିର୍ଦ୍ଦେଶ ମୁତାବକ ହୋଇଥିଲା ଓ ଏକଥା କୁହାଯାଇପାରେ କି ସ୍ୱର୍ଗରେ ଏହି ନିକାହ୍ ପଢ଼ାଯାଇଥିଲା । କିନ୍ତୁ ଏହା ଯୋଗୁ ଶରୀୟତ୍‌ର ଯେଉଁସବୁ ପ୍ରକାଶ୍ୟ ପ୍ରଥା ଗୁଡ଼ିକ ଅବଲମ୍ବନ କରାଯିବାର ଥିଲା, ତାହା ମଧ ଖୁଦାତାଲାଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିଲା । ତେଣୁ ସେଥିରୁ ମୁକ୍ତି ପାଇବାର ନଥିଲା । ସୁତରାଂ ଇବ୍‌ନେ ହୁଶାମ୍‌ଙ୍କର ଗୋଟିଏ ରିୱାୟତ୍ ଅଛି ଯେଉଁଥିରେ ପ୍ରକାଶ୍ୟରେ ଏ ଘଟଣାର ନିକାହ୍ ସମ୍ବନ୍ଧରେ ବତାଇ ଦିଆଯାଇଛି । ଏ ମାମଲାରେ କୌଣସି ପ୍ରକାରର ଶଙ୍କା କରିବାର ଆବଶ୍ୟକତା ନାହିଁ । ହଦିସ୍‌ରେ ଯେଉଁ କଥା ଆସୁଛି କି ଅନ୍ୟ ଉମହାତୁଲ୍ ମୁମିନିନ୍ (ଅର୍ଥାତ୍ ଅନ୍ୟ ସମସ୍ତ ନବୀ ସ:ଆ:ସଙ୍କ ପତ୍ନୀଗଣ)ଙ୍କ ମୁକାବିଲାରେ ହଜ୍‌ରତ୍ ଜଏନବ୍ ର:ଅ ଏ ଆତ୍ମଗର୍ବ କରୁଥିଲେ ଯେ ତୁମମାନଙ୍କର ବିବାହ ତୁମମାନଙ୍କର ୱଲି ଏ ଭୂପୃଷ୍ଠରେ ଧାର୍ଯ୍ୟ କରାଇଛନ୍ତି କିନ୍ତୁ ମୋ ନିକାହ୍ ଆକାଶରେ ଧାର୍ଯ୍ୟ ହୋଇଛି । ଏଥିରୁ ଏ ନିଷ୍କର୍ସ ବାହାର କରିବା ଠିକ୍ ହେବନାହିଁ ଯେ ହଜ୍‌ରତ୍ ଜଏନବ୍ ର:ଅଙ୍କ ନିକା ପ୍ରକାଶ୍ୟ ପ୍ରଥା ମୁତାବକ ହୋଇନଥିଲା । କାରଣ ବିନା ବାହ୍ୟ ପ୍ରକାଶ୍ୟ ପ୍ରଥା ପାଳନରେ ତାଙ୍କର ଉକ୍ତ ଗର୍ବ କାଏମ୍ ରହୁଛି ଯେ ତାଙ୍କର ନିକାହ୍ ଖୁଦାଙ୍କ ବିଶେଷ ନିର୍ଦ୍ଦେଶ ଦ୍ୱାରା ଆକାଶରେ ହୋଇଛି । କିନ୍ତୁ ଏହାର ମୁକାବିଲାରେ ଅନ୍ୟାନ୍ୟ ଉମ୍ମହାତୁଲ୍ ମୁମିନିନ୍‌ଙ୍କ ବିବାହ ସାଧାରଣ ପ୍ରକାଶ୍ୟ ପ୍ରଥା ଅନ୍ତର୍ଗତ କରାଯାଇଛି ।

ଆଉଗୋଟିଏ ରିୱାୟତ୍‌ରେ ଆସୁଛି କି ଆଁ ହଜ୍‌ରତ୍ ସ:ଆ:ସ ବିନା କୌଣସି ଅନୁମତିରେ ଜଏନବ୍ ର:ଅଙ୍କ ନିକଟକୁ ଚାଲିଯାଇଥିଲେ । ଏଥିରୁ ଏକଥା ବାହାରୁଛି ଯେ ତାଙ୍କର ନିକାହ୍‌ର ପ୍ରକାଶ୍ୟ ପ୍ରଥା ପାଳନ ହୋଇନଥିଲା । କିନ୍ତୁ ଯଦି ଧ୍ୟାନର ସହିତ ଦେଖାଯାଏ ତେବେ ଏକଥାରେ ମଧ ପ୍ରକାଶ୍ୟ ପ୍ରଥା ପାଳନ ହେବା ବା ନହେବା ସହିତ କୌଣସି ସମ୍ପର୍କ ନାହିଁ । କାରଣ ଯଦି ଏଥିରୁ ଏ ଅର୍ଥ ନିଆଯାଏ କି ଆଁ ହଜ୍‌ରତ୍ ସ:ଆ:ସ ହଜ୍‌ରତ୍ ଜଏନବ୍ ର:ଅଙ୍କ ଘରକୁ ବିନା ଅନୁମତିରେ ଚାଲିଯାଇଥିଲେ ତେବେ ଏହା ଭୁଲ୍ କାରଣ ବୁଖାରୀର ଏକ ସ୍ପଷ୍ଟ ରିୱାୟତ୍ ଅଛି । ସେଥିରେ ଏକଥା ମିଳୁଛି ଯେ ବିବାହ କରିବା ପରେ ଜଏନବ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ଘରକୁ ବିଦାହୋଇ ଆସିଥିଲେ । ନା କି ଆପଣ ସ:ଆ:ସ ତାଙ୍କ ଘରକୁ ଯାଇଥିଲେ । ଯଦି ଏହି ରିୱାୟତ୍‌ରୁ ଏ ଅର୍ଥ ନିଆଯାଇ କି ଯେତେବେଳେ ସେ ଆପଣ ସ:ଆ:ସଙ୍କ ଘରକୁ ଆସିଲେ । ସେତେବେଳେ ଆପଣ ସ:ଆ:ସ ତାଙ୍କ ନିକଟକୁ ବିନା କୌଣସି ଅନୁମତି ନେଇ ଯାଇଥିଲେ । ତେବେ ଏହା କୌଣସି ଅସାଧାରଣ ଓ ପ୍ରଥାବିରୋଧି କଥା ନୁହେଁ କାରଣ ଯେତେବେଳେ ଜଏନବ୍ ଆଁ ହଜ୍‌ରତ୍ ସ:ଆ:ସଙ୍କ ସ୍ତ୍ରୀ ହୋଇ ଆପଣ ସ:ଆ:ସ ଘରକୁ ଆସିଯାଇଥିଲେ । ସେତେବେଳେ ଆପଣ ସ:ଆ:ସ ପରିଶେଷରେ ତାଙ୍କ ନିକଟକୁ ହିଁ ଯିବାର ଥିଲା ଓ ଏଥିପାଇଁ ଆପଣ ସ:ଆ:ସଙ୍କୁ ଅନୁମତି ନେବାର କୌଣସି ଆବଶ୍ୟକତା ନଥିଲା । ସୁତରାଂ ଅନୁମତି ନ ନେବାର ଯେଉଁ ରିୱାୟତ୍ ଅଛି ତାହାର କୌଣସି ସମ୍ପର୍କ ଏହା ସହିତ ନାହିଁ ଯେ ଆପଣ ସ:ଆ:ସ ଏହି ନିକାହ୍‌ରେ ପ୍ରକାଶ୍ୟ ପ୍ରଥାକୁ ପାଳନ କରାଯାଇଛି ବା ନାହିଁ । ଇବ୍‌ନେ ହୁଶାମ୍‌ର ରିୱାୟତ୍ ମୁତାବକ ଖୁଦାତାଲାଙ୍କ ନିର୍ଦ୍ଦେଶ ମୁତାବକ ଉକ୍ତ ନିକାହ୍ ନିୟମିତ ରୂପେ ପ୍ରଥା ମୁତାବକ କରାଯାଇଥିଲା । କାରଣ ବୁଖାରୀରେ ବର୍ଣ୍ଣିତ ରହିଛି କି ଅଲ୍ଲାଃଙ୍କ ଆଦେଶ ସତ୍ୱେ ଏହି ବିବାହ ପାରମ୍ପରିକ ରୀତିରେ ସମ୍ପର୍ଣ୍ଣ ହୋଇଥିଲା ଏବଂ ବୁଦ୍ଧି ବିବେକ ମଧ ଏହା ଆବଶ୍ୟକ କରୁଥିଲା କି ଏହିପରି ହିଁ ଘଟୁ । କାରଣ ପ୍ରଥମତଃ ଏଥିରେ ଭିନ୍ନ ପ୍ରଥା ଆପଣାଇବାର କୌଣସି କାରଣ ନଥିଲା ଏବଂ ଦ୍ୱିତୀୟତଃ ସେହି ପ୍ରଥାର ଭଙ୍ଗ କରିବା ଓ ତାହାର ପ୍ରଭାବକୁ ଦୂର କରିବା ଉଦ୍ଦେଶ୍ୟ ଥିଲା । (ସିରତ୍ ଖାତମୁନ୍ ନବିଇନ୍, ପୃଷ୍ଠା-୫୪୩-୫୪୬)

ହଜ୍‌ରତ୍ ଜଏଦ୍ ର:ଅଙ୍କ ଜୀବନଚରିତ ସମ୍ବନ୍ଧରେ, ହଜ୍‌ରତ୍ ଜଏନବ୍ ର:ଅଙ୍କ ଉକ୍ତ ବିବାହ ବିଚ୍ଛେଦ ସମ୍ବନ୍ଧରେ ଏବଂ ଆଁ ହଜ୍‌ରତ୍ ସ:ଆ:ସଙ୍କ ବିବାହ ସମ୍ବନ୍ଧରେ ମଧ କିଛି ବ୍ୟାଖ୍ୟା ମୁଁ ଏଠାରେ ଏଇଥିପାଇଁ କଲି ଯେ ଆଁ ହଜ୍‌ରତ୍ ସ:ଆ:ସଙ୍କ ସହିତ ହଜ୍‌ରତ୍ ଜଏନବ୍ ର:ଅଙ୍କ ବିବାହା ସମ୍ବନ୍ଧରେ ଆଜିକାଲି ମଧ ଅଭିଯୋଗକାରୀମାନେ ପ୍ରଶ୍ନ ଉଠାଉଛନ୍ତି ଓ ଆରୋପ ଲଗାଉଛନ୍ତି । ତେଣୁ ଏ ସମ୍ବନ୍ଧରେ ଆମକୁ କିଛି ବିସ୍ତୃତ ଜ୍ଞାନ ମଧ ଜାଣିବା ଉଚିତ୍ । ଏହାର କିଛି ଆହୁରି ମଧ ବ୍ୟାଖ୍ୟା ରହିଛି ।

ଆରବରେ ଏହା ଏକ ବଡ଼ ଓ ସୁଦୃଢ ପ୍ରଚଳିତ ପ୍ରଥା ଥିଲା ଯେ ପାଳିତ ପୁତ୍ରର ପତ୍ନୀ ସହ ବିବାହ ସମ୍ଭବ ନୁହେଁ । **ତେଣୁ ଏଥିପାଇଁ ବିଶେଷ ସ୍ତରୀୟ ଆବଶ୍ୟକ ଥିଲା କି ଏହି ବିବାହ ଚର୍ତୁଦିଗ ଘୋଷଣା କରି ସର୍ବସାଧାରଣଙ୍କ ଉପସ୍ଥିତିରେ ସମ୍ପାଦନ ହେଉ ଯଦ୍ୱାରା ସମଗ୍ର ବିଶ୍ୱବାସୀ ଜାଣି ପାରିବେ କି ଆଜି ଉକ୍ତ ମନ୍ଦ ରୀତିପ୍ରଥାର ମୂଳୋତ୍ପାଟନ ହେଉଅଛି ।**

ଖୁତବା ଜୁମାର ଶେଷରେ ହଜୁର ଅନୱର ଅ.ବ କହିଲେ- ହଜରତ ଜୈଦଙ୍କ ସମ୍ବନ୍ଧରେ ଆଉ କେତେକ ତଥ୍ୟ ରହିଯାଇଛି ଯାହାକି ଆସନ୍ତାରେ ବର୍ଣ୍ଣନା କରିବି..

⌘⌘⌘⌘⌘⌘⌘⌘⌘⌘⌘⌘

## ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

## ଖୁଲାସା ଖୁତ୍‌ବା ଜୁମା ୨୧ ଜୁନ୍ ୨୦୧୯

ତଶହୁଦ୍, ତଉଜ ଓ ସୁରଃ ଫାତିହାର ଆବୃତି କରିବା ଅନ୍ତେ ହଜୁର ଅନଓ୍ୱର ଅ.ବ କହିଲେ- ଗତ ଖୁତବାରେ ମୁଁ କହିଥିଲି କି ହଜରତ ଜୈଦ୍ ବିନ୍ ହାରସା ର.ଅଙ୍କ ସମ୍ବନ୍ଧରେ ଆଉ କିଛି ତଥ୍ୟ ଆଲୋଚନା କରିବି । ହଜରତ ଜୈନବ୍ ବିନ୍ ଜହଶ୍‌ଙ୍କ ବିବାହ ସମୟରେ ତାଙ୍କର ବୟସ ୩୫ବର୍ଷ ଥିଲା ଏବଂ ଆରବର ପରମ୍ପରା ଅନୁଯାୟୀ ଏହି ବୟସ ଏପରି ଥିଲା ଯାହାକୁ ଉର୍ଦ୍ଧ୍ୱ ବୟସ୍କା କୁହାଯାଏ । ହଜରତ ଜୈନବ ଅତି ଧର୍ମନିଷ୍ଠ, ପବିତ୍ର ଓ ଦାନୀ ମହିଳା ଥିଲେ । ହଜରତ ଆଏଶା ତାଙ୍କ ଧର୍ମନିଷ୍ଠ ଓ ପବିତ୍ରତାର ପ୍ରଶଂସା କରିଛନ୍ତି ଏବଂ ସେ ଅଧିକାଂଶ ସମୟରେ କହୁଥିଲେ ଯେ ମୁଁ ଜୈନବ୍‌ଙ୍କ ଠାରୁ ଅଧିକ ପୁଣ୍ୟବତୀ ମହିଳା ଦେଖି ନାହିଁ । ସେ ଆହୁରି କୁହନ୍ତି କି ସେ ବେଶ୍ ସଦକା ଓ ଦାନଧର୍ମକାରୀ, ପୁଣ୍ୟବନ୍ତି, ଦୟା ଆଚରଣକାରୀ ଓ ଅଲ୍ଲାଃଙ୍କ ସାନିଧ ପ୍ରାପ୍ତ କରିବାରେ ସର୍ବଦା ତତ୍‌ପର ରହୁଥିବା ମହିଳା ଥିଲେ । ସଦକା ଓ ଦାନଧ୍ୟାନ କରିବାରେ ତାଙ୍କ ସ୍ତର ଏପରି ଥିଲା କି ହଜରତ ଆଏଶା କୁହନ୍ତି ଏକଦା ହଜୁର ସ.ଅ ଆମକୁ କହିଲେ- **ଅସ୍‌ରିକୁନ୍ନା ଲିହାକାନ୍‌ବି ଅତ୍‌ଓ୍ୱା ଲିକୁନ୍ନା ୟଦହୁ** ଅର୍ଥାତ ମୋର ବିଦାୟ ନେବା ପରେ ତୁମମାନଙ୍କ ମଧ୍ୟରୁ ଯାହାର ହସ୍ତ ସବୁଠାରୁ ଦୀର୍ଘତର ହୋଇଥିବ, ସେ ସର୍ବପ୍ରଥମେ ଦେହ ତ୍ୟାଗ କରି ମୋ ନିକଟରେ ପହଂଚିବେ । ହଜରତ ଆଏଶା କୁହନ୍ତି ସେଥିରୁ ଆମେ ପ୍ରକାଶ୍ୟ ହସ୍ତ ହିଁ ମନେକରି ପରସ୍ପରର ହସ୍ତ ମାପୁଥିଲୁ କିନ୍ତୁ ଯେତେବେଳେ ହଜୁର ସ.ଅଙ୍କ ପରେ ହଜରତ ଜୈନବ୍‌ଙ୍କର ଦେହାନ୍ତ ଘଟିଲା ସେତେବେଳେ ଯାଇ ଆମେ ରହି ରହସ୍ୟ ବୁଝିପାରିଲୁ କି ହସ୍ତ ଅର୍ଥ ସଦକା ଓ ଦାନଧ୍ୟାନ କରିବା ଅଟେ, ନା କି ଆମ ଶାରୀରିକ ହସ୍ତ ।

ହଜରତ ମିର୍ଜା ବଶିର ଅହମଦ ସାହେବ ଉଲ୍ଲେଖ କରିଛନ୍ତି- ହଜରତ ଜୈନବ୍‌ଙ୍କର (ହଜୁର ସ.ଅଙ୍କ ସହ) ବିବାହ କରିବାକୁ ନେଇ ମଦିନାର କପଟବିଶ୍ୱାସୀମାନେ ବହୁତ ଆପତି କଲେ ଏବଂ ସେମାନେ ଖୋଲାଖୋଲି ଭାବରେ ବ୍ୟଙ୍ଗୋକ୍ତି କରୁଥିଲେ କି ମହମ୍ମଦ ସ.ଅ ନିଜ ପୁତ୍ରର ତଲାକ୍ ପ୍ରାପ୍ତ ମହିଳାକୁ ବିବାହ କରି ନିଜ କୁଳବଧୂକୁ ନିଜ ପାଇଁ ବୈଦ୍ଧ କରିଦେଲେ । କିନ୍ତୁ ଯେତେବେଳେ କି ଏହି ବିବାହର ମୂଳ ଉଦ୍ଦେଶ୍ୟ ଆରବର ମୁର୍ଖ ରୀତିପ୍ରଥାର ମୂଳୋତ୍ପାଟନ କରିବା ଥିଲା ସେତେବେଳେ ଏପରି କଟାକ୍ଷ ମୂଳକ କଥା ମଧ୍ୟ ଶୁଣିବା ଜରୁରୀ ଥିଲା ।

ହଜୁର ଅନଓ୍ୱର ଅ.ବ କହିଲେ- ଏଠାରେ ଏହି ଚର୍ଚ୍ଚା କରିଦେବା ମଧ୍ୟ ଜରୁରୀ ଯେ ଇବନେ ଶାଦ ଓ ତିବରୀ ଆଦି ହଜରତ ଜୈନବ ବିନ୍ ଜହଶ୍‌ଙ୍କ ବିବାହ ସମ୍ବନ୍ଧରେ ସମ୍ପୂର୍ଣ୍ଣ ଭୁଲ ଓ କୌଣସି ସତ୍ୟତା ନଥିବା କଥା ଦରଜ କରିଛନ୍ତି । ଯେତେବେଳେ କି ଏହି କାହାଣୀ ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢା ଅଟେ ଏବଂ ଗବେଷଣାକାରୀମାନେ ଏହାକୁ ପୂର୍ଣ୍ଣ ରୂପେ ଅବାନ୍ତର ଓ ମନଗଢା ଦର୍ଶାଇଛନ୍ତି ।

ଏହି ମନଗଢା କଥା ସମ୍ବନ୍ଧରେ ଏକଥା ମଧ୍ୟ ମନେରଖିବା ଉଚିତ ଯେ ହଜରତ ମିର୍ଜା ବଶିର ଅହମଦ ସାହେବ ସିରତ ଖାତମୁନ୍ ନବିଇନ୍‌ରେ ଉଲ୍ଲେଖ କରିଛନ୍ତି କି ଉକ୍ତ ଯୁଗ ଇସଲାମୀୟ ଇତିହାସରେ ଏପରି ଯୁଗ ଥିଲା ଯେତେବେଳେ କି ମଦିନାର କପଟବିଶ୍ୱାସୀଗଣ ବଳଶାଳୀ ହୋଇ ଉଠିଥିଲେ ଏବଂ ଅବଦୁଲ୍ଲାଃ ବିନ୍ ଉବେଇ ବିନ୍ ସୁଲୁଲ୍‌ର ଅଧ୍ୟକ୍ଷତାରେ ତାଙ୍କ ତରଫରୁ ଯୋଜନାବଦ୍ଧ ଭାବରେ ଏକ ଷଡ଼ଯନ୍ତ୍ର ଇସଲାମ ଓ ଇସଲାମର ସଂସ୍ଥାପକଙ୍କୁ ବଦନାମ କରିବା ନିମନ୍ତେ ଚାଲିଥିଲା । ଏହାର ପ୍ରକ୍ରିୟା କିଛି ଏପରି ଥିଲା କି ସମ୍ପୂର୍ଣ୍ଣ ମିଥ୍ୟା ଓ ମନଗଢା କାହାଣୀ ଗୁପ୍ତ ଭାବରେ ପରିବ୍ୟାପ୍ତ କରିଚାଲ । ପାଖାପାଖି ସେହି ଯୁଗରେ ହଜରତ ଆଏଶାଙ୍କ ଉପରେ ମଧ୍ୟ ଏକ ଭୟଙ୍କର ଆରୋପ ଲଗାଯାଇଥିଲା । ଅବଦୁଲ୍ଲାଃ ବିନ୍ ଉବେଇ ବିନ୍ ସୁଲୁଲ୍ ଓ ତାହାର ବିଶ୍ୱାସଘାତୀ ସାଥିମାନେ ଏହି ମିଥ୍ୟା ଆରୋପକୁ ଏଭଳି ପ୍ରସାରିତ କଲେ ଏବଂ ଏଭଳି ଆକାରରେ ଅପପ୍ରଚାର କଲେ ଯେ ମୁସଲମାନମାନଙ୍କ ଉପରେ ଉକ୍ତ ସମୟ ଅତିବାହିତ କରିବା କଷ୍ଟକର ହୋଇଯାଇଥିଲା ଏବଂ କେତେକ ଦୁର୍ବଳ ଶ୍ରେଣୀର ମୁସଲମାନମାନେ ମଧ୍ୟ ସେମାନଙ୍କ ଅପପ୍ରଚାରର ଶିକାର ହୋଇଯାଇଥିଲେ । ବସ୍ତୁତଃ ଉକ୍ତ ସମୟ କପଟବିଶ୍ୱାସୀଙ୍କ ପ୍ରଭାବ ବିସ୍ତାର କରିବାର ସମୟ ଥିଲା ଏବଂ ତାଙ୍କର ସବୁଠାରୁ ଶକ୍ତିଶାଳୀ ଅସ୍ତ୍ର ଏହା ଥିଲା କି ମିଥ୍ୟା, ନିର୍ଲଜ ଓ ଅସଭ୍ୟ ଖବର ପ୍ରଚାର ପ୍ରସାର କରି ହଜରତ ମୁହମ୍ମଦ ସ.ଅଙ୍କ ଓ ତାଙ୍କ ସମ୍ପର୍କୀୟମାନଙ୍କୁ ବଦନାମ କରିଦେବା ଏବଂ ଏହି ଖବର ସେମାନେ ଏପରି ସର୍ତକତାର ସହିତ ପ୍ରସାରିତ କରୁଥିଲେ ଯେ ଅନେକ ସମୟରେ ହଜରତ ମୁହମ୍ମଦ ସ.ଅ ଓ ତାଙ୍କ ବିଶିଷ୍ଟ ସାହାବାମାନଙ୍କୁ ଏହାର ବିସ୍ତୃତ ସୂଚନା ଜଣା ନଥିବା ଯୋଗୁଁ ସେମାନଙ୍କୁ ପ୍ରତିବାଦ କରିବାର ସୁଯୋଗ ମିଳୁ ନଥିଲା । ଫଳରେ ଭିତରେ ଭିତରେ ଏହାର ବିଷ ମାଡ଼ି ଯାଉଥିଲା ।

ହଜରତ ଜୈନବ୍ ବିନ୍ ଜହଶ୍‌ଙ୍କ ଘଟଣାରେ ସର୍ ଉଇଲିୟମ ମିଓ୍ୱର ଏହି ହୃଦୟ ବିଦାରକ ଅପବାଦ ଦେଇଥିଲା ଯେ ସତେଯେପରି ବୟସ ବଢୁଥିବା ସହିତ ହଜରତ ମୁହମ୍ମଦ ସ.ଅଙ୍କ ଯୌନ ଲାଳସା ମଧ୍ୟ ବଢିବାରେ ଲାଗିଥିଲା (ଈଶ୍ୱର କ୍ଷମା କରନ୍ତୁ) । ହଜରତ ମିର୍ଜା ବଶିର ଅହମଦ ସାହେବ ପୁଣି ଏପରି ଲେଖିଛନ୍ତି ଯେ

ନିଃସନ୍ଦେହରେ ଏହା ଏକ ଐତିହାସିକ ସତ୍ୟ ଯେ ହଜରତ ମୁହମ୍ମଦ ସ.ଅ ଏକାଧିକ ବିବାହ କରିଥିଲେ ଏବଂ ଏକଥା ମଧ୍ୟ ସମର୍ଥନ ଯୋଗ୍ୟ ଇତିହାସର ଅଂଶବିଶେଷ ଯେ ହଜରତ ଖଦିଜାଙ୍କୁ ଛାଡ଼ି ଦେଇ ତାଙ୍କର ଅନ୍ୟ ସମସ୍ତ ବିବାହ ବୃଦ୍ଧ କାଳରେ ହୋଇଥିବାର କୁହାଯାଇ ପାରିବ । କିନ୍ତୁ ଏପରି ମତ ପୋଷଣ କରିବା କି ଆପଣଙ୍କ ଏସମସ୍ତ ବିବାହ, ଈଶ୍ୱର କ୍ଷମା କରନ୍ତୁ ଯୌନ ଲାଳସାର ବଶବର୍ତୀ ହୋଇ ସମ୍ପର୍ଣ୍ଣ ହୋଇଥିଲା । ଜଣେ ଐତିହାସିକର ମର୍ଯ୍ୟାଦାର ବିପରୀତ ତଥା ଜଣେ ଭଦ୍ରବ୍ୟକ୍ତିର ସମ୍ମାନ ଠାରୁ ବହୁତ ଦୂରରେ । ମିଓ୍ୱର ସାହେବ ଏହି ସତ୍ୟ ବିଷୟରେ ଅଜଣା ନଥିଲେ ଯେ ହଜରତ ମୁହମ୍ମଦ ସ.ଅ ୨୫ବର୍ଷ ବୟସରେ ଜଣେ ୪୦ବର୍ଷୀୟ ଉର୍ଦ୍ଧ୍ୱ ବୟସ୍କା ବିଧବା ମହିଳାଙ୍କୁ ବିବାହ କରିଥିଲେ । ପୁଣି ନିଜର ୫୦ବର୍ଷ ବୟସ ପର୍ଯ୍ୟନ୍ତ ସେହି ବନ୍ଧନରେ ଆବଦ୍ଧ ହୋଇ (ତାହାର କର୍ତବ୍ୟ) ସୁଚାରୁ ରୂପେ ତୁଲାଇଥିଲେ । ଏପରି ନିଷ୍ଠା ଓ ତ୍ୟାଗର ଜୀବନ ଯାପନ କରିବାର କୌଣସି ଦୃଷ୍ଟାନ୍ତ ଦେଖିବାକୁ ମିଳେ ନାହିଁ । ମିଓ୍ୱର ସାହେବ ଏପରି ଅନ୍ୟ ଏକ ଐତିହାସିକ ଘଟଣାରୁ ମଧ୍ୟ ଅଜଣା ନଥିଲେ ଯେ ଯେତେବେଳେ ମକ୍କାବାସୀ ତାଙ୍କର ପ୍ରଚାର କାର୍ଯ୍ୟରେ କ୍ଷୁବ୍ଧ ହେବା ଯୋଗୁଁ ତାଙ୍କ ନିକଟକୁ ଉତବା ବିନ୍ ରବିୟାକୁ ଜଣେ ପ୍ରତିନିଧି ଦଳର ନେତା କରି ପ୍ରେରଣ କରିଥିଲେ ଏବଂ ତାଙ୍କଠାରେ ଯୋରଦାର ଅପିଲ କରିଥିଲେ ଯେ ସେ ନିଜର ଏହି ପ୍ରୟାସରୁ କ୍ଷାନ୍ତ ରହନ୍ତୁ । ଧନ ସାର୍ମାର୍ଯ୍ୟ ଯାହା ଚାହିଁବେ ତାହା ଦିଆଯିବ ଓ ତାହା ବ୍ୟତିତ ଏପରି ନିବେଦନ ମଧ୍ୟ କରିଥିଲେ ଯେ ଯଦି ସେ କୌଣସି ଉତମ, ଗୁଣବାନ ଓ ସୁନ୍ଦରୀ କନ୍ୟା ସହ ବିବାହ କରି ଆମ ଉପରେ ଖୁସି ହୋଇପାରିବେ ଓ ଆମ ଧର୍ମକୁ ନିନ୍ଦା କରିବା ତଥା ନୂତନ ଧର୍ମର ପ୍ରଚାରରୁ ନିବୃତ ରହିପାରିବେ ତେବେ ସେ ଯେଉଁ କନ୍ୟାକୁ ସ୍ୱଇଚ୍ଛାରେ ପସନ୍ଦ କରିବେ ଆମେ ତାଙ୍କ ସହିତ ତାଙ୍କୁ ବିବାହ ଦେବୁ । ସେସମୟରେ ତାଙ୍କ ବୟସ ଏମିତି କିଛି ଅଧିକ ନଥିଲା, ପୁଣି ଶାରୀରିକ ଶକ୍ତି ପରବର୍ତୀ ସମୟ ତୁଳନାରେ ନିଶ୍ଚତ ରୂପେ ଭଲ ଅବସ୍ଥାରେ ଥିଲା । ମାତ୍ର ଏହା ଶୁଣି ମହାଭାଗ ମକ୍କାର ମୁଖୀଆମାନେ ପଠାଇଥିବା ସେହି ପ୍ରତିନିଧିମାନଙ୍କୁ ଯେଉଁ ଉତର ଦେଲେ, ତାହା ମଧ୍ୟ ଇତିହାସର ଏକ ଉନ୍ମୁକ୍ତ ପୃଷ୍ଠା । ପୁଣି ଐତିହାସିକ ଘଟଣାର ଅନ୍ୟ ଏକ ଦୃଷ୍ଟାନ୍ତ ମିଓ୍ୱର ସାହେବଙ୍କ ଦୃଷ୍ଟିରୁ ଏଡ଼ାଇ ଯାଇନଥିବ ଯେ ମକ୍କାର ଲୋକେ ତାଙ୍କୁ ତାଙ୍କର ଅବତାରତ୍ୱ ପୂର୍ବରୁ ଅର୍ଥାତ ୪୦ବର୍ଷ ବୟସ ପର୍ଯ୍ୟନ୍ତ ଜଣେ ଉତ୍କୃଷ୍ଟ ଚରିତ୍ର ସମ୍ପର୍ଣ୍ଣ ପୁରୁଷ ରୂପେ ସେ ଭଲ ଭାବେ ଜାଣିଥିଲେ । ମାତ୍ର ଏହିସବୁ ପ୍ରମାଣ ରହିଥିଲେ ସୁଧା ମିଓ୍ୱର ସାହେବ ଏପରି ଲେଖିବା ଯେ ୫୫ବର୍ଷ ବୟସ ହେବା ପରେ ଏକପକ୍ଷେ ତାଙ୍କର ଶାରୀରିକ ଶକ୍ତି ଦିନକୁ ଦିନ କ୍ଷୀଣ ହେବାର ଦେଖାଯାଉଥିଲା ତ ଅପରପକ୍ଷେ ତାଙ୍କର ବ୍ୟସ୍ତତା ଓ ଦାୟିତ୍ୱ ଏପରି ବଢି ଯାଇଥିଲା ଯାହା ଜଣେ ବ୍ୟସ୍ତବହୁଳ ମନୁଷ୍ୟର ମଗ୍ନତା ମଧ୍ୟ ଲାଜ କରିବ । ସେତେବେଳେ କିପରି ସେ ବିଳାସମୟ ଜୀବନ ଉପଭୋଗ କରୁଥିଲେ । ଏହି କଥା ନିଶ୍ଚିତ ରୂପେ କଦାପି ଏକ ଇର୍ଷାପରାୟଣ ମନ୍ତବ୍ୟ ରୂପେ ବୁଝା ଯାଇପାରିବ ନାହିଁ । ଯାହା ସେ ନିଜ ମନ୍ତବ୍ୟରେ ଉଲ୍ଲେଖ କରିଛନ୍ତି । ବିଶେଷତଃ ଏହା ଏକ ଐତିହାସିକ ସତ୍ୟ ଯେ ମହାଭାଗ ନିଜ ଯୌବନ କାଳକୁ ଏପରି ଅବସ୍ଥାରେ ଅତିବାହିତ କରିଥିଲେ, **ଯାହା ଯୋଗୁଁ ସେ ଆପଣା ଓ ପରମାନଙ୍କ ଠାରୁ ଅମିନ୍‌ର ଆଖ୍ୟା ଲାଭ କରିଥିଲେ** ।

ହଜରତ ଖଲିଫତୁଲ୍ ମସିହ ଦ୍ୱିତୀୟ ବର୍ଣ୍ଣନା କରିଛନ୍ତି ଯେ ହଜରତ ମହମ୍ମଦ ସ.ଅ ନିଜ ପିଉସି ଝିଅର ବିବାହ ହଜରତ ଜୈଦଙ୍କ ସହିତ କରାଇଥିଲେ । କିନ୍ତୁ ଏହି ବନ୍ଧନ ସଫଳ ହେଇନଥିଲା । ସେ ଲେଖିଛନ୍ତି ଯେ ଅସଲ କାରଣ ହେଉଛି, ଅଲ୍ଲାଃତାଲା ଲୋକମାନଙ୍କ ଉପରେ ଏହା ପ୍ରକାଶ କରିବାକୁ ଚାହୁଁଥିଲେ ଯେ ହଜୁର ସ.ଅଙ୍କର ନିଜସ୍ୱ କୌଣସି ପୁତ୍ର ସନ୍ତାନ ନଥିଲେ । କିନ୍ତୁ ଦେଶୀୟ ପରମ୍ପରା ଅନୁଯାୟୀ ତାଙ୍କର ସନ୍ତାନ ଥିଲେ । ଯେପରିକି ଜୈଦ୍, ଲୋକମାନେ ତାଙ୍କୁ ଇବନେ ମୁହମ୍ମଦ କହୁଥିଲେ । **ହଜରତ ଜୈଦଙ୍କ ବିବାହର ଘଟଣା ଦ୍ୱାରା ଈଶ୍ୱର ଏହା ପ୍ରକଟିତ କଲେ ଯେ ତାକୁ ହିଁ ପ୍ରକୃତ ସନ୍ତାନ କୁହାଯିବ ଯିଏ, ବିଧିର ନିୟମ ଅନୁଯାୟୀ ହୋଇଥିବ । ଅର୍ଥାତ ନିଜ ଔରସରୁ ଜନ୍ମ ହୋଇଥିବା ସନ୍ତାନ** । ଦେଶୀୟ ନିୟମ ଭିତିକ ସନ୍ତାନ କଦାପି ଅସଲ ସନ୍ତାନ ବୋଲାନ୍ତି ନାହିଁ । ଏହି କଥାକୁ ପ୍ରତିଷ୍ଠା କରିବା ପାଇଁ ଏକ ମାତ୍ର ଉପାୟ ହେଉଛି ଯେ ହଜରତ ଜୈଦଙ୍କ ତଲାକ ପ୍ରାପ୍ତ ମହିଳା ସହିତ ହଜୁର ସ.ଅ ବିବାହ କରିବା ଯୁକ୍ତିଯୁକ୍ତ ।

ଅଲ୍ଲାଃତାଲା ଜୈଦ ଓ ତାଙ୍କ ପତ୍ନୀଙ୍କ ମଧ୍ୟରେ ବିଭେଧକୁ ଦୂର ହେବାକୁ ପ୍ରଶୟ ଦେଲେ ନାହିଁ । ନିୟତିର ବିଧାନ ବି ଏହା ଥିଲା ଯେ ଜୈଦ ନିଜ ପତ୍ନୀଙ୍କୁ ତଲାକ ଦିଅନ୍ତୁ ଏବଂ ସେହି ମହିଳା ହଜରତ ମହମ୍ମଦ ସ.ଅଙ୍କ ବୈବାହିକ ସମ୍ପର୍କର ଘେରକୁ ଆସିଯାନ୍ତୁ **ଯଦ୍ୱାରା ଏହା ପ୍ରମାଣିତ ହେବ ଯେ ଦେଶୀୟ ଚଳଣୀ ଦୃଷ୍ଟିରୁ ରହିଥିବା ସନ୍ତାନ ପ୍ରାକୃତିକ ନିୟମ ଅନ୍ତର୍ଭୁକ୍ତ ନିୟମ ସନ୍ତାନ ସଦୃଶ ହୋଇପାରିବେ ନାହିଁ** ।

ହଜରତ ଜୈଦ ବଦର, ଓ୍ୱହଦ, ଖନ୍ଦକ, ହୁଦେବିୟା ତଥା ଖୈବର ଯୁଦ୍ଧ ଇତ୍ୟାଦିରେ ହଜରତ ମୁହମ୍ମଦ ସ.ଅଙ୍କ ସହିତ ସମ୍ମିଳିତ ହୋଇଥିଲେ । ସେ ହଜରତ ମୁହମ୍ମଦଙ୍କ ସେନା ଦଳର ବିଚକ୍ଷଣ ତୀର ଯୁଦ୍ଧାମାନଙ୍କ ମଧ୍ୟରେ ପରିଗଣିତ ହେଉଥିଲେ ଯେତେବେଳେ ହଜରତ ମହମ୍ମଦ ସ.ଅ ଗଜଓ୍ୱାଏ ମରିସି (ବନୁ ମୁସତଲିକ୍ ଯୁଦ୍ଧ)କୁ ଯିବା ପାଇଁ ବାହାରିଲେ, ସେତେବେଳେ ହଜରତ ଜୈଦଙ୍କୁ ଅମିର ଭାବେ ନିଯୁକ୍ତ କରିଥିଲେ । ହଜରତ ମିର୍ଜା ବଶିର ଅହମଦ ସାହେବ ସିରତ ଖାତମୁନ୍ ନବୀଇନ୍‌ରେ ଲେଖିଛନ୍ତି- ଅସିରା ଯୁଦ୍ଧ ପରେ ହଜରତ ମୁହମ୍ମଦ ସ.ଅଙ୍କୁ ମଦିନା ଆସିବାକୁ ୧୦ଦିନ ମଧ୍ୟ ଅତିବାହିତ ହୋଇନଥିଲା ଯେ ମକ୍କାର ଜଣେ ମାନ୍ୟଗଣ ବ୍ୟକ୍ତି କରଜ୍ ବିନ ଜାବିର ଫେରୀ କୁରୈଶର ଏକ ଦଳକୁ ଅତ୍ୟନ୍ତ ସର୍ତକତା ସହିତ ମଦିନାର ଚରା ଭୂମି ଉପରେ ମାତ୍ର ୩ମାଇଲ୍ ଦୂରରେ ଥିଲା, ଅଚାନକ ଚଢାଉ କରିଦେଲା । ସେଠାରୁ ମୁସଲମାନମାନଙ୍କ ଓଟ ଆଦି ଲୁଟି ନେଇ ଚାଲିଗଲା । ହଜରତ ମୁହମ୍ମଦ ସ.ଅଙ୍କୁ ଯେତେବେଳେ ଏହି ସୂଚନା ମିଳିଲା ସେ ତତ୍‌କ୍ଷଣାତ ଜୈଦ ବିନ୍ ହାରସାଙ୍କୁ ନିଜ ପଛରେ ଅମିର ନିଯୁକ୍ତ କରି ମୁହାଜରିନ୍‌ର ଏକ ଦଳକୁ ସାଥିରେ ନେଇ ତାଙ୍କର ପିଛା କରିବାକୁ ବାହାରିଲେ । ବଦର ପାଖରେ ଥିବା ସଫଓ୍ୱାନ ନାମକ ଏକ ସ୍ଥାନ ପର୍ଯ୍ୟନ୍ତ ତାର ପିଛା କଲେ । କିନ୍ତୁ ସେ ତାଙ୍କ ହାବୁଡ଼ରେ ନପଡ଼ି ପଳାଇଗଲା ।

ହଜୁର ଅନଓ୍ୱର ଅ.ବ କହିଲେ- ବଦର ଠାରୁ ପ୍ରସ୍ଥାନ କରିବା ପରେ ଯେବେ ବଦର ଯୁଦ୍ଧ ଶେଷ ହୋଇଗଲା । ହଜରତ ମୁହମ୍ମଦ ସ.ଅ ହଜରତ ଜୈଦ ବିନ୍ ହାରସାଙ୍କୁ ମଦିନା ଆଭିମୁଖେ

ପଠାଇଲେ । ଯଦ୍ୱାରା ସେ ଆଗେଆଗେ ଯାଇ ମଦିନାବାସୀଙ୍କୁ ଏହି ବିଜୟର ସୁସମ୍ବାଦ ପହଂଚାଇ ଦେବେ । ସୁତରାଂ ସେ ମହାଭାଗଙ୍କ ଆଗମନ ପୂର୍ବରୁ ପହଂଚି ମଦିନାବାସୀଙ୍କୁ ବିଜୟ ଖବର ଶୁଣାଇଲେ । ଯାହା ଫଳରେ ମଦିନାର ଅନୁଚରମାନଙ୍କ ମଧ୍ୟରେ ଯଦିବା ଏକପକ୍ଷେ ଇସଲାମର ମହତ୍ୱପୂର୍ଣ୍ଣ ବିଜୟ ଦୃଷ୍ଟିରୁ ମହାଆନନ୍ଦ ଓ ଉଲ୍ଲାସର ଛାୟା ଖେଳିଗଲା ତ ଅନ୍ୟପକ୍ଷେ ସେମାନଙ୍କ ମନରେ ଏହି ଅବଶୋଷ ମଧ୍ୟ ରହିଗଲା ଯେ ସେହି ମହତ୍ୱପୂର୍ଣ୍ଣ ଜେହାଦର ପୁଣ୍ୟ ଫଳରୁ ସେ ବଂଚିତ ରହିଗଲେ । ଏବଂ ଏହି ସୁସମ୍ବନ୍ଦ ସେପରି ଏକ ଶୋକକୁ ଭୁଲ ପ୍ରମାଣିତ କରିଦେଲା, ଯାହା ଜୈଦ ବିନ୍ ହାରସାଙ୍କ ଆଗମନ ଦ୍ୱାରା କିଛିକ୍ଷଣ ପାଇଁ ମଦିନାର ମୁସଲମାନଙ୍କୁ ସାଧାରଣ ରୂପେ ତଥା ହଜରତ ଉସମାନଙ୍କୁ ବିଶେଷ ରୂପେ ହଜରତ ମୁହମ୍ମଦ ସ.ଅଙ୍କ କନ୍ୟା ହଜରତ ରୁକେୟାଙ୍କ ମୃତ୍ୟୁ ହେବା ଫଳରେ ପହଂଚି ଥିଲା । ସେହି କନ୍ୟାଙ୍କୁ ହଜରତ ମୁହମ୍ମଦ ସ.ଅ ରୋଗଗ୍ରସ୍ତ ଅବସ୍ଥାରେ ନିଜ ପଛରେ ଛାଡ଼ି ଦେଇ ବଦର ଯୁଦ୍ଧର ଅଭିଯାନରେ ଚାଲି ଯାଇଥିଲେ ଓ ଯେଉଁଥି ପାଇଁ ହଜରତ ଉସମାନ ମଧ୍ୟ ସେହି ଯୁଦ୍ଧରେ ସାମିଲ ହୋଇପାରିଲେ ନାହିଁ ।

ହଜରତ ଜୈଦ ବିନ୍ ହାରସାଙ୍କୁ ଏକ ସେନା ଦଳର ମୁଖ୍ୟ ରୂପେ ୩ହିଜରୀ ଜମାଦି ଅୱ୍ୱଲ୍ ମାସର ଶେଷ ପର୍ଯ୍ୟାୟରେ କରଦା ନାମକ ସ୍ଥାନ ଅଭିମୁଖେ ପଠାଯାଇଥିଲା । ଏହି ଘଟଣାକୁ ବର୍ଣ୍ଣନା କରି ହଜରତ ମିର୍ଜା ବଶିର ଅହମଦ ସାହେବ ଲେଖିଛନ୍ତି– ବନୁ ସଲିମ ଓ ବନୁ ଗତଫାନ୍‌ର ଆକ୍ରମଣରୁ ଯେବେ କିଛି ଫୁରସତ୍ ମିଳିଲା, ମୁସଲମାନମାନଙ୍କୁ ଆଉ ଏକ ବିପଦ କାରଣରୁ ନିଜ ଜନ୍ମ ଭୂମିରୁ ବାହାରିବାକୁ ପଡ଼ିଲା । ସୁତରାଂ ଜମାଦି ଅୱ୍ୱଲ ଆଖିର ମାସରେ ହଜରତ ମୁହମ୍ମଦ ସ.ଅଙ୍କୁ ଏକ ସୂଚନା ମିଳିଲା ଯେ ମକ୍କାର କୁରୈଶର ଏକ ବ୍ୟବସାୟୀ ଦଳ ନଜଦି ରାସ୍ତା ଦେଇ ଅତିକ୍ରମ କରିବାର ଅଛି । ସେହି ରାସ୍ତାରେ କୁରୈଶଙ୍କ କିଛି ବନ୍ଧୁ ବସବାସ କରୁଥିଲେ । ଯେଉଁମାନେ କୁରୈଶମାନଙ୍କ ପରି ମୁସଲମାନମାନଙ୍କ ରକ୍ତପିପାସୁ ଥିଲେ । ସେମାନଙ୍କ ସହିତ ମିଳିତ ହୋଇ କୁରୈଶମାନେ ମଦିନାରେ ଛାପାମାରିବା ଅତି ସହଜ ସାଧ ଥିଲା । କୁରୈଶଙ୍କୁ ଦୁର୍ବଳ କରିବା ତଥା ତାଙ୍କୁ ସନ୍ଧି ଆଡ଼କୁ ଡ଼ାକିବା ମଧ୍ୟ ଜରୁରୀ ଥିଲା । ଯଦ୍ୱାରା ସେହି ରାସ୍ତା ଉପରେ ସେମାନଙ୍କ ଦଳକୁ ପ୍ରତିରୋଧ କରାଯାଇ ପାରିବ । ସେଥିପାଇଁ ହଜରତ ମୁହମ୍ମଦ ସ.ଅ ଏହି ସମ୍ବାଦ ପାଇବା କ୍ଷଣି ନିଜର ଦାସତ୍ୱରୁ ମୁକ୍ତ ଜୈଦ ବିନ୍ ହାରସାଙ୍କୁ ସେନାପତି କରି ନିଜର ଅନୁଚରଙ୍କର ଏକ ଦଳକୁ ପଠାଇଦେଲେ ।

କୁରୈଶର ଏହି ବ୍ୟବସାୟୀ ଗୋଷ୍ଠୀ ମଧ୍ୟରେ ଅବୁସୁଫୟାନ ବିନ୍ ହରବ୍ ଓ ସଫୱ୍ୱାନ୍ ବିନ୍ ଉମୟା ପରି ବଡ଼ ବଡ଼ ସରଦାର ମଧ୍ୟ ଥିଲେ । ଏପରି ସ୍ଥଳେ ଜୈଦ ଅତ୍ୟନ୍ତ ଫୁର୍ତ୍ତି ଓ ସର୍ତକତା ଅବଲମ୍ବନ କରି ନିଜର କର୍ତବ୍ୟ ସମ୍ପାଦନ କଲେ ଏବଂ ନଜଦ୍ ଅନ୍ତର୍ଗତ କରଦା ଠାରେ ସେହି ଇସଲାମର ଶତ୍ରୁମାନଙ୍କୁ ଯାଇ ଧରି ପକାଇଲେ । ଏପରି ଅର୍ତକିତ ଆକ୍ରମଣ ଫଳରେ କୁରୈଶର ଲୋକମାନଙ୍କ ଦଳର ଯାହା କିଛି ଧନସମ୍ପତି ଥିଲା, ସେସବୁ ଛାଡ଼ି ଦେଇ ସେମାନେ ପଳାୟନ କଲେ । ଜୈଦ ବିନ୍ ହାରସା ଓ ତାଙ୍କ ସାଥି ଏକ ବିପୁଳ ପରିମାଣର ଧନ ହାସଲ କରି ମଦିନା ଅଭିମୁଖେ ମହାନ ସଫଳତାର ସହିତ ଯାତ୍ରା କଲେ ।

ହଜୁର ଅନୱ୍ୱର ଅ.ବ କହିଲେ ଏବେ ମୁଁ ଏକ ମର୍ମନ୍ତୁଦ ଘଟଣା ସମ୍ବନ୍ଧରେ ବର୍ଣ୍ଣନା କରିବି । ମୁବାରକ ଅହମଦ ଶିଦ୍ଦିକିଙ୍କ କନ୍ୟା ଶ୍ରୀମତି ମରିୟମ୍ ସଲମାନ ଗୁଲ ଚଳିତ ଜୁନ ମାସ ୧୭ତାରିଖ ଦିନ ୨୫ବର୍ଷ ବୟସରେ ଦେହ ତ୍ୟାଗ କରିଛନ୍ତି । **ଇନ୍ନା ଲିଲ୍ଲାହି ୱ୍ୱଇନ୍ନା ଇଲୈହି ରାଜେଉନ୍** । କିଛି ଦିନ ପୂର୍ବରୁ ତାଙ୍କ ରୋଗର ଖବର ମିଳିଥିଲା । ଚିକିତ୍ସାଳୟରେ ଚିକିତ୍ସା ମଧ୍ୟ ଚାଲିଥିଲା କିନ୍ତୁ ଶେଷରେ କପାଳ ଲେଖା ଆଗରେ ହାରିଯାଇ ସେ ଦେହ ତ୍ୟାଗ କଲେ । ଶ୍ରୀମତିଙ୍କ ସମ୍ବନ୍ଧରେ ତାଙ୍କ ସଂସ୍ପର୍ଶରେ ଥିବା ବନ୍ଧୁ ପରିଜନ କୁହନ୍ତି ସେ ଅତ୍ୟନ୍ତ ମେଳାପି ଓ ଉତମ ଚରିତ୍ରର କନ୍ୟା ଥିଲେ । ନିୟମିତ ଭାବରେ ନମାଜ ପାଠ କରିବା ଓ ଅତି ସେବାକାରୀ ମହିଳା ଥିଲେ । ଖିଲାଫତ୍ ସହ ଅଶେଷ ପ୍ରେମ ଓ ନିବିଡ଼ତାର ସମ୍ପର୍କ ଥିଲା । ସେ ନିଜ ପଛରେ ନିଜ ପିତାମାତା ଓ ସ୍ୱାମୀଙ୍କ ବ୍ୟତୀତ ଦୁଇଟି କନ୍ୟା ନାୟାବ (୫ବର୍ଷ) ଓ ଯରୟାବ (ଦେଢ ବର୍ଷର) ସନ୍ତାନ ଛାଡ଼ି ଯାଇଛନ୍ତି । ମରିୟମ ସଲମାନ ସାହେବାଙ୍କ ମାତା ଶ୍ରୀମତି ଗୁଲ ମୁବାରକ ସାହିବା କୁହନ୍ତି ଗତ ଛ'ସପ୍ତାହ ମଧ୍ୟରେ ଆମେ ତିନୋଟି ହୃଦୟ ବିଦାରକ କଷ୍ଟର ସମ୍ମୁଖୀନ ହୋଇଅଛୁ । ପ୍ରଥମେ ଗୁଲ ମୁବାରକ ସାହେବାଙ୍କ ଭ୍ରାତାଙ୍କର ଦେହାନ୍ତ ଘଟିଲା ତା'ପରେ ତାଙ୍କ ଭଗିନୀଙ୍କର କାଳ ହେଲା ଏବଂ ବର୍ତମାନ ପୁତ୍ରି । ଅଲ୍ଲାଃତାଲା ତାଙ୍କୁ ଧୈର୍ଯ୍ୟ ଓ ସହନଶୀଳ ଶକ୍ତି ପ୍ରଦାନ କରନ୍ତୁ । ମରିୟମ ସଲମାନ ସାହେବା ନିଜ ଜମାଅତ ଏବସମର ସେକ୍ରେଟାରୀ ନୌମୁବାୟା ଥିଲେ । ଅତ୍ୟନ୍ତ ମେଳାପି, ଉତମ ଚରିତ୍ର ଓ ଅଭାବି ଲୋକମାନଙ୍କ ଆବଶ୍ୟକତା ପୂରଣକାରୀ ମହିଳା ଥିଲେ । ତାଙ୍କ ହଲକାର ସଦର ଲଜନା କୁହନ୍ତି– ସେ ନିଜ ବିଭାଗର କର୍ତବ୍ୟ ବେଶ୍ ସୁନ୍ଦର ଭାବରେ ସମ୍ପାଦନ କରି ଅନ୍ୟମାନଙ୍କ ପାଇଁ ଉଦାହରଣ ଛାଡ଼ି ଯାଇଛନ୍ତି । ନୂତନ ଅହମଦି ମହିଳାମାନଙ୍କ ସହ ଏଭଳି ସ୍ନେହ ଓ ପ୍ରେମର ସହ ଆଚରଣ କରୁଥିଲେ କି ସେମାନେ ଆପଣାଛାଏଁ ଜମାଅତର ବ୍ୟବସ୍ଥାକୁ ଭଲପାଉ ଥିଲେ । ଜଣେ ନୂତନ ଅହମଦି ଅନ୍ଦଲିବ ସାହେବା କୁହନ୍ତି ମୋ ମତରେ ପ୍ରତ୍ୟେକ ସେକ୍ରେଟାରୀ ନୌମୋବାୟାଙ୍କୁ ମରିୟମଙ୍କ ପରି ହେବା ଉଚିତ୍ କାରଣ ମୋର ମନେଅଛି ତାଙ୍କ ସହ ଯେତେବେଳେ ମୋର ପ୍ରଥମ ଦେଖା ହୋଇଥିଲା ସେତେବେଳେ ସେ ଏଭଳି ପ୍ରେମର ସହ ମୋତେ ଆଲିଙ୍ଗନ କଲେ ଯେ ମୋର ମନେହେଲା ଯେପରି ମୋତେ ଜଣେ ଆତି ସ୍ନେହ ଆଦରକାରୀ ଭଗିନୀ ମିଳିଯାଇଛି । ମୋ ଘରକୁ ଆସିବା ସମୟରେ ମୋ ପିଲାମାନଙ୍କ ପାଇଁ ଛୋଟ ଛୋଟ ଉପହାର ନେଇ ଆସନ୍ତି । ଫୋନ୍ ମାଧ୍ୟମରେ ଓ ସାକ୍ଷାତ କରି ସର୍ବଦା ମୋତେ ନିଜ ସଂସ୍ପର୍ଶରେ ରଖୁଥିଲେ । ବନ୍ଧୁ ଓ ଲୋକମାନଙ୍କ ସହ ବାର୍ତାଳାପ ବେଳେ ଅଧିକାଂଶ ସମୟରେ ଖିଲାଫତ୍‌ର ଆଶିଷ ଓ ଜମାଅତର ବ୍ୟବସ୍ଥା ସମ୍ବନ୍ଧରେ ଆଲୋଚନା କରନ୍ତି ଏବଂ ନୂତନ ଅହମଦିଙ୍କର ସର୍ବୋତମ ବନ୍ଧୁ ପାଲଟି ଯାଉଥିଲେ । ସେମାନଙ୍କର ସାହାଯ୍ୟ କରିବା ଯେଉଁଥିରେ ଜମାଅତର କାର୍ଯ୍ୟକ୍ରମରେ ଭାଗ ନେବା ପ୍ରତି ସେମାନଙ୍କୁ ଉତ୍ସାହିତ କରିବା ଆଦି ସାମିଲ ରହିଛି । ଏହି ନୂତନ ଅହମଦି ଜଣକ କୁହନ୍ତି ତାଙ୍କର ମୋତେ ଏଭଳି ଶିକ୍ଷାଦିକ୍ଷା ପ୍ରଦାନ କରିବା ଫଳସ୍ୱରୂପ ବର୍ତମାନ ମୁଁ ଏହି ହଲକା (ସାହି)ର ଜେନେରାଲ୍ ସେକ୍ରେଟାରୀ ହୋଇଯାଇଛି । ସେ ନିଜର ମାମୁଲି ଖର୍ଚ୍ଚରୁ ମଧ୍ୟ କିଛି କିଛି ସଂଚିତ କରି ଲୋକମାନଙ୍କ ସେବା କରନ୍ତି ।

ଶ୍ରୀମତି ମରିୟମଙ୍କ ପିତା ଲେଖିଛନ୍ତି ସେ ବେଶ୍ ନିୟମିତ ଭାବରେ ଖୁତବା ଶୁଣୁଥିଲେ । ପ୍ରତ୍ୟେକ କାର୍ଯ୍ୟରେ ସଂସାର ତୁଳନାରେ ଧର୍ମକୁ ପ୍ରାଥମିକତା ଦେଉଥିଲେ । ତାଙ୍କର ଦେହାନ୍ତ ପୂର୍ବରୁ ମଜଲିସ୍ ଶୁରାର ବୈଠକ ଥିଲା ସେତେବେଳେ ମରିୟମ ICUରେ ଥିଲେ । ମୁଁ ତାଙ୍କୁ କହିଲି ଏଠାରେ ମୋର ଆବଶ୍ୟକତା ରହିଛି ତେଣୁ ମୁଁ ଶୁରାରେ ଅନୁପସ୍ଥିତ ରହିବାର ଅନୁମତି ନେଇ ନେଉଛି । କିନ୍ତୁ ସେ କହିଲେ ନା ନା ଆପଣ ମୋର ଚିନ୍ତା କରନ୍ତୁ ନାହିଁ । **ମୋ ଯୋଗୁଁ ଜମାଅତର କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବାରେ କଦାପି ଅନୁପସ୍ଥିତ ରୁହନ୍ତୁ ନାହିଁ । ଶୁରାରେ ସାମିଲ ହୁଅନ୍ତୁ କାରଣ ହଜରତ ମସିହ ମଉଦ ଅ.ସଙ୍କ ସହ ଆମେ ଏହି ପ୍ରତିଜ୍ଞା କରିଛେ ଯେ ଆମେ ସଂସାର ଅପେକ୍ଷା ଧର୍ମକୁ ପ୍ରାଥମିକତା ଦେବା** । ସେ ଲଣ୍ଡନର ସିନେଟ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ, ସେଠାରେ ତାଙ୍କ ନର୍ସ କୁହନ୍ତି ମରିୟମ୍ ସହ କଥାବାର୍ତା କରି ମୋତେ ଏପରି ଅନୁଭବ ହେଲା ଯେପରି ମୁଁ କୌଣସି ଦେବଦୂତ ସହ ସାକ୍ଷାତ କରିଅଛି ସର୍ବଦା ସଲାମ କରିବା, ଅନ୍ୟର ଭଲମନ୍ଦ କଥା ପଚାରି ବୁଝିବାରେ ପ୍ରଥମ ଥିଲେ । ସର୍ବଦା ଅନ୍ୟମାନଙ୍କ ମଧ୍ୟରେ ଭଲ ଗୁଣକୁ ସନ୍ଧାନ କରିବା ପ୍ରୟାସରେ ରହୁଥିଲେ ତା'ପରେ ତାଙ୍କର ସେହି ଉତମ ଗୁଣକୁ ଆପ୍ରିସିୟେଟ୍ କରୁଥିଲେ । ସର୍ବଦା ତାଙ୍କ ମୁଖରେ ଆନନ୍ଦର ମଧୁରସ ଝରୁଥିଲା । ଅଲ୍ଲାଃତାଲାଙ୍କ ଉପରେ ତାଙ୍କର ଅଟଳ ଆସ୍ଥା ଓ ବିଶ୍ୱାସ ରହିଥିଲା । ଅଲ୍ଲାଃଙ୍କ ପୁରସ୍କାରର ସର୍ବଦା କୃତଜ୍ଞତା ଜ୍ଞାପନ କରୁଥିଲେ । ଅଲ୍ଲାଃତାଲା ତାଙ୍କ ସହ ଦୟା ଓ କ୍ଷମା ଆଚରଣ କରନ୍ତୁ । ଯେପରି ସେ ନିଜ ଈଶ୍ୱରଙ୍କ ଠାରୁ ଆଶା ବାନ୍ଧିଥିଲେ ଅଲ୍ଲାଃତାଲା ତାଙ୍କ ସହ ତାଠାରୁ ବଳି ନିଜ ପ୍ରେମର ଆଚରଣ କରନ୍ତୁ ଏବଂ ନିଜ ପ୍ରିୟଜନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ କରାନ୍ତୁ । ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରାନ୍ତୁ । ତଥା ତାଙ୍କ ସନ୍ତାନମାନଙ୍କର ମଧ୍ୟ ସ୍ୱୟଂ ସୁରକ୍ଷା ପ୍ରଦାନ କରିବା ସହିତ ନିଜ ଶରଣରେ ରଖନ୍ତୁ ଏବଂ ତାଙ୍କର ନିଜ ସନ୍ତାନମାନଙ୍କ ପକ୍ଷେ କରିଥିବା ସମସ୍ତ ଦୁଆ ସ୍ୱୀକାର କରନ୍ତୁ । ତାଙ୍କର ପିତାମାତାଙ୍କୁ ମଧ୍ୟ ଧୈର୍ଯ୍ୟ ଓ ସହନଶୀଳ ଶକ୍ତି ପ୍ରଦାନ କରନ୍ତୁ । ସେମାନେ ମଧ୍ୟ ଅଲ୍ଲାଃଙ୍କ ବିଧାନକୁ ସ୍ୱୀକାର କରି ତାଙ୍କ ନିଷ୍ପତିରେ ରାଜି ରହି ତାଙ୍କ ପିଲାମାନଙ୍କର ଉତମ ରୂପେ ଲାଳନପାଳନ କରନ୍ତୁ । ତାଙ୍କ ସ୍ୱାମୀ ମଧ୍ୟ ନିଜ ପିଲାମାନଙ୍କୁ ଉଭୟ ପିତାମାତାର ସ୍ନେହ ଓ ଆଦର ପ୍ରଦାନକାରୀ ସାବ୍ୟସ୍ତ ହୁଅନ୍ତୁ । ଅଲ୍ଲାଃତାଲା ବୈକୁଣ୍ଠରେ ତାଙ୍କର ସ୍ତର ବୃଦ୍ଧି କରାନ୍ତୁ ।

⌘⌘⌘ ⌘⌘⌘ ⌘⌘⌘

### ହଦିସ୍ ନବୱି ସ:ଆ:ସ

''ନମାଜ ପରିତ୍ୟାଗ କରିବା ମନୁଷ୍ୟକୁ ଶିର୍କ ଏବଂ କୁଫର୍ (ଅର୍ଥାତ୍ ଅନ୍ୟ କାହାକୁ ଅଲ୍ଲାଃଙ୍କ ସମକକ୍ଷ କରିବା ଓ ଅମାନ୍ୟକାରୀ)ର ନିକଟତର କରିଦିଏ''

*(ମୁସ୍‌ଲିମ୍, କିତାବୁଲ୍ ଇମାନ୍)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମ ଇବାଦତ୍ ଅର୍ଥାତ୍ ଉପାସନାରେ ଉନ୍ନତି ହିଁ ଆମକୁ ସଫଳତା ପ୍ରଦାନ କରିବ । ସୁତରାଂ ଏହା ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ । ସମସ୍ତ ନିଜାମ୍ ଅର୍ଥାତ୍ ବ୍ୟବସ୍ଥାକୁ ଏ ବିଷୟରେ ବହୁତ ଗମ୍ଭୀର ହେବାର ଆବଶ୍ୟକତା ରହିଛି ।''

*(ଖୁତ୍‌ବା ଯୁମାଃ: ପ୍ରଦତ ୨୭ ଜାନୁୟାରୀ ୨୦୧୭)*

**ତାଲିବେ ଦୁଆ:** *Hawa Bibi & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମର ସମସ୍ତ ଓ୍ୱହ୍‌ଦାଦାର୍ ଯେକୌଣସି ସ୍ତରର ଓ୍ୱହ୍‌ଦାଦାର୍ ହୁଅନ୍ତୁ ନା କାହିଁକି, ସେମାନେ ନିଜର ନମୁନା କାଏମ୍ କରନ୍ତୁ । ସଲାମ କରିବାରେ ଆଗୁଆ ହୁଅନ୍ତୁ । ଏହା ଜରୁରୀ ନୁହେଁ ଯେ ଅପେକ୍ଷା କରନ୍ତୁ କି ଛୋଟ ବା ଅଧିନସ୍ତ ମତେ ସଲାମ୍ କରୁ ।''

*(ଖୁତ୍‌ବା ଯୁମାଃ ପ୍ରଦତ ୬ ଜାନୁୟାରୀ ୨୦୧୫)*

**ତାଲିବେ ଦୁଆ:** *Majlis Lajna Imaillah, Jamat Ahmadiyya, Pankal (Odisha)*

## ପରମାଣୁ ବୋମା ଉତାପର କୁପ୍ରଭାବରୁ ସୁରକ୍ଷା ରହିବା ନିମନ୍ତେ ହୋମିଓପାଥିକ୍ ଔଷଧ

ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଦୟା ପରବଶ ହୋଇ ପରମାଣୁ ଉତାପର କୁପ୍ରଭାବରୁ ସୁରକ୍ଷା ପାଇବା ପାଇଁ ପୂର୍ବରକ୍ଷା ସ୍ୱରୂପ ନିମ୍ନରେ ଦିଆଯାଇଥିବା ଔଷଧକୁ ବ୍ୟବହାର କରିବା ପାଇଁ ନିର୍ଦ୍ଦେଶ୍ ଦେଇଛନ୍ତି । ତତ୍ ସହିତ ଏହା ମଧ କହିଲେ ଯେ ଦୁଆ କର ଯେ ଅଲ୍ଲାଃତାଲା ପ୍ରତ୍ୟେକ ବିଶେଷ ଓ ସାଧାରଣଙ୍କୁ ନିଜର ସୁରକ୍ଷାରେ ରଖନ୍ତୁ । ଆମିନ୍ !

### ହୁ ୱଶ୍ ଶାଫି

**ବୟସ୍କ ଲୋକମାନଙ୍କ ନିମନ୍ତେ:-**

(1)Carcinosin CM (2)Radium Brom CM

**୧୦ ରୁ ୧୫ ବର୍ଷ ପିଲାମାନଙ୍କ ନିମନ୍ତେ:-**

(1)Carcinosin 100 (2)Radium Brom 1000

**୧୦ ରୁ କମ୍ ବୟସର ପିଲାମାନଙ୍କ ନିମନ୍ତେ:-**

(1)Carcinosin 200 (2)Radium Brom 200

ପ୍ରଥମ ସପ୍ତାହରେ ୧ ନଂ ଔଷଧରୁ ଏକ ପାନ ଖାଇବେ ଏବଂ ଦ୍ୱିତୀୟ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ତୃତୀୟ ସପ୍ତାହରେ ୧ନଂ ଔଷଧରୁ ଏକ ପାନ ଖାଇବେ ଓ ଚତୁର୍ଥ ସପ୍ତାହରେ ୨ନଂ ଔଷଧରୁ ଏକ ପାନ ଖାଇବେ । ଏହି ଅନୁକ୍ରମରେ ଛୋଟ ପିଲାମାନେ ଓ ବୟସ୍କମାନେ ଦୁଇଟି ଯାକ ଔଷଧରୁ ୩ ରୁ ୪ ପାନ ଲେଖାଏଁ ଖାଇବେ ।

(ହଫିଜ୍ ଅହେମଦ୍ ଭଟି, ଲଣ୍ଡନ୍, ହୋମିଓପାଥିକ୍ ଡ଼ିପାର୍ଟମେଂଟ୍ ୟୁ.କେ)

(ଅଖ୍‌ବାର୍ ଅଲ୍‌ଫଜଲ୍ ଇଂଟରନ୍ୟାସିନାଲ୍ ୧୨ ମଇ ୨୦୧୭ ଙ୍କୁ ଧନ୍ୟବାଦ ।)

# ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକର ସୁରକ୍ଷା କରନ୍ତୁ

ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ସମୟର ସ୍ମୃତି ଚିହ୍ନ ''ଅଖ୍‌ବାର୍ ବଦର୍'' ୧୯୫୨ ମସିହାରୁ ଲଗାତାର କାଦିଆନ୍ ଦାରୁଲ୍ ଅମାନ୍‌ରୁ ପ୍ରକାଶ ପାଉଅଛି । ଏବଂ ଜମାତ୍‌ର ଲୋକମାନଙ୍କର ଦିନୀ ଆବଶ୍ୟକତାକୁ ପୁରଣ କରୁଅଛି । ଏଥିରେ ପବିତ୍ର କୋରାନ୍‌ର ଆୟତ, ଆହାଦିଶେ ନବୱିୟା (ନବୀ ସ:ଆ:ସଙ୍କର କଥନ), ହଜ୍‌ରତ୍ ଅକ୍‌ଦସ୍ ମସିହ୍ ମଉଦ୍ ଆ:ସଙ୍କ ମଲ୍‌ଫୁଜାତ୍ ଓ ଲେଖନୀ ବ୍ୟତୀତ ସୟଦ୍‌ନା ହଜୁର୍ ନଅୁୱର୍ ଅ:ବ:ଅଙ୍କ ତାଜା ଖୁଦ୍‌ବାଜୁମା ଓ ଅଭିଭାଷଣ ଓ ପ୍ରାଣବର୍ଦ୍ଧକ ବାର୍ତାମାନ, ଖୁତ୍‌ବାଜୁମା ପ୍ରଶ୍ନୋତର ଏବଂ ହଜୁର୍ ଅନୁୱର୍‌ଙ୍କ ଦୌରା (ଗସ୍ତ) ର ଅତ୍ୟନ୍ତ ବିଶ୍ୱାସବର୍ଦ୍ଧକ ଏବଂ ଧାର୍ମିକ ଓ ସାଂସାରିକ ଶିକ୍ଷାରେ ପରିପୂର୍ଣ୍ଣ ରିପୋର୍ଟ୍ ଗୁଡିକ ପ୍ରକାଶ ହେଉଅଛି । ଏହାକୁ ଅଧ୍ୟୟନ କରିବା, ଏଗୁଡିକୁ ଅନ୍ୟ ଲୋକପର୍ଯ୍ୟନ୍ତ ପହଂଚାଇବା, ତା ଉପରେ ଅମଲ କରିବା ଏବଂ ସେଗୁଡିକ ମାଧ୍ୟମରେ ନିଜର ଓ ନିଜ ପିଲାମାନଙ୍କର ତାଲିମ୍ ତର୍‌ବିୟତ କରିବା ହେଉଛି ଆମ ସମସ୍ତଙ୍କର କର୍ତବ୍ୟ । ଏହି ସମସ୍ତ ଉଦ୍ଦେଶ୍ୟ ଗଡିକୁ ହାସଲ କରିବା ପାଇଁ ଅଖ୍‌ବାର୍ ବଦର୍‌ର ସୁମାରା (ଅଙ୍କ) ଗୁଡିକୁ ହେପାଜତ୍ ସହିତ ନିଜ ନିକଟରେ ସୁରକ୍ଷା ରଖିବା ହେଉଛି ଆମ ସମସ୍ତଙ୍କର ଗୁରୁ ଦାୟିତ୍ୱ ।

ଦୀନି, ତାଲିମ୍ ଓ ତର୍‌ବିୟତ୍ ଉପରେ ଆଧାରିତ ଏହି ପବିତ୍ର ଖବରକାଗଜ ଏହା ଚାହୁଁଛି ଯେ ତାର ସମ୍ମାନ କରାଯାଉ । ସୁତରାଂ ଏହାକୁ ଅଦରକାରୀ ବସ୍ତୁ ରୂପେ ବିକ୍ରି କରିବା ହେଉଛି ଏହାର ସମ୍ମାନକୁ କ୍ଷୁର୍ଣ୍ଣ କରିବା ସହିତ ସମାନ । ଯଦି ଏହାକୁ ସମ୍ଭାଳିବା ସମ୍ଭବ ହେଉନଥିବ ତେବେ ଅତି ସନ୍ତର୍ପଣ ସହିତ ଏହାକୁ ନଷ୍ଟ କରିଦିଅନ୍ତୁ । ଯଦ୍ୱାରା ସେହି ପବିତ୍ର ଲେଖନୀ ଗୁଡିକର ଅସମ୍ମାନ ନହେବ । ଆଶା କରୁଛୁ କି ଜମାତ୍‌ର ସଦସ୍ୟଗଣ ଏଥିପ୍ରତି ବିଶେଷ ରୂପେ ଧ୍ୟାନ ଦେବେ ଓ ଏଥିରୁ ସମ୍ପୂର୍ଣ୍ଣ ରୂପେ ଲାଭ ଉଠାଇ ଏହି କଥାଗୁଡିକୁ ପାଳନ କରିବେ ।

(ବଦର କାର୍ଯ୍ୟାଳୟ)

**ହଜୁର ଅନୱରଙ୍କ ଗୋଚରେ ଡ଼ାକ ଦ୍ୱାରା ଚିଠି ଲେଖୁଥିବା ଲୋକମାନଙ୍କ ପାଇଁ**

### ନୂଆ ଠିକଣା

ଯମାତ୍‌ର ସଦସ୍ୟମାନେ ଜାଣିଛନ୍ତି ଯେ, ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ବିଗତ କିଛି ସପ୍ତାହ ହେବ ମସ୍‌ଜିଦ୍ ଫଜଲ୍‌ରୁ ଆସି ନୂଆ ମର୍କଜ୍ ଇସାଲାମବାଦ ଟିଲ୍‌ଫୋର୍ଡ଼ଠାରେ ରହୁଛନ୍ତି ଯେଉଁ ଲୋକମାନେ ସୟଦନା ହଜ୍‌ରତ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ସେବାରେ ପ୍ରାର୍ଥନା ମୂଳକ ଚିଠି ଡ଼ାକ ଦ୍ୱାରା ପଠାଉଛନ୍ତି ସେମାନେ ଏବେ ନିମ୍ନଲିଖିତ ନୂଆ ଠିକଣାରେ ଚିଠି ପଠାନ୍ତୁ

Islamabad, 2, Sheephatch Lane,
Tilford Surrey GU10 2AQ
United Kingdom

## ବାପା ମା'ଙ୍କ ନିମନ୍ତେ କର୍ତବ୍ୟ

ୱ କଜା ରବ୍‌ବୁକା ଅଲ୍ଲାଃ ତାଆବୁଦୁ ଇଲ୍ଲା ଇୟାହୁ ୱବିଲ୍ ୱାଲିଦୈନେ ଇହ୍‌ସାନା । ଇମ୍ମା ୟବ୍‌ଲୁଗନ୍ନା ଇନ୍‌ଦକଲ୍ କିବର ଅହଦୁହୁମା ଅଓ କିଲାହୁମା ଫଲା ତକୁଲ୍‌ଲ୍ଲହୁମା ଉଫିଉଁ ୱଲା ତନ୍‌ହର୍‌ହୁମା ୱକୁଲ୍‌ଲ୍ଲହୁମା କଓ୍ୱଲନ୍ କରିମା । ୱଖ୍‌ଫିଜ୍ ଲହୁମା ୟନାହଜ୍ ଜୁଲ୍ଲେ ମିନର୍‌ରହ୍‌ମତେ ୱକୁର୍ ରବ୍‌ବିର୍ ହମ୍‌ହୁମା କମା ରବ୍‌ବୟାନି ସଗିରା ।

**(ପବିତ୍ର କୋରାନ୍ ସୁରା ବନି ଇସ୍‌ରାଇଲ୍: ଆୟାତ:୨୪-୨୫)**

ଅର୍ଥାତ୍- ତୁମ୍ଭ ପାଳନକର୍ତା (ଏ ବିଷୟରେ) ଚେତାବନୀ ପୂର୍ବକ ଆଦେଶ ଦେଇଛନ୍ତି ଯେ ତୁମେମାନେ ତାହାଙ୍କ ବ୍ୟତୀତ କାହାରି ଉପାସନା କରନାହିଁ, ଏବଂ ପିତାମାତାଙ୍କ ସହିତ ଉତମ ବ୍ୟବହାର କର; ଯଦି ତୁମ ଜୀବିତ ଅବସ୍ଥାରେ ସେ ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କର ବା ଉଭୟଙ୍କର ବାର୍ଦ୍ଧକ୍ୟ ଆସିଯାଏ, ତେବେ ସେମାନଙ୍କ ପ୍ରତି (ସେମାନଙ୍କ କୌଣସି କଥାରେ ଅସନ୍ତୋଷ ପ୍ରକାଶ କରି) କୌଣସି କଟୁ ମନ୍ତବ୍ୟ ପ୍ରକାଶ କର ନାହିଁ କି ସେମାନଙ୍କୁ ଭର୍ତ୍ସନା କରନାହିଁ ଓ ସେମାନଙ୍କ ସହ (ସର୍ବଦା) କୋମଳ ବଚନରେ କଥାବାର୍ତା କର । ଏବଂ ଦୟାପରବଶ ହୋଇ ସେମାନଙ୍କ ସମ୍ମୁଖରେ ବିନୀତ ମନୋଭାବ ପୋଷଣ କର, ଏବଂ (ସେମାନଙ୍କ ପାଇଁ ପ୍ରାର୍ଥନା-ପୂର୍ବକ) କୁହ, ''ହେ ମୋର ପାଳନ କର୍ତା, ! ସେମାନଙ୍କ ପ୍ରତି କରୁଣା ପ୍ରଦାନ କର,କାରଣ ସେମାନେ ମୋର ଶୈଶବ ଅବସ୍ଥାରେ ଲାଳନ ପାଳନ କରିଥିଲେ'' ।

# ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିଭାବକୁ ଦେଖାଅ । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଓ ତା ଉପରେ ପରିଚାଳିତ ହୁଅ ।

### ସୟଦ୍‌ନା ହଜ୍‌ରତ୍ ମସିହ୍ ମଉଦ୍ ଆ:ସଙ୍କ ନିଜ ଜମାତ୍‌ଠାରୁ ଆଶାପୋଷଣ

ହଜ୍‌ରତ୍ ମସିହ୍ ମଉଦ୍ ଆଲୈହିସ୍ ସଲାମ୍ କହୁଛନ୍ତି:-

ମନେରଖ ଆମ ଜମାତ୍ ଏକଥା ପାଇଁ ନୁହେଁ ଯେପରି ସାଧାରଣ ସାଂସାରିକ (ବ୍ୟକ୍ତି) ଜୀବନ ବିତାଇଥାଏ । କେବଳ ମୁହଁରୁ କହିଥାଏ ଯେ ଆମେ ଏହି ସିଲ୍‌ସିଲାରେ ଦାଖିଲ୍ ଅଛୁ । ଏବଂ ଅମଳ (କାର୍ଯ୍ୟ)ର ଆବଶ୍ୟକତାକୁ ବୁଝୁନାହିଁ ଯେପରି ଦୁର୍ଭାଗ୍ୟ ବଶତଃ ମୁସଲ୍‌ମାନ୍ ମାନଙ୍କର ଏପରି ଅବସ୍ଥା ଯେ (ଯେବେ ତାଙ୍କୁ) ପଚାର କି ତୁମେ ମୁସଲ୍‌ମାନ୍ ଅଟ ? ସେତେବେଳେ ସେ କହିଥାନ୍ତି ଶୁକର୍ ଅଲ୍‌ହମ୍‌ଦୋଲିଲ୍ଲାଃ । କିନ୍ତୁ ନମାଜ ପଢ଼ନ୍ତି ନାହିଁ ଏବଂ ଅଲ୍ଲାଃଙ୍କ ଚିହ୍ନର ସମ୍ମାନ କରନ୍ତି ନାହିଁ ସୁତରାଂ ମୁଁ ତୁମଠାରୁ ଏହା ଚାହୁଁନାହିଁ ଯେ କେବଳ ମୁହଁଦ୍ୱାରା ମାନିନିଅ ଓ କାର୍ଯ୍ୟ କରି କିଛି ଦେଖାଅନାହିଁ । ଏହା ହେଉଛି ନିକମା ମାନଙ୍କ ଅବସ୍ଥା । ଖୁଦାତାଲା ଏହା ପସନ୍ଦ କରେନାହିଁ । ପୃଥିବୀର ଏପରି ଅବସ୍ଥା ଏହା ଚାହୁଁଥିଲା କି ଖୁଦାତାଲା ମୋତେ ଇସ୍‌ଲାହ୍ (ସଂସ୍କାର) ନିମନ୍ତେ ଛିଡା କଲା । ତେଣୁ ଏବେ ଯଦି କୌଣସି (ବ୍ୟକ୍ତି) ମୋ ସହିତ ସମ୍ପର୍କ ରଖି ମଧ ନିଜ ଅବସ୍ଥାରେ ସୁଧାର ଆଣୁନାହିଁ ଏବଂ କାର୍ଯ୍ୟଶକ୍ତିରେ ଉନ୍ନତି ଆଣୁନାହିଁ ବରଂ ମୁହଁଦ୍ୱାରା ମାନିଯିବାକୁ ହିଁ ଯଥେଷ୍ଟ ମଣୁଛି ସେ ଏପରି ଅଟେ ଯେପରି ନିଜର କାର୍ଯ୍ୟଦ୍ୱାରା ମୋ ଅନାବଶ୍ୟକତା ଉପରେ ଜୋର୍ ଦେଉଅଛି । ପୁଣି ତୁମେ ଯଦି ନିଜ କାର୍ଯ୍ୟଦ୍ୱାରା ପ୍ରମାଣ କରିବାକୁ ଚାହୁଁଛ ଯେ ମୋ ଆସିବା ନିରର୍ଥକ ତେବେ ପୁଣି (ଯଦି) ମୋ ସହିତ ସମ୍ପର୍କ ରଖିବାର ଅର୍ଥ କଣ ? ମୋ ସହିତ ସମ୍ପର୍କ ସୃଷ୍ଟି କରୁଛ ତେବେ ମୋର ଲକ୍ଷ ଓ ଉଦ୍ଦେଶ୍ୟକୁ ପୂରଣ କର ଓ ତାହା ହେଉଛି ଏହା ଯେ ଖୁଦାତାଲାଙ୍କ ନିକଟରେ ନିଜର ନିଷ୍ଠା ଓ ଭକ୍ତିକୁ ଦେଖାଅ ଏବଂ ପବିତ୍ର କୋରାନ୍‌ର ଶିକ୍ଷା ଉପରେ ସେହିପରି ପରିଚାଳିତ ହୁଅ ଯେଉଁପରି ରସୁଲୁଲ୍ଲାଃ ସ:ଆ:ସ କରି ଦେଖାଇଛନ୍ତି ଏବଂ ସାହାବାମାନେ ମଧ କରିଛନ୍ତି । ପବିତ୍ର କୋରାନ୍‌ର ପ୍ରକୃତ ଉଦ୍ଦେଶ୍ୟକୁ ଜାଣ ଏବଂ ତା ଉପରେ ପରିଚାଳିତ ହୁଅ । ଖୁଦାତାଲାଙ୍କ ନିକଟରେ ଏତିକି କଥା ଯଥେଷ୍ଟ ହୋଇପାରେନା ଯେ ମୁହଁରେ ମାନିନେବା ଓ କାର୍ଯ୍ୟରେ କୌଣସି ଆଲୋକ ଓ ଉତ୍ସୁକତା ନମିଳିବା । ମନେରଖ ଯେ ଯେଉଁ ଜମାତ୍‌କୁ ଖୁଦାତାଲା ପ୍ରତିଷ୍ଠା କରିବାକୁ ଚାହୁଁଛନ୍ତି ତାହା ବିନା କାର୍ଯ୍ୟରେ ଜୀବିତ ରହିପାରିବ ନାହିଁ । *(ମଲ୍‌ଫୁଜାତ୍, ଖଣ୍ଡ-୨, ପୃଷ୍ଠା-୨୨୨)*

(ନଜାରତ୍ ଇସ୍‌ଲାହ୍ ୱ ଇର୍‌ଶାଦ୍ ମର୍କଜିୟା କାଦିଆନ୍)

**ଏହି ସଂଖ୍ୟାରେ ଓଡ଼ିଆ ଡ଼ି.ଟି.ପି ଜନିତ କେତେଗୋଟି ଅସଲ ଅକ୍ଷର ସଠିକ ଲେଖା ହୋଇପାରି ନାହିଁ । ଉଦାହରଣ ସ୍ୱରୂପ ଦ୍ୱିତୀୟ ତ, ଅଂଚ,ଅଂଟ । ପାଠକ ପାଠିକାମାନଙ୍କୁ ଅନୁରୋଧ ଉକ୍ତ ଶବ୍ଦଗୁଡ଼ିକୁ ସଠିକ ପଢିନେବେ ।**

*ପୃଷ୍ଠା- ୧୨ର ଅବଶିଷ୍ଟାଂଶ ......*

## ସାକ୍ଷାତକାର କରିଥିବା ଲୋକମାନଙ୍କର ବିଶ୍ୱାସ ବର୍ଦ୍ଧକ ମନୋଭାବ

ସୟଦ ଦାଉଦ୍ ଅହମଦ୍ ସାହେବ ଯାହାଙ୍କ ସମ୍ବନ୍ଧ ସେଂଟ୍ରାଲ ଭର୍ଜିନିୟା ଯମାତ୍ ସହିତ ରହିଛି ସେ ସାକ୍ଷାତକାର ସମ୍ବନ୍ଧରେ ବର୍ଣ୍ଣନା କରି କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଜୀବନର ଏହି ପ୍ରଥମ ସାକ୍ଷାତକାର ଆମ ଜୀବନର ଏକ ସ୍ୱର୍ଣ୍ଣିମ କ୍ଷଣ ଥିଲା । ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର କରିବାର ସୌଭାଗ୍ୟ ମିଳିବା ମୋର ବହୁତ ଦିନର ସ୍ୱପ୍ନ ସାକାର ହେଲା । ଏହି ଦିନଟି ଆମ ପାଇଁ ବହୁତ ବର୍‌କତ୍‌ର ଦିନ ଥିଲା ।

ଆଉଜଣେ ବନ୍ଧୁ ମଲକ ଫାରୁକ୍ ମୁନୀବ୍ ସାହେବ ସାକ୍ଷାତକାର ସମ୍ବନ୍ଧରେ କହୁଛନ୍ତି କି, ଯେଉଁ କ୍ଷଣୀ ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଚେହେରା ଉପରେ ମୋର ଦୃଷ୍ଟି ପଡ଼ିଲା ସେତେବେଳେ ଏପରି ଅନୁଭବ ହେଉଥିଲା କି ହଜୁର ଅନଓ୍ୱର ଅ:ବ:ଅଙ୍କ ବାବରକ୍‌ତ ଅସ୍ତିତ୍ୱରୁ ନୂର୍ (ଅର୍ଥାତ୍ ଜ୍ୟୋତି)ର କିରଣ ବିଚ୍ଛୁରିତ ହେଉଥିଲା । ମୁଁ ନିଜକୁ ଆଜି ବହୁତ ସୌଭାଗ୍ୟଶାଳି ମନେ କରୁଛି ଯେ, ଆଜି ମତେ ବହୁ ଦିନ ପରେ ଏ ଯୁଗର ଇମାମ୍‌ଙ୍କ ଖଲିଫାଙ୍କୁ ଦର୍ଶନ କରିବା ଓ ସାକ୍ଷାତ କରିବାର ସୌଭାଗ୍ୟ ମିଳିଲା ।

ଅତାଉଲ୍ ଫହିମ୍ ସାହେବ ଯିଏ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର କରିବା ପାଇଁ ଆଟ୍‌ଲାଂଟା ଜର୍ଜିୟାରୁ ବହୁତ ଲମ୍ବା ଯାତ୍ରା ଅତିକ୍ରମ କରି ଏଠାରେ ପହଂଚିଥିଲେ, ସେ ବର୍ଣ୍ଣନା କରୁଛନ୍ତି କି, ଯେଉଁ କ୍ଷଣି ମୁଁ ସାକ୍ଷାତ କରିବା ପାଇଁ ଦଫ୍‌ତର ଭିତରକୁ ପ୍ରବେଶ କଲି ସେତେବେଳେ ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଚେହେରାରେ ଏତେ ମାତ୍ରାରେ ନୂର୍ ଥିଲା ଯେ, ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କ ଆଡ଼କୁ ଅଧିକ ସମୟ ପର୍ଯ୍ୟନ୍ତ ଚାହିଁ ପାରିଲି ନାହିଁ ।

ମୁକ୍‌ରମ୍ ଉମର୍ ଖଲିଲ୍ ସାହେବ ଯିଏ, ଯମାତ୍ ରିଚମଣ୍ଡ ଭର୍ଜିନିୟାରୁ ସାକ୍ଷାତ କରିବାପାଇଁ ଆସିଥିଲେ, ସେ ବର୍ଣ୍ଣନା କରୁଛନ୍ତି କି, ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଆଜି ମୋର ଏହା ପ୍ରଥମ ସାକ୍ଷାତକାର ଥିଲା । ମୁଁ ମୋର ଖୁସୀକୁ ଶବ୍ଦରେ ବର୍ଣ୍ଣନା କରିପାରୁନାହିଁ । ମୁଁ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଗୋଟିଏ ମୁଦୀ ନିବେଦନ କରିବାରେ ହଜୁର ଅନଓ୍ୱର ଅ:ବ:ଅ ମୋ ମୁଦିଟିକୁ ନେଇ ତାକୁ ବାବର୍‌କତ୍ କରି ମୋତେ ଫେରାଇଦେଲେ ।

ମୁକ୍‌ରମ୍ ଅଲୀ ଚୌଧୁରୀ ସାହେବ ଯିଏ ମ୍ୟାରିଲ୍ୟାଣ୍ଡରେ ରହୁଛନ୍ତି ସେ ସାକ୍ଷାତକାର କରିସାରିବା ପରେ ନିଜର ମନୋଭାବକୁ ବ୍ୟକ୍ତ କରି କହୁଛନ୍ତି ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ଦଫ୍‌ତରରେ ପ୍ରବେଶ କରିବା କ୍ଷଣି ଏପରି ଲାଗୁଛି କି, ଯେପରି ସମୟ ଅଟକି ଯାଇଛି ଏବଂ ଆପଣ ଗୋଟିଏ ନୂଆ ଆଧ୍ୟାତ୍ମିକ ସଂସାରରେ ପ୍ରବେଶ କରୁଅଛନ୍ତି । ଖିଲାଫତ୍‌ର ଦରବାରର ଆଧ୍ୟାତ୍ମିକ ଆଲୋକ ଓ ଜ୍ୟୋତିପୂର୍ଣ୍ଣ ଦୃଶ୍ୟ ଅତ୍ୟନ୍ତ ଅବର୍ଣ୍ଣନୀୟ । ହଜୁର ଅନଓ୍ୱର ଅ:ବ:ଅ ଯମାତ୍‌ର ପ୍ରତ୍ୟେକ ସଦସ୍ୟଙ୍କ ପାଇଁ ଦରଦ ରଖିଛନ୍ତି ଓ ଛୋଟ ଛୋଟ କଥା ଉପରେ ମଧ୍ୟ ହଜୁର ଦୃଷ୍ଟି ରଖିଛନ୍ତି । ସାକ୍ଷାତକାର କରିବା ସମୟରେ ହଜୁର ମୋର ଏବଂ ମୋ ସ୍ତ୍ରୀଙ୍କ ଚାକିରି ସମ୍ବନ୍ଧରେ ମଧ୍ୟ ପଚାରି ବୁଝିଲେ ।

ଦାଉଦ୍ ଅହେମଦ୍ ସାହେବ ନିଜ ଫ୍ୟାମିଲି ସହିତ ସାକ୍ଷାତ କରିବା ପାଇଁ ଆସିଥିଲେ, ସେ କହୁଛନ୍ତି କି, ଆମେ ୧୮ ବର୍ଷ ହେବ ଆମେରିକାରେ ବସବାସ କରୁଛୁ କିନ୍ତୁ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଏହା ଆମର ପ୍ରଥମ ସାକ୍ଷାତକାର ଥିଲା । ଆମେ ହଜୁର ଅନଓ୍ୱର ଅ:ବ:ଅଙ୍କୁ ଦୁଆ କରିବା ନିମନ୍ତେ ଅନୁରୋଧ କଲୁ । ତାଙ୍କ ଝିଅ ବତାଇଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ପବିତ୍ର ଚେହେରାରେ ନୂର ହିଁ ନୂର ଥିଲା । ଏହି ସାକ୍ଷାତକାର ଅତ୍ୟନ୍ତ ଯାଦୁଗରି ଓ ସୁନ୍ଦର ଥିଲା । ହଜୁର ଅନଓ୍ୱର ଅ:ବ:ଅ ଆମ ସହିତ ଏତେ ପ୍ରେମର ସହିତ ମିଳିଲେ ଯେ, ସେହି ସାକ୍ଷାତକାର ଓ ନିଜ ଆକାଙ୍କର ପ୍ରେମଭାବର ନକ୍‌ସା ଆମ ହୃଦୟରେ ସବୁଦିନ ପାଇଁ ଛାପି ହୋଇ ରହିଗଲା ।

ସାକ୍ଷାତକାରର ଏହି ପ୍ରୋଗ୍ରାମ ୩:୩୦ ପର୍ଯ୍ୟନ୍ତ ଜାରି ରହିଲା ଏହାପରେ ହଜୁର ଅନଓ୍ୱର ଅ:ବ:ଅ ମସ୍‌ଜିଦ୍ ବଇତୁର ରହମାନ୍‌ଠାରେ ପହଂଚି ଯୋହର୍ ଏବଂ ଅସର ନାମଜ ଯମା କରି ପଢ଼ାଇଲେ । ଏହା ପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

### ମଜ୍‌ଲିସ୍ ଅନ୍‌ସାରୁଲାଃ ୟୁ.ଏସ୍.ଏର ନ୍ୟାସନାଲ୍ ଆମେଲାର ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତକାର

ପ୍ରୋଗ୍ରାମ ମୁତାବକ ଠିକ୍ ୬.୨୦ ମିନିଟରେ ହଜୁର ଅନଓ୍ୱର ଅ:ବ:ଅ ମିଟିଂ ରୁମ୍ ଭିତରକୁ ପ୍ରେବେଶ କଲେ । ଯେଉଁଠାରେ ନ୍ୟାସନାଲ୍ ମଜ୍‌ଲିସ୍ ଅନ୍‌ସାରୁଲାଃ ୟୁ.ଏସ୍.ଏ ର ହଜୁର ଅନଓ୍ୱରଙ୍କ ସହିତ ମିଟିଂ ଆରମ୍ଭ ହେଲା । ମିଟିଂର ପ୍ରାରମ୍ଭରେ ହଜୁର ଅନଓ୍ୱର ଅ:ବ:ଅ ଦୁଆ କରାଇଲେ ।

ତା'ପରେ ହଜୁର ଅନଓ୍ୱର ଅ:ବ:ଅ ସର୍ବପ୍ରଥମେ କାଏଦ୍ ଉମୁମିଙ୍କୁ ପଚାରିଲେ ଯେ, ସର୍ବ ମୋଟ କେତୋଟି ମଜ୍‌ଲିସ୍ ଅଛି ଓ କ'ଣ ସମସ୍ତଙ୍କଠାରୁ ରିପୋର୍ଟ ଆସୁଛି କି ଏବଂ ଆପଣ କ'ଣ ମର୍କଜକୁ ରିପୋର୍ଟ ପଠାଉଛନ୍ତି କି? ଏଥିରେ କାଏଦ୍ ଉମୁମି କହିଲେ ଯେ, ଆମେରିକାରେ ଅନ୍‌ସାରୁଲାଃର ମୋଟ ୭୩ଟି ମଜ୍‌ଲିସ୍ ଅଛି ସେ ସବୁକୁ ୧୩ଗୋଟି ରିଜିଓନ୍‌ରେ ବ୍ୟଭକ୍ତ କରାଯାଇଛି । ସମସ୍ତ ମଜ୍‌ଲିସ୍‌ଙ୍କଠାରୁ ରିପୋର୍ଟ ହସ୍ତଗତ ହେଉଅଛି । ଓ ନିୟମିତ ପ୍ରତ୍ୟେକ ମାସ ମର୍କଜକୁ ମଧ୍ୟ ରିପୋର୍ଟ ପଠାଯାଉଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ କେବଳ ରିପୋର୍ଟ ହାସଲ କରୁଛନ୍ତି କାମ ହେଉ ବା ନହେଉ ? ଏଥିରେ କାଏଦ୍ ଉମୁମି ସାହେବ କହିଲେ ଯେ, ସମସ୍ତ ମଜ୍‌ଲିସ୍ ଗୁଡ଼ିକରେ ଭିନ୍ନ ଭିନ୍ନ ପ୍ରୋଗ୍ରାମ ଅନୁଷ୍ଠିତ ହେଉଅଛି ଓ ସେଗୁଡ଼ିକର ବିବରଣି ମଜ୍‌ଲିସ୍‌ର ରିପୋର୍ଟରେ ଦରଜ ହେଉଛି ।

ହଜୁର ଅନଓ୍ୱର ଅ:ବ:ଅଙ୍କ ପଚାରିବାରେ କାଏଦ୍ ତାଲିମୁଲ୍ କୁର୍‌ଆନ୍ କହିଲେ ଯେ, ହଜୁର ଅନଓ୍ୱର ଅ:ବ:ଅଙ୍କ ନିର୍ଦ୍ଦେଶାବଳୀର ଆଲୋକରେ ଆମର ଏ ଲକ୍ଷ୍ୟ ରହିଛି ଯେ, ସତପ୍ରତିଶତ ଅନ୍‌ସାରୁଲାଃ ପ୍ରତ୍ୟହ ପବିତ୍ର କୋରାନ୍ ପାଠ କରନ୍ତୁ । ବର୍ତମାନର ରିପୋର୍ଟ ମୁତାବକ ୬୨% ଅନ୍‌ସାର ପ୍ରତ୍ୟେକ ଦିନ ପବିତ୍ର କୋରାନ୍ ପାଠ କରୁଛନ୍ତି ।

ହଜୁର ଅନଓ୍ୱର ଅ:ବ:ଅ ପଚାରିଲେ ଯେ, କ'ଣ ଓ୍ୱକ୍‌ଫେ ଆର୍ଜି ଆପଣଙ୍କ ବିଭାଗର ଦାୟିତ୍ୱ କି, କେତେ ଜଣ ଅନ୍‌ସାର ଓ୍ୱକ୍‌ଫେ ଆର୍ଜି କରିଛନ୍ତି? ଏଥିରେ କାଏଦ୍ ସାହେବ ତାଲିମୁଲ୍ କୁର୍‌ଆନ୍ କହିଲେ ଯେ, ପଛ ବର୍ଷ ମୋଟ ୫୨ ଜଣ ଅନ୍‌ସାର ଓ୍ୱକ୍‌ଫେ ଆର୍ଜି କରିଥିଲେ ଯେବେ କି ଏ ବର୍ଷର ଗଣନା ବର୍ତମାନ ଆମ ନିକଟରେ ମହଜୁଦ୍ ନାହିଁ ।

⌘⌘⌘⌘⌘⌘⌘⌘⌘⌘

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଯେ ପର୍ଯ୍ୟନ୍ତ ଆପୋଷରେ ତୁମର ମାମଲା ସଫା ନ ରହିଛି ସେ ପର୍ଯ୍ୟନ୍ତ ଖୁଦାତାଲାଙ୍କ ସହିତ ମଧ୍ୟ ମାମଲା ସଫା ହୋଇପାରିବ ନାହିଁ''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Faiza Noor, D/o- Dr. Manzoor Hussain Sb, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ପବିତ୍ର କୋରାନ୍‌କୁ ବୁଝିବା ଓ ତା' ମୁତାବକ ହିଦାୟତ୍ ପାଇବା ପାଇଁ ଅସଲ ଆବଶ୍ୟକତା ହେଉଛି ତକ୍‌ଓ୍ୱା (ଅର୍ଥାତ୍ ଧର୍ମପରାୟଣତା)''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୧୨୧)*

**ତାଲିବେ ଦୁଆ:** *Idrish Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ତୁମମାନଙ୍କର ଆଦର୍ଶ ହେଉଛନ୍ତି ସେହି ଲୋକମାନେ ଯାହାଙ୍କ ଉଦ୍ଦେଶ୍ୟରେ ଅଲ୍ଲାଃ ତାଲା କହିଛନ୍ତି ଯେ, କୌଣସି ବେପାର ବଣିଜ ଓ କିଣାବିକା ତାଙ୍କୁ ଜିକ୍‌ରୁଲ୍ଲାଃ (ଅର୍ଥାତ୍ ଅଲ୍ଲାଃଙ୍କ ସ୍ତୁତିଗାନ କରିବା)ରୁ ରୋକେ ନାହିଁ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୪୦୭)*

**ତାଲିବେ ଦୁଆ:** *Mufleh-u-ddin Khan, Jamat Ahmadiyya, Kerang (Odisha)*

### କଲାମୁଲ୍ ଇମାମ୍ (ଯୁଗଅବତାରଙ୍କ ବାଣୀ)

''ଏହି ନୁସ୍‌ଖା (ଅର୍ଥାତ୍ ବିଧି)କୁ ସର୍ବଦା ମନେରଖ ଓ ଏଥିରୁ ଲାଭ ଉଠାଅ ଅର୍ଥାତ୍ ଯେବେ କୌଣସି ଦୁଃଖ ବା ଦୁର୍ଦ୍ଦଶା ଆସେ ତେବେ ତତ୍‌କ୍ଷଣାତ୍ ନମାଜ୍‌ରେ ଛିଡ଼ା ହୋଇଯାଅ ।''

*(ମଲ୍‌ଫୁଜାତ୍, ଖଣ୍ଡ-୫, ପୃ-୯୬)*

**ତାଲିବେ ଦୁଆ:** *Sharif-u-ddin Khan, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଆମେ ସେତେବେଳେ ବାସ୍ତବିକ ଅହେମଦି ହୋଇପାରିବା ଯେତେବେଳେ ଆମେ ଅସ୍ଥାୟୀ ଓ ସାଂସାରିକ କାମନା ଓ ଭୋଗବିଳାସକୁ ନିଜର ଉଦ୍ଦେଶ୍ୟ ନ ବନାଇବା''

*(ଖୁତ୍‌ବା ଯୁମାଃ ପ୍ରଦତ ୫ ମଇ ୨୦୧୭)*

**ତାଲିବେ ଦୁଆ:** *Amiruddin Khan & Family, Jamat Ahmadiyya, Kerang (Odisha)*

### ହଜ୍‌ରତ୍ ଅମୀରୁଲ୍ ମୁମିନିନ୍‌ଙ୍କ ନୀତି ବାଣୀ

''ଯଦି ତୁମେ ଚାହୁଁଛ ଯେ, ତୁମକୁ ଇହକାଳ ଓ ପରକାଳରେ ସଫଳତା ମିଳୁ ଓ ତୁମେ ଲୋକମାନଙ୍କ ଉପରେ ବିଜୟପ୍ରାପ୍ତ କର, ତେବେ ପବିତ୍ରତା ଅବଲମ୍ବନ କର, ନିଜକୁ ସୁଧାର ଓ ଅନ୍ୟମାନଙ୍କୁ ନିଜ ଉତମ ଚରିତ୍ରର ନମୁନା ଦେଖାଅ, ତେବେ ନିଶ୍ଚିତରୂପେ ସଫଳ ହେବ ।''

*(ଖୁତ୍‌ବା ଜୁମା ପ୍ରଦତ ୧ ଜାନୁୟାରୀ ୨୦୧୬)*

**ତାଲିବେ ଦୁଆ:** *Anisha Begum, Jamat Ahmadiyya, Kerang (Odisha)*

**EDITOR**
Qamarul Haque Khan
Sub-Editor : Maqsood Ali Khan
Mob : (+91) 9437128786
e-mail :odiabadar@gmail.com

REGISTERED WITH THE REGISTRAR OF THE NEWSPAPERS FOR INDIA AT NO PUNODI/2016/68750

Weekly **BADAR** Qadian ସାପ୍ତାହିକ ବଦର କାଦିଆନ

Distt: Gurdaspur (Pb.) INDIA Qadian - 143516

Postal Reg. No.GDP-40/2017-2019 Vol.4 Thursday 18 July 2019 Issue No. 29

**MANAGER**
NAWAB AHMAD
Tel : +91 -1872-224757
Mobile. : +91 - 94170-20616
e-mail :managerbadrqnd@gmail.com

**ANNUAL SUBSCRIPTION:**Rs.500/- (Per Issue:Rs.9/-) (**WEIGHT** - 20-50gms/issue)

# ସୟଦ୍ନା ହଜ୍ରତ୍ ଅମିରୁଲ୍ ମୁମିନିନ୍ ଖଲିଫତୁଲ୍ ମସିହିଲ୍ ଖାମିସ୍ ଅ:ବ:ଅ ଙ୍କ ଆମେରିକା ଗସ୍ତ - (ଅକ୍ଟୋବର ୨୦୧୮)

## ୨୯ ଅକ୍ଟୋବର ୨୦୧୮(ସୋମବାର) ଆମେରିକାର ମୁବଲ୍ଲିଗ୍ମାନଙ୍କର ହଜୁର ଅନଓ୍ୱରଙ୍କ ସହିତ ହୋଇଥିବା ସାକ୍ଷାତକାରର ବଳକା ଅଂଶ

ହଜୁର ଅନଓ୍ୱର ଅ:ବ:ଅ ଗୋଟିଏ ପ୍ରଶ୍ନର ଉତରରେ ମଖ୍ରଜ୍ ସମ୍ବନ୍ଧରେ ହିଦାୟତ ଦେଇ କହିଲେ ଯେ, ନମାଜ୍ ପଢ଼ିବାକୁ ଯଦି ଆସୁଛନ୍ତି ତେବେ ଠିକ୍ ଅଛି ନିଶ୍ଚିତ ରୂପେ ଆସୁ କିନ୍ତୁ ତା'ଠାରୁ କୌଣସି ଯମାତି କାମ କର୍ମୀ ରୂପେ ମଧ ନେବ ନାହିଁ । ଆମେ ତାକୁ ଅହେମଦୀୟତରୁ ବାହାର କରିନାହୁଁ ବରଂ ନିଜାମ୍ରୁ ବାହାର କରିଅଛୁ । ନିଜାମ୍ ରେ ଯେଉଁ ବ୍ୟବସ୍ଥା ରହିଛି ସେଥିରେ ତାକୁ ସଂପୃକ୍ତ କରାଇବ ନାହିଁ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯେ, ଜଣେ ମୁରବୀଙ୍କ କାର୍ଯ୍ୟ ହେଉଛି ଏହା କି ସେ ତା'ର ତରବିୟତ କରୁ ଓ ତାକୁ ବୁଝାଉ ଯେ, ସେ ନିଜାମେ ଯମାତ୍ର ଅଙ୍ଗ ହେଉ । ହଜୁର ଅନଓ୍ୱର ଅ:ବ:ଅ କହିଲେ ମତେ ଯେ କୌଣସି ଦଣ୍ଡିତ ବ୍ୟକ୍ତି ଚିଠି ଲେଖୁଛନ୍ତି ମୁଁ ତାଙ୍କୁ ପ୍ରତ୍ୟେକ୍ଷରୂପେ ଉତର ଦେଉନାହିଁ । ଯେତେବେଳେ ନିଜାମେ ଯମାତ୍ ତରଫରୁ ରିପୋର୍ଟ ପ୍ରାପ୍ତ ହେବ ଅଥବା ତାଙ୍କୁ କ୍ଷମା ଦେଇ ଦିଆଯିବ ତେବେ ପୁଣି ଠିକ୍ ଅଛି । ନିଜାମେ ଯମାତ୍ର ସମ୍ମାନକୁ ମଧ କାୟମ ରଖିବାକୁ ହେବ ଓ ଏମାନଙ୍କର ଇସଲାହ୍ ମଧ କରିବାକୁ ହେବ ।

ଜଣେ ମୁବ୍ଲିଗ୍ କହିଲେ ଯେ, ଗୋଟିଏ ଯମାତ୍ର ସଂଖ୍ୟା ବହୁତ ଅଛି ଉଦାହରଣ ସ୍ୱରୂପ ଆଠଶହରୁ ଅଧିକା ଲୋକେ ଅଛନ୍ତି । ଏଥିରେ ହଜୁର ଅନଓ୍ୱର ଅ:ବ:ଅ କହିଲେ ଯଦି ତର୍ବିୟତି କାର୍ଯ୍ୟର ଦୃଷ୍ଟି କୋଣରୁ ଆପଣ ମାନଙ୍କୁ ଅସୁବିଧା ହେଉଅଛି ତେବେ ଆପଣମାନେ ଅମିର ସାହେବଙ୍କୁ ଲେଖନ୍ତୁ ଫଳତଃ ସେ ଦୁଇଟି ଯମାତ୍ କରିଦେବେ ।

ଶେଷରେ ହଜୁର ଅନଓ୍ୱର ଅ:ବ:ଅ କହିଲେ କଥାର ସାରାଶଂ ହେଉଛି ଏହା କି, ଆପଣ ଯେଉଁ ମୁବ୍ଲିଗମାନେ ଅଛନ୍ତି ସମସ୍ତେ ନିଜ ଯମାତ୍ ସମ୍ମୁଖରେ ରୋଲ୍ ମଡ଼େଲ୍ ହେବା ଉଚିତ । ଉପାସନା ଅଛି, ନାମଜ୍ ଅଛି, ଉତମ ଚରିତ୍ର ଅଛି, କଥାବାର୍ତା ଅଛି, ଦିନିଇଲମ୍ ଅର୍ଥାତ୍ ଧର୍ମଜ୍ଞାନ ଅଛି, ସାଧାରଣ ଜ୍ଞାନ ଅଛି, ଦେଶର କାନୁନ ବ୍ୟବସ୍ଥାକୁ ମଧ ଜାଣିବା ଉଚିତ । ଆପଣମାନେ କେତେକ ସ୍ଥାନକୁ ଯମାତ୍ର ପ୍ରତିନିଧିତ୍ୱ କରିବାକୁ ଯାଉଛନ୍ତି ତେଣୁ ଦେଶର ଅବସ୍ଥାର ଜ୍ଞାନ ଆପଣମାନଙ୍କ ଠାରେ ରହିବା ଉଚିତ ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଯମାତ୍ର ପ୍ରତ୍ୟେକ ସଦସ୍ୟଙ୍କ ମଧରେ ଏ ଅନୁଭବ ରହିବା ଉଚିତ କି, ଆପଣମାନେ କାହାର ପକ୍ଷ ନେଇ ପାତରଅନ୍ତର ନ କରନ୍ତୁ । ଯେତେବେଳେ ତାଙ୍କ ଖାନ୍ଦାନ୍ର ଆପୋଷ ମନମଳିନ୍ୟତା ଦେଖିବେ ସେତେବେଳେ ସେମାନଙ୍କୁ ବୁଝାନ୍ତୁ କିନ୍ତୁ କାହା ଘରେ ଯାଇ ଚା' ପିଇବେ ନାହିଁ ଯେ ପର୍ଯ୍ୟନ୍ତ ସେମାନଙ୍କ ର ମଧରେ ସୁଲ୍ହାସଫାଇ ନ ହୋଇଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ମୁଁ ଯେତେ ସବୁ କଥା କହିଲି ସମସ୍ତଙ୍କୁ ଏହାର ନୋଟିସ ନେବା ଉଚିତ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଆପଣମାନେ ସମସ୍ତେ ଯେଉଁ ଖୁତ୍ବା ଜୁମା ଶୁଣୁଛନ୍ତି, ଏ କଥା ମଧ ଅଭ୍ୟାସରେ ପକାନ୍ତୁ ଯେ, ସେଥିରୁ ପଏଂଟ ବାହାର କରି ନୋଟିସ ନିଅନ୍ତୁ । ଆମର ଏଠି ୟୁ.କେ ରେ କିଛି ମୁବ୍ଲିଗ୍ ଅଛନ୍ତି ଯେଉଁମାନେ ଖୁତ୍ବାର ନୋଟିସ ନେଉଛନ୍ତି ଓ ପୁଣି ସପ୍ତାହ ଯାକ ସେଇ ନୋଟିସ ଗୁଡ଼ିକ ସେମାନଙ୍କ ଦରସ୍ ଦେବା ନିମନ୍ତେ କାର୍ଯ୍ୟରେ ଆସୁଛି ।

ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଫଜଲ୍କୁ ଅଧୟନ କରନ୍ତୁ । ହଜରତ ଖଲିଫତୁଲ୍ ମସିହିଲ୍ ସାନି ର:ଅ ସେହି ଲୋକମାନଙ୍କୁ ସମ୍ବୋଧନ କରି କହିଥିଲେ କି ଯେଉଁମାନେ ଅଲ୍ଫଜଲ୍ ପଢୁନଥିଲେ ମୁଁ ତ ଅଲ୍ଫଜଲ୍ ପଢୁଅଛି । ମୋ ପାଇଁ ତ କୌଣସି ନା କୌଣସି ବିଷୟରେ କୌଣସି ନୂଆ କଥା ମିଳିଯାଇଥାଏ । ହଜୁର ଅନଓ୍ୱର ଅ:ବ:ଅ କହିଲେ ଯାହାଙ୍କ ନିକଟକୁ ଅଲ୍ଫଜଲ୍ ଅଖ୍ବାର ଆସୁନାହିଁ ସେମାନେ ମିଶ୍ନାରୀ ଇନ୍ଚାର୍ଜଙ୍କୁ ବତାନ୍ତୁ । ଅନଲାଇନ୍ ତ ଆସିଯାଉଛି । ହଜୁର ଅନଓ୍ୱର ଅ:ବ:ଅ କହିଲେ ଅଲ୍ଫଜଲ୍ ପଢ଼ିବା ଦ୍ୱାରା ଆପଣମାନଙ୍କ ଉର୍ଦ୍ଦୁ ଭାଷା ବହୁତ ଭଲ ହୋଇଯିବ ।

ହଜୁର ଅନଓ୍ୱର ଅ:ବ:ଅ ହିଦାୟତ ଦେଇ କହିଲେ ଯେ, ହଜରତ ମସିହ ମଉଦ ଆ:ସଙ୍କ ତଫ୍ସିରୁଲ୍ କୁର୍ଆନ୍ ପୁସ୍ତକକୁ ନିୟମିତ ଅଧୟନ କରନ୍ତୁ । ଏତଦ୍ ବ୍ୟତିତ ଅତିକମ୍ରେ ଅଧଘଂଟା ପ୍ରତିଦିନ ହଜରତ ମସିହ ମଉଦ ଆ:ସଙ୍କ କୌଣସି ନା କୌଣସି ପୁସ୍ତକକୁ ନିଶ୍ଚିତ ରୂପେ ପଢ଼ନ୍ତୁ ।

ୟୁ.ଏସ୍.ଏ ର ମୁବ୍ଲିଗ୍ମାନଙ୍କର ହଜୁର ଅନଓ୍ୱର ଅ:ବ:ଅ ଙ୍କ ସହିତ ଏହି ମିଟିଙ୍ଗ ଠିକ୍ ଆଠଟା ବେଳେ ଶେଷ ହେଲା ଏହାପରେ ହଜୁର ଅନଓ୍ୱର ଅ:ବ:ଅ ମସ୍ଜିଦ୍ ଚାଲିଗଲେ ଯେଉଁଠାରେ ପ୍ରୋଗ୍ରାମ ମୁତାବକ ତକ୍ରିବେ ଆମିନ୍ (ଆମିନ୍ ଉତ୍ସବ ଅନୁଷ୍ଠିତ ହେଲା)

### ତକ୍ରିବେ ଆମିନ୍ (ଆମିନ୍ ଉତ୍ସବ)

ହଜୁର ଅନଓ୍ୱର ଅ:ବ:ଅ ନିମ୍ନଲିଖିତ ୨୦ ଜଣ ପୁଅଝିଅଙ୍କଠାରୁ ଗୋଟିଏ ଗୋଟିଏ ଆୟତ ଶୁଣିଲେ ଓ ଶେଷରେ ଦୁଆ କରାଇଲେ ।

ଅଜିଜ୍ ଆଶିର୍ ଅହମଦ୍, ମୁସ୍ତଫା କଓ୍ୱିମୁଦ୍ଦିନ୍, ଫହଦ୍ ମୁବାରିଜ୍ ଭଟ୍ଟି, ଯୁନୈଦ୍ ସିଦ୍ଦିକ୍, ମୁସ୍ତଫି ଅହେମଦ୍, ଶୋଏବ୍ ଅସ୍ଲମ୍ ଚୌଧୁରୀ, ଅସଦ୍ ଚୌଧରୀ, ମୁତାହର୍ ଅହମଦ୍ ଓ୍ୱାହିଲା ।

ଅଜିଜା ଅତିକାଃ ମୁଆଜ୍ ମିର୍ଜା, ଆଇଜ୍ ମେହମୁଦ୍, ଫାତ୍ମା ଜୋହରା, ଯାଜ୍ବାଃ ମନ୍ଶାଦ୍, ଲବିନା ମନ୍ଶୁର୍ ଅହମଦ୍, ମଶଅଲେ ଓ୍ୱକାର୍, ରିଜ୍ୱାନା ମୁଆଜ୍ ମିର୍ଜା, ସବିକାଃ ଅହେମଦ୍, ସୟଦାଃ ମଲାହତ୍, ନାଇଲା ଅମତୁଲ୍ ହଇ, ଫରହ୍ଃ ଇମାନ୍ ଅହମଦ୍ ଏବଂ ଅଦିଲା ଅମତୁଲ୍ ହଇ ।

ତକ୍ରିବେ ଆମିନ୍ ପରେ ହଜୁର ଅନଓ୍ୱର ଅ:ବ:ଅ ମଗ୍ରିବ୍ ଏବଂ ଇଶା ନମାଜକୁ ଯମା କରି ପଢ଼ାଇଲେ । ନମାଜ୍ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବାସସ୍ଥଳୀକୁ ଚାଲିଗଲେ ।

## ୩୦ ଅକ୍ଟୋବର ୨୦୧୮ ମଙ୍ଗଳବାର

ହଜୁର ଅନଓ୍ୱର ଅ:ବ:ଅ ଭୋର ୬.୩୦ରେ ମସଜିଦ୍ ବଇତୁର ରହମାନଠାରେ ପହଂଚି ଫଜର୍ ନମାଜ ପଢ଼ାଇଲେ । ନମାଜ ପାଠପରେ ହଜୁର ଅନଓ୍ୱର ଅ:ବ:ଅ ନିଜ ଆବସାସ୍ଥଳୀକୁ ଚାଲିଗଲେ ।

ସକାଳ ବେଳା ହଜୁର ଅନଓ୍ୱର ଅ:ବ:ଅ ଦଫତରି ଡ଼ାକ, ଚିଠିପତ୍ର ଓ ରିପୋର୍ଟସ ଇତ୍ୟାଦି ନିରିକ୍ଷଣ କଲେ ଓ ସେଥିରେ ଟିପ୍ପଣୀ ପ୍ରଦାନ କଲେ ।

ମସଜିଦ ବିଇତୁର ରହମାନଠାରୁ ଉଣା ଅଧିକେ ୫୦ ମାଇଲ ଦୂରତାରେ ମଜଲିସ୍ ଅନ୍ସାରୁଲା ୟୁ.ଏସ୍.ଏ ଅନ୍ତର୍ଗତ ଜାପା ଇଲାକାରେ ଗୋଟିଏ ନଦୀ କୂଳରେ ଏକ ହାଉସିଂ ସ୍କିମ ଉପରେ କାମ ହେଉଅଛି । ଯେଉଁଠି ସବୁତକ ଘର ଅହମଦୀ ମାନଙ୍କର ହିଁ ହେବ । ଏଠାରେ ୪୮ଟି ଘରର ନିର୍ମାଣ ଯୋଜନା ରଖାଯାଇଛି ଓ ଏଠାରେ ଗୋଟିଏ କମ୍ୟୁନିଟି ସେଂଟର ଓ ଗୋଟିଏ ମସଜିଦ ମଧ ଅଛି ।

ଆଜି ପ୍ରୋଗ୍ରାମ ମୁତାବକ ଉକ୍ତ ସ୍ଥାନକୁ ପରିଦର୍ଶନ କରିବାର ଥିଲା । ହଜୁର ଅନଓ୍ୱର ଅ:ବ:ଅ ଠିକ୍ ୯.୩୦ ରେ ନିଜ ଆବସାସ୍ଥଳୀରୁ ବାହାରକୁ ବାହାରି ସେଠାରୁ ଜାପା ନିମନ୍ତେ ଯାତ୍ରା ଆରମ୍ଭ କଲେ । ପାଖାପାଖି ଏକ ଘଂଟାର ଯାତ୍ରା କରିବା ପରେ ଠିକ୍ ୧୦:୩୦ ରେ ଏଠାରେ ପହଂଚିଲେ ।

ବର୍ତମାନ ଏଠାରେ ଚଉଦଟି ଘର ନିର୍ମାଣ ହୋଇସାରିଛି । ଗୋଟିଏ ବ୍ଲକରେ ଚାରଟି ଘର ରହିଛି ଏବଂ ଆଉ ଦୁଇଟି ବ୍ଲକରେ ପାଂଚଟି ଲେଖାଏଁ ଘର ରହିଛି । ହଜୁର ଅନଓ୍ୱର ଅ:ବ:ଅ ଉକ୍ତ ନିର୍ମାଣ ହୋଇସାରିଥିବା ଘର ଗୁଡ଼ିକୁ ପରିଦର୍ଶନ କଲେ ଏବଂ ଉକ୍ତ ହାଉସିଂ ଯୋଜନା ଓ ପ୍ଲାନିଙ୍ଗର ତଦାରଖ କଲେ ।

ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଏଜାଜ୍ ଅହେମଦ ଖାନ୍ ସାହେବଙ୍କ ଘରକୁ କିଛି ସମୟ ପାଇଁ ଗଲେ । ତା'ପରେ ମୋକରମ୍ ଅତାଉଲ୍ କରିମ୍ ଚୌଧୁରୀ ସାହେବ ରିଜିଓନାଲ୍ ନାଜିମ୍ ଆଲା ଅନ୍ଶାରୁଲାଃ ନର୍ଥୱେଷ୍ଟ ରିଜିଓନ୍ଙ୍କ ଘରକୁ ମଧ ପରିଦର୍ଶନ କଲେ । ବାଲ୍ଟିମ୍ୟୁର ପୂର୍ବତନ ସଦର ଯମାତ୍ ଡ଼ାକ୍ତର ଅମୀନ୍ ବେଗ୍ ସାହେବଙ୍କ ଘରକୁ ମଧ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ଗଲେ ।

ଏହାପରେ ମୋକ୍ରମ୍ ଅବଦୁର୍ ରଫିକ୍ ଜିଦିରାନ୍ ସାହେବଙ୍କ ଘରକୁ ମଧ ହଜୁର ଅନଓ୍ୱର ଅ:ବ:ଅ କିଛି ସମୟ ପାଇଁ ଗଲେ । ରଫିକ୍ ଜିଦିରାନ୍ ସାହେବ ମଜ୍ଲିସ୍ ନୁସ୍ରତ୍ ଯାହାଁ ଅନ୍ତର୍ଗତ ଘାନା ଦେଶରେ ପାଖାପାଖି ୧୪ ବର୍ଷ ବିଭିନ୍ନ ହାଇସ୍କୁଲ୍ରେ ପ୍ରିନ୍ସିପାଲ ରହିଛନ୍ତି ।

ଉକ୍ତ ଘର ମାନଙ୍କ ମଧରେ ଗୋଟିଏ ଘର ୟୁ.ଏସ୍.ଏ ଯମାତ୍ର ଗେଷ୍ଟ ହାଉସ୍ ନିମନ୍ତେ ବିଶେଷ ରୂପେ ରଖାଯାଇଛି । ହଜୁର ଅନଓ୍ୱର ଅ:ବ:ଅ ଉକ୍ତ ଘରର ମଧ ନିରୀକ୍ଷଣ କଲେ । ଏଠାରେ ପ୍ରଥମ ବ୍ଲକରେ ଗୋଟିଏ ଘର ମର୍କଜୀ ଗେଷ୍ଟ ହାଉସ୍ ନିମନ୍ତେ ମଧ ନିର୍ମାଣ କରାଯାଇଛି । ହଜୁର ଅନଓ୍ୱର ଅ:ବ:ଅ ଉକ୍ତ ଗେଷ୍ଟ ହାଉସକୁ ମଧ ସବିଶେଷ ପରିଦର୍ଶନ କଲେ ଓ ତା' ଭିତରେ ଥିବା ପାର୍ଟିସନ୍ ପ୍ରସଙ୍ଗରେ କିଛି ହିଦାୟତ ଦେଲେ ।

ଏହାପରେ ମଜଲସ୍ ଅନ୍ସାରୁଲାଃ ର ଯେଉଁ ସଦସ୍ୟମାନେ ସେ ସମୟରେ ଉପସ୍ଥିତ ଥିଲେ ସେମାନେ ସମସ୍ତେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପାଇଲେ ।

ଏହାପରେ ଠିକ୍ ୧୧:୩୦ରେ ଏଠାରୁ ଫେରିଯିବାର ପ୍ରୋଗ୍ରାମ ଆରମ୍ଭ ହେଲା ଓ ଠିକ୍ ୧୨.୩୦ରେ ହଜୁର ଅନଓ୍ୱର ଅ:ବ:ଅ ମସଜିଦ୍ ବଇତୁର ରହମାନ୍ ଠାରେ ପହଂଚିଲେ ।

ହଜୁର ଅନଓ୍ୱର ଅ:ବ:ଅ ନିଜର ଦଫ୍ତରରେ ପର୍ଦାପଣ କଲେ ଯେଉଁଠି ପ୍ରୋଗ୍ରାମ ମୁତାବକ ଫ୍ୟାମିଲି ସାକ୍ଷାତକାର ଅନୁଷ୍ଠିତ ହେଲା ।

### ଫ୍ୟାମିଲି ସାକ୍ଷାତକାର

ଆଜି ସକାଳା ବେଳାର ଏହି ସେସନ୍ରେ ୬୨ଟି ଫ୍ୟାମିଲିର ୨୯୪ ଜଣ ସଦସ୍ୟ ଓ ୭୬ ବ୍ୟକ୍ତିଗତ ସଦସ୍ୟ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ସାକ୍ଷାତ କରିବାର ସୌଭାଗ୍ୟ ପ୍ରାପ୍ତ କଲେ । ଏହି ସମସ୍ତ ଫ୍ୟାମିଲି ଗୁଡ଼ିକ ଓ ବ୍ୟକ୍ତିଗତ ସଦସ୍ୟମାନେ ହଜୁର ଅନଓ୍ୱର ଅ:ବ:ଅଙ୍କ ସହିତ ଫଟୋ ଉଠାଇବାର ସୌଭାଗ୍ୟ ପ୍ରାପ୍ତ କଲେ । ହଜୁର ଅନଓ୍ୱର ଅ:ବ:ଅ ବହୁତ ସ୍ନେହର ସହିତ ଶିକ୍ଷା ଅର୍ଜନ କରୁଥିବା ଛାତ୍ରଛାତ୍ରୀମାନଙ୍କୁ କଲମ ଉପହାର ପ୍ରଦାନ କଲେ ଓ ଛୋଟ ଛୋଟ କୁନି ପିଲାମାନଙ୍କୁ ଚକଲେଟ୍ ପ୍ରଦାନ କଲେ ।

ଆଜି ସାକ୍ଷାତ କରିବାକୁ ଆସିଥିବା ସଦସ୍ୟମାନେ ଆମେରିକାର ନିମ୍ନଲିଖିତ ଯମାତ୍ ଗୁଡ଼ିକରୁ ଆସିଥିଲେ । ଓ୍ୱାଶିଂଟନର ବିଭିନ୍ନ ଯମାତ୍ ଗୁଡ଼ିକରୁ ଓ ପାକିସ୍ତାନରୁ ଆସିଥିବା ସଦସ୍ୟମାନଙ୍କ ବ୍ୟତିତ ସେଂଟ୍ରାଲ୍ ଭର୍ଜିନିୟା, ନର୍ଥ ଭର୍ଜିନିୟା, ଔଶ୍କୁସ୍, ଫ୍ଲାଡ଼େଲ୍ଫିୟା, ରିଚ୍ମଣ୍ଡ, ରିସର୍ଚ୍ଚଟ୍ରାଙ୍ଗଲ୍, ରୋଚିଷ୍ଟର, ସାଉଥ ଭର୍ଜିନିୟା ଏବଂ ତଲ୍ସା ଯମାତ୍ଗୁଡ଼ିକରୁ ସଦସ୍ୟମାନେ ସାକ୍ଷାତ କରିବାପାଇଁ ଏଠାରେ ପହଂଚିଥିଲେ । ଯେଉଁ ଫ୍ୟାମିଲିଗୁଡ଼ିକ ସବୁଠାରୁ ଅଧିକ ଦୂରତାକୁ ସଡ଼କ ପଥ ମାଧମରେ ଅତିକ୍ରମ କରି ଆସିଛନ୍ତି ସେମାନେ ୧୨୦୦ ମାଇଲ୍ର ଦୂରତାକୁ ପାଖାପାଖି ୧୯ ଘଂଟା ସମୟ ଅତିବାହିତ କରି ଏଠାରେ ପହଂଚିଥିଲେ ।

*ଅବଶିଷ୍ଟାଂଶ ପୃଷ୍ଠା- ୧୧ ରେ ଦେଖନ୍ତୁ...*

Printed & Published by: Jameel Ahmed Nasir on behalf of Nigran Board of Badar, Name of Owner :Nigran Board of Badar. And Printed at Fazle-Umar Printing Press, Harchuwal Road Qadian, Distt: Gurdaspur-143516, Punjab, India. And published at office of Weekly Badar Mohalla Ahmadiyya, Qadian Distt:Gsp-143516, Punjab.India. Editor: Qamarul Haque Khan